

ଅବସର ନେଲେ
ରୋନାଲ୍ଡୋ

▶ଖେଳ ପୃଷ୍ଠା ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-132 ♦FRIDAY ♦6 NOVEMBER 2026 ♦PAGE-12 ♦₹ 7.00

PANIKOILI

♦ବର୍ଷ-୪୪ ♦ସଂଖ୍ୟା-୧୩୨ ♦ଶୁକ୍ରବାର ♦୬ ନଭେମ୍ବର ୨୦୨୬ ♦ପୃଷ୍ଠା-୧୨ ♦₹.୭.୦୦

TATA ଉତ୍ପାଦନ

TANISHQ
Adhyantara
ମହାଜାଗତିକ ଆଶ୍ଚର୍ଯ୍ୟ, ଆପଣଙ୍କ ପାଇଁ ସୃଜିତ

ଠାରୁ ₹301 ଛାଡ଼*
ପ୍ରତି ଗ୍ରାମ ସୁନା ଅଳଙ୍କାର ଉପରେ

20% ପର୍ଯ୍ୟନ୍ତ ଛାଡ଼*
ଗୋଲ୍ଡ ଜ୍ୱେଲରୀର ଗଢା ମଜୁରୀ ଉପରେ ଓ
ଡାଇମଣ୍ଡ ମୂଲ୍ୟ ଉପରେ



ଆପଣଙ୍କ ପାଇଁ ଏକ ବିଜୟ।
ଭାରତ ପାଇଁ ଏକ ବିଜୟ।

સોનાનાં એક્સચેન્જની સૌથી પારદર્શક પ્રક્રિયા, જે તમને તમારા જૂનાં સોનાં માટે શ્રેષ્ઠ મૂલ્ય આપે છે અને ભારતને તેની આયાત ઘટાડવામાં મદદરૂપ થાય છે.

—WIN-WIN—
EXCHANGE

0%
ଫ୍ଲାଟ୍ 0% କଟାଣ*
ଯେକୌଣସି ଜ୍ୱେଲର୍‌ଙ୍କର
(18 କ୍ୟାରେଟ ଏବଂ ତା'ଠାରୁ ଅଧିକ)
ପୁରୁଣା ସୁନା ସକାଶେ।

- କୌଣସି ଲୁଚାଛପା କଟାଣ ନାହିଁ
- ବର୍ଷସାରା ବିନିମୟ
- ଏକ ବ୍ୟାପକ ସମ୍ଭାରର ନୂତନ ଏବଂ ସ୍ୱତନ୍ତ୍ର ଡିଜାଇନ୍ ସହିତ ନିଜକୁ ଅପଗ୍ରେଡ୍ କରନ୍ତୁ
- ବାହାଘର, ପର୍ବପର୍ବାଣୀ ଓ ବିଶେଷ ଅବସର ଲାଗି ବିନିମୟ କରନ୍ତୁ

ଗୋଲ୍ଡ ରେଟ୍ ପ୍ରୋଟେକ୍ଶନ୍ – ଅଗ୍ରୀମ ବୁକ୍ କରନ୍ତୁ ଏବଂ ବର୍ଦ୍ଧିତ ଗୋଲ୍ଡ ରେଟ୍ ବିପକ୍ଷରେ ସୁରକ୍ଷିତ ରୁହନ୍ତୁ*

UP TO ₹7,500 INSTANT DISCOUNT* SBI card
#Min. Trxn.: ₹1,00,000. Valid on one transaction per card.
Validity: 02 Nov - 08 Nov 2026. T&C Apply.

Talk to our jewellery expert to know more 1800 2966 677
Buy online at tanishq.co.in or Download our App *Conditions apply.

Scan for an immersive cosmic experience

Bhubaneswar : Chandrasekharpur - 7205050700 | Master Canteen Square - 9238307043 | Saheed Nagar - 0674-3545757
Amalapada, Lane - 2, Anugola - 9090066000, 8147485152 | Cantonment Road, Kataka - 9238307044

ସକାଳ
THE SAKALA

ରାଜ୍ୟରେ ଜଙ୍ଗଲରାଜ

ଆଇଏଏସ୍‌ଙ୍କୁ ଆସ୍କା ବିଧାୟକଙ୍କ ଧମକ

ମାରି ମାଟିରେ ମିଶାଇଦେବି

ଭୁବନେଶ୍ୱର, ୫।୧୧ (ସମିସ): ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ଦିନକୁ ଦିନ ତଳମୁହାଁ ହେଉଛି। ସାଧାରଣ ଲୋକ ତ ଦୂରର କଥା; ଖୋଦ ପୁଲିସ ଓ ପ୍ରଶାସନିକ ଅଧିକାରୀ ବି ଏଠି ଅସୁରକ୍ଷିତ। ଚାପ ଓ ନିର୍ଯାତନା ସହି ନ ପାରି ପୁଲିସ ଅଧିକାରୀ ଚାକିରି ଛାଡୁଥିବା, ଆତ୍ମହତ୍ୟା କରୁଥିବା ଅଭିଯୋଗ ହେଉଥିବାବେଳେ ଆଙ୍ଗୁଳିଗଣତି କିଛି ଅଧିକାରୀ ସ୍ୱର ଉତ୍ତୋଳନ କରି ବିଭାଗର ଉଚ୍ଚ ଅଧିକାରୀଙ୍କ ବିରୋଧରେ ମାମଲା ରୁଜୁ କରୁଛନ୍ତି।

ଅନ୍ୟପକ୍ଷରେ ଶାସକ ଦଳର ନେତାଙ୍କ ଉତ୍ପାତରେ ପ୍ରଶାସନିକ ଅଧିକାରୀ ତ୍ରାହିତ୍ରାହି ଡାକୁଛନ୍ତି। ଭୁବନେଶ୍ୱର, କେନ୍ଦ୍ରାପଡ଼ା, କଟକ, ସମ୍ବଲପୁର ପୁରୀ ଆଦି ଜିଲ୍ଲାରେ ଶାସକ ଦଳର ବିଧାୟକ ଓ ପରାଜିତ ବିଧାୟକ ପ୍ରାର୍ଥୀଙ୍କ ଉତ୍ପାତ ଅସହ୍ୟ ହୋଇଛି। ଏବେ ଗଞ୍ଜାମରେ ବି ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ରିଲିଫ୍ ଓ ଥଇଥାନ କାର୍ଯ୍ୟ କରି ପ୍ରଶଂସିତ ହୋଇଥିବା ଜଣେ ଯୁବ ଆଇଏଏସ୍ ଅଧିକାରୀଙ୍କୁ ଆସିକା ବିଧାୟକ ସରୋଜ ପାଢ଼ୀ ମାରିକି ମାଟିରେ ମିଶାଇ ଦେବାକୁ ଧମକ ଦେଇଛନ୍ତି। ସରକାରୀ କାର୍ଯ୍ୟାଳୟ ଭିତରେ ଅନେକ ଲୋକଙ୍କ ଉପସ୍ଥିତିରେ ବିଧାୟକ ଜଣେ ସର୍ବଭାରତୀୟ ସ୍ତରର ପ୍ରଶାସନିକ ଅଧିକାରୀଙ୍କୁ ଅଶ୍ରାବ୍ୟ ଶବ୍ଦରେ ଗାଳିଗୁଲଜ କରିଛନ୍ତି। ଯାହାକୁ ନେଇ ଆଇଏଏସ୍ ଅଧିକାରୀ ସଂଘ ଓ ଓଏଏସ୍ ସଂଘ ଆପତ୍ତି ଉଠାଇଛି। ସରକାରଙ୍କ ଚାପରେ ମାମଲାକୁ ଚାପି ଦେବାକୁ ବ୍ୟବସ୍ଥା ହୋଇ ସାରିଥିଲେ ହେଁ ରାଜ୍ୟରେ ଅଧିକାରୀଙ୍କ ଉପରେ ବଢୁଥିବା ଚାପ ସେମାନଙ୍କ ପ୍ରଶାସନିକ ମର୍ଯ୍ୟାଦା ଓ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠାଇଛି।

'ଆସିକାରେ ମୁଁ ହେଉଛି ମିନିଷ୍ଟର..., ମୁଁ ଏଠି ସବୁକିଛି। ମୋ ଇଚ୍ଛାବିନା ଏଠି କିଛି ହୁଏ ନାହିଁ.... ଅଫିସର ହୋଇ ନ ଥିଲେ ତୋତେ ଗଳା ଧକ୍କା ଦେଇ ବାହାର କରିଦେଇଥାଆନ୍ତି.... ତୋ ଅବସ୍ଥା କ'ଣ କରିବି, ତୁ ନିଜେ ବି ଭାବି ପାରିବୁ ନାହିଁ। ଦରକାର ପଡ଼ିଲେ, ତୋତେ ମାରିକି ଏଠି ମାଟିରେ ମିଶାଇ ଦେବି...। ଏପରି ଶବ୍ଦରେ ଗଞ୍ଜାମ ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ତଥା ସିଡ଼ିଓ ସମୀର କୁମାର ଜେନାଙ୍କୁ ଧମକ ଦେଇଛନ୍ତି ଆସ୍କା ବିଧାୟକ ସରୋଜ ପାଢ଼ୀ। ଲୋକଙ୍କ ଆଗରେ ଗାଳିଗୁଲଜ କରିବା ସହ ଅପମାନିତ କରିଛନ୍ତି। ଏ ସମ୍ପର୍କରେ ଶ୍ରୀ ଜେନା ଥାନାରେ ଏତଲା ଦେଇଛନ୍ତି। ମାତ୍ର ବିଧାୟକଙ୍କ ବିରୋଧରେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ।



'ଆସିକାରେ ମୁଁ ହେଉଛି ମିନିଷ୍ଟର..., ମୁଁ ଏଠି ସବୁକିଛି। ମୋ ଇଚ୍ଛା ବିନା ଏଠି କିଛି ହୁଏ ନାହିଁ.... ଅଫିସର ହୋଇ ନ ଥିଲେ ତୋତେ ଗଳା ଧକ୍କା ଦେଇ ବାହାର କରିଦେଇଥା'ନ୍ତି.... ତୋ ଅବସ୍ଥା କ'ଣ କରିବି, ତୁ ନିଜେ ବି ଭାବି ପାରିବୁ ନାହିଁ। ଦରକାର ପଡ଼ିଲେ, ତୋତେ ମାରିକି ଏଠି ମାଟିରେ ମିଶାଇ ଦେବି...।

ଅଭିଯୋଗ ଅନୁସାରେ ମନ୍ତ୍ରୀ ବିଭୁତି ଜେନାଙ୍କ ସହ ବିଧାୟକ ସରୋଜ ପାଢ଼ୀଙ୍କ ଆଭ୍ୟନ୍ତରୀଣ ବିବାଦ ରହିଛି। କେହି କାହାରି ପତିଆରା ସହି ପାରୁନାହାନ୍ତି। ଅର୍ଣ୍ଣବ ବାତ୍ୟା ଓ ପରବର୍ତ୍ତୀ ପରିସ୍ଥିତି ଅନୁଧ୍ୟାନ ନିମନ୍ତେ ମୁଖ୍ୟମନ୍ତ୍ରୀ ବିଭୁତି ଜେନାଙ୍କୁ ଦାୟିତ୍ୱ ଦେଇଥିଲେ। ତାଙ୍କ ନିର୍ଦ୍ଦେଶ ଅନୁସାରେ ସିଡ଼ିଓ ଶ୍ରୀ ଜେନା ଆସ୍କା ଅଞ୍ଚଳରେ କାର୍ଯ୍ୟ କରୁଥିଲେ। ଏହାକୁ ବିଧାୟକ ଶ୍ରୀ ପାଢ଼ୀ ସିଡ଼ିଓ ଶ୍ରୀ ଜେନାଙ୍କୁ ତାଙ୍କ ନିର୍ଦ୍ଦେଶ ମାନିବାକୁ ବାଧ୍ୟ କରିଥିଲେ। ସିଡ଼ିଓ ଶ୍ରୀ ଜେନା ଜଣେ ପ୍ରଶାସନିକ ଅଧିକାରୀ ଭାବେ ତାଙ୍କର କାର୍ଯ୍ୟ ପରିସର ଓ ଦାୟିତ୍ୱ ବାହାରେ ରାଜନୈତିକ ବିବାଦରେ ହସ୍ତକ୍ଷେପ କରିବା ସମ୍ଭବ ନୁହେଁ ବୋଲି ବିଧାୟକଙ୍କୁ ବୁଝାଇଥିଲେ ଓ କୌଣସି ମତଭେଦ ଥିଲେ ସିଧାସଳଖ ମନ୍ତ୍ରୀଙ୍କ ସହ ଆଲୋଚନା କରି ତାହାର ସମାଧାନ କରିବାକୁ ସେ ପରାମର୍ଶ ଦେଇଥିଲେ। ଏଥିରେ କ୍ଷୁବ୍ଧ ବିଧାୟକ ଚିତ୍କାର କରିବା ସହ ଅପମାନଜନକ ଭାଷା ପ୍ରୟୋଗ କରିଥିଲେ ଓ ହତ୍ୟା ଧମକ ଦେଇଥିଲେ। ଅପମାନିତ ସିଡ଼ିଓ ବାଧ୍ୟ ହୋଇ ସେଠାରୁ ଚାଲି ଯାଇଥିଲେ ଓ ଆଇଏଏସ୍ ସଂଘକୁ ଘଟଣା ସମ୍ପର୍କରେ ଅବଗତ କରିଥିଲେ।

ସୂଚନା ଅନୁସାରେ ଆଇଏଏସ ସଂଘର ପ୍ରତିନିଧିମାନେ ଏହି ଘଟଣାକୁ ନେଇ ଆଜି ମୁଖ୍ୟ ସଚିବ ଅନୁ ଗର୍ଗଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏହିପରି ସ୍ଥିତି ଜାରି ରହିଲେ କୌଣସି ଅଧିକାରୀ କ୍ଷେତ୍ରସ୍ତରରେ କାର୍ଯ୍ୟ କରିପାରିବେ ନାହିଁ ବୋଲି ମଧ୍ୟ ମୁଖ୍ୟ ସଚିବଙ୍କୁ ଜଣାଇଛନ୍ତି। ଅନୁରୂପ ଭାବରେ ଓଏଏସ୍ ସଂଘ ପକ୍ଷରୁ ମଧ୍ୟ ବିଧାୟକଙ୍କ ଏପରି ଆଚରଣ ଅଗ୍ରହଣୀୟ ବୋଲି କୁହାଯାଇଛି। ପରିସ୍ଥିତି ଗୁରୁତର ଆଡ଼କୁ ଗତି କରୁଥିବାରୁ ଖୋଦ ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ହସ୍ତକ୍ଷେପ କରିଛନ୍ତି। ବିଧାୟକଙ୍କୁ ତାଗିଦ୍ କରିବା ସହ ଘଟଣାକୁ ଆଗକୁ ନ ବଢ଼ାଇବାକୁ ଆଇଏଏସ୍ ସଂଘକୁ ପରାମର୍ଶ ଦେଇଛନ୍ତି ବୋଲି କୁହାଯାଉଛି।

ମାତ୍ର ବିଧାୟକ ସରୋଜ ପାଢ଼ୀ ନିଜକୁ ଆସ୍କା ଅଞ୍ଚଳର ମନ୍ତ୍ରୀ ବୋଲି ଘୋଷଣା କରିବାର ଅର୍ଥ କ'ଣ? ଜନପ୍ରତିନିଧି ହେବା କ'ଣ ଅଧିକାରୀଙ୍କୁ ଧମକାଇବା, ଅପମାନିତ କରିବା ଓ ନିଜ ଇଚ୍ଛାରେ ପ୍ରଶାସନକୁ ଚଳାଇବା? ମନ୍ତ୍ରୀଙ୍କ ସହ ତାଙ୍କର ବ୍ୟକ୍ତିଗତ ବା ରାଜନୈତିକ ବିବାଦରେ ଜଣେ ଆଇଏଏସ୍ ଅଧିକାରୀଙ୍କୁ ଟାଣିବା ଏବଂ ତାଙ୍କ ଉପରେ ଚାପ ପକାଇବା ଚରମ ଅହଂକାର ବ୍ୟତୀତ ଅନ୍ୟ କିଛି ନୁହେଁ ବୋଲି କୁହାଯାଉଛି। ପ୍ରଶାସନକୁ ଉତ୍ତରଦାୟୀ କରିବାର ଅଧିକାର ଗଣତନ୍ତ୍ରରେ ନିର୍ବାଚିତ ପ୍ରତିନିଧିଙ୍କ ରହିଛି, କିନ୍ତୁ ଦାଦାଗିରି ଦେଖାଇବାକୁ ଅନୁମତି ଦିଆଯାଇ ନାହିଁ। ଯଦି ସରକାରୀ କାର୍ଯ୍ୟାଳୟ ଭିତରେ ଜଣେ ଆଇଏଏସ୍ ଅଧିକାରୀଙ୍କୁ ଏଭଳି ଧମକ ଦିଆଯାଉଛି, ତେବେ ସାଧାରଣ ଲୋକଙ୍କ ଅବସ୍ଥା କିପରି ଥିବ ତାହା ସହଜେ ଅନୁମେୟ।

ଗୁମୁରି କାନ୍ଦୁଛି ଗିଡ଼ିପାବାଲି

ମାଟି ତଳୁ ମିଳିଲା ଆଉ ୫ ମୃତଦେହ

ଭଞ୍ଜନଗର ୫।୧୧(ସମିସ): ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅନ୍ତର୍ଗତ ଗିଡ଼ିପାବାଲିରେ ଗତ ୨୮ ତାରିଖରେ ଭୂସ୍ଖଳନ ଯୋଗୁ ୧୩ ଜଣ ନିଖୋଜ ହୋଇଯାଇଥିଲେ। ସେମାନଙ୍କ ମଧ୍ୟରୁ ଦୁଇ ଜଣଙ୍କ ମୃତଦେହ ଦୁଇ ଦିନ ପୂର୍ବେ ଉଦ୍ଧାର କରାଯାଇଥିବା ବେଳେ ଗୁରୁବାର ଆଉ ୫ ଜଣଙ୍କ ମୃତଦେହ ମାଟିତଳୁ ଉଦ୍ଧାର କରାଯାଇଛି। ଉଦ୍ଧାର ହୋଇଥିବା ମୃତଦେହ ଗୁଡିକ ଗୋଟିଏ ପରିବାରର ବୋଲି ଜଣାପଡିଛି। ବର୍ତ୍ତମାନ ସୁଦ୍ଧା ମୃତ୍ୟୁ ସଂଖ୍ୟା ୭କୁ ବୃଦ୍ଧି ପାଇଛି। ଏବେବି ୬ ଜଣ ନିଖୋଜ ଅଛନ୍ତି। ଉଦ୍ଧାର କାର୍ଯ୍ୟରେ ଅଗ୍ନିଶମ ବାହିନୀ, ଓଡ୍ରାଫ୍,



ଏନ୍‌ଡିଆର୍‌ଏଫ୍, ରେଳ ବିଭାଗ ଓ ଏସ୍‌ଓଜି ବାହିନୀ ନିୟୋଜିତ ଅଛନ୍ତି। ସପ୍ତାହେ ହେଲାଣି ଘଟଣାସ୍ଥଳରେ ଉଦ୍ଧାର ଓ ସନ୍ଧାନ କାର୍ଯ୍ୟ ଚାଲିଛି। ଦୁର୍ଗମ ପାହାଡ଼ିଆ ଅଞ୍ଚଳ, ଅସ୍ଥିର ମାଟି ଓ ବିଶାଳ ପଥର ଉଦ୍ଧାର କାର୍ଯ୍ୟକୁ ଅତ୍ୟନ୍ତ କଷ୍ଟସାଧ୍ୟ କରିଛି। ତଥାପି ନିଖୋଜ ଲୋକଙ୍କୁ ଖୋଜିବା ପାଇଁ ଉଦ୍ଧାରକାରୀ ଦଳ ପକ୍ଷରୁ ନିରନ୍ତର ପ୍ରୟାସ ଚାଲିଛି। ପୂର୍ବରୁ ମଧ୍ୟ ଏହି ଭୂସ୍ଖଳନ ସ୍ଥଳରୁ ୨ଟି ମୃତଦେହ ଉଦ୍ଧାର ହୋଇଥିଲା। ଗୁରୁବାର ବିଜୟ ପ୍ରଧାନ (୨୭), ତାଙ୍କ ଝିଅ ବିଜୟଲକ୍ଷ୍ମୀ ପ୍ରଧାନ (୬), ଜୟଲକ୍ଷ୍ମୀ ପ୍ରଧାନ (୧), ପୁଅ ଅରୁଣ ପ୍ରଧାନ(୭) ଓ ପତ୍ନୀ ଭୂମିକା ପ୍ରଧାନ(୨୫)ଙ୍କ ମୃତଦେହ ଠାବ ହେବା ପରେ ଘଟଣାର ଭୟାବହତା ଆହୁରି ସ୍ପଷ୍ଟ ହୋଇଛି। ଭୂସ୍ଖଳନରେ ଘରଦ୍ୱାର ହରାଇଥିବା ଓ ପରିବାର ସଦସ୍ୟଙ୍କ ସନ୍ଧାନରେ ଥିବା ଲୋକଙ୍କ ମଧ୍ୟରେ ଏବେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି।

ଗିଡିପାବାଲି ଭୂସ୍ଖଳନ ଘଟଣା ପରେ ଗୁରୁବାର ଭଞ୍ଜନଗର ତହସିଲ ପକ୍ଷରୁ ସମସ୍ତ ପରିବାରକୁ ଜିଲ୍ଲା ରେଡ୍‌କ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯାଇଛି। ଏହି ଗ୍ରାମରେ ମୋଟ ୯ଟି ପରିବାର ରହୁଥିବା ବେଳେ ଦୁଇଟି ପରିବାରର ସମସ୍ତ ସଦସ୍ୟଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୭ ଟି ପରିବାର ଲୋକଙ୍କ ମଧ୍ୟରୁ ୩ ଟି ପରିବାର କନ୍ଧମାଳ ଜିଲ୍ଲାର ରାଇକିଆ ବ୍ଲକ ଅନ୍ତର୍ଗତ

ମୃତକଙ୍କ ପରିବାରକୁ ରେଡ୍‌କ୍ରସ୍ ପାଣ୍ଠିରୁ ୩୦ ହଜାର ଲେଖାଏଁ ସହାୟତା

ପିଲାପାଙ୍ଗା ବିଦ୍ୟାଳୟରେ ଥିବା ଆଶ୍ରୟସ୍ଥଳୀରେ ରହୁଥିବା ବେଳେ ଗୁରୁବାର ଭଞ୍ଜନଗର ପ୍ରଶାସନ ପକ୍ଷରୁ ଅତିରିକ୍ତ ତହସିଲଦାର ଅବିନାଶ ମାହାର ଓ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଢ଼ୀ ସେଠାରେ ପହଞ୍ଚି ଉକ୍ତ ପରିବାର ଲୋକଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସେହିପରି ଜି ଉଦୟଗିରି ମେଡିକାଲରେ ଭର୍ତ୍ତି ହୋଇଥିବା ଏହି ଗ୍ରାମର ଅନ୍ୟ ଦୁଇଟି ପରିବାର ଲୋକଙ୍କୁ ମଧ୍ୟ ଏହି ସହାୟତା ଯୋଗାଇ ଦିଆଯାଇଛି। ଏହି ଗ୍ରାମର ଅନ୍ୟ ଦୁଇଟି ପରିବାର ଭଞ୍ଜନଗର ବ୍ଲକ ଅନ୍ତର୍ଗତ ବଜ୍ରକୋଟ ସ୍କୁଲରେ ଆଶ୍ରୟ ନେଇଥିବା ବେଳେ ଶୁକ୍ରବାର ସେହି ପରିବାର ସଦସ୍ୟଙ୍କୁ ଏହି ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି ଅତିରିକ୍ତ ତହସିଲଦାର ଅବିନାଶ ମାହାର ସୂଚନା ଦେଇଛନ୍ତି।

ବିଧାୟକଙ୍କ ଦୁର୍ବ୍ୟବହାର ପ୍ରତିବାଦରେ ଜିଲ୍ଲାପାଳଙ୍କୁ ଦାବିପତ୍ର

ଛତ୍ରପୁର, ୫।୧୧(ସମିସ): ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ ବନ୍ୟା ବିପର୍ଯ୍ୟୟ ସମୟରେ ଗଞ୍ଜାମ ଜିଲ୍ଲାବାସୀଙ୍କୁ ବିପଦରୁ ଉଦ୍ଧାର, ଥଇଥାନ ଓ ରିଲିଫ୍ ଯୋଗାଣ ପାଇଁ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ ଦିନରାତି ଏକ କରି କାର୍ଯ୍ୟ କରୁଥିବା ବେଳେ ଜଣେ ବରିଷ୍ଠ ଅଧିକାରୀଙ୍କ ପ୍ରତି ଆସିକା ବିଧାୟକଙ୍କ ଦୁର୍ବ୍ୟବହାର ଘଟଣାକୁ ନେଇ ପ୍ରଶାସନିକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା ଆସିକା ଅଞ୍ଚଳର ବନ୍ୟା ପ୍ରଭାବିତ ଓ ଜଳବନ୍ଦୀ ଅଞ୍ଚଳରେ ରହି ଲୋକଙ୍କୁ ରନ୍ଧା ଖାଦ୍ୟ ଓ ରିଲିଫ୍ ସାମଗ୍ରୀ ଯୋଗାଣ କାର୍ଯ୍ୟର ତଦାରଖ କରୁଥିବା ସମୟରେ ଆସିକା ବିଧାୟକ ତାଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଜରୁରିକାଳୀନ ପରିସ୍ଥିତିରେ ଜନସେବାରେ ନିୟୋଜିତ ଜଣେ କାର୍ଯ୍ୟରତ ଅଧିକାରୀଙ୍କ ପ୍ରତି ଏଭଳି ଆଚରଣକୁ ନେଇ ଅଧିକାରୀ ଓ କର୍ମଚାରୀ ମହଲରେ ତୀବ୍ର ପ୍ରତିବାଦ ଦେଖାଦେଇଛି। ଏହାର ପ୍ରତିବାଦରେ ଗୁରୁବାର ଗଞ୍ଜାମ ଜିଲ୍ଲା ପରିଷଦ କାର୍ଯ୍ୟାଳୟର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ



କରିଛନ୍ତି। ଦାବିପତ୍ରରେ ଆସିକା ବିଧାୟକଙ୍କ ବ୍ୟବହାରକୁ ନିନ୍ଦା କରିବା ସହ ତାଙ୍କ ବିରୋଧରେ ଦୃଢ଼ ଶୃଙ୍ଖଳାଗତ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ, ଏବଂ ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟରେ ନିୟୋଜିତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ଦାବି କରାଯାଇଛି। ଅପରପକ୍ଷରେ ଜିଲ୍ଲାପାଳ ଏହି ଘଟଣାକୁ ନେଇ କହିଛନ୍ତି ଯେ, ଏଭଳି ସଙ୍କଟଜନକ ସମୟରେ ସମସ୍ତଙ୍କୁ ଦୃଢ଼ତାର ସହ ନିଜ ନିଜ କର୍ତ୍ତବ୍ୟ ସମ୍ପାଦନ କରିବାକୁ ହେବ। ଏହି ଘଟଣା ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି

ଜିଲ୍ଲାପରିଷଦ କାର୍ଯ୍ୟାଳୟର ବିଭିନ୍ନ ବିଭାଗର କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀଙ୍କ ସୁରକ୍ଷା ସହ ବିଧାୟକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

ସେ ଆଶ୍ୱାସନା ଦେଇଥିଲେ। ଏହି ଦାବିପତ୍ର ପ୍ରଦାନ ବେଳେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ତଥା ସିନିୟର ଓଏଏସ ଅଫିସର ଦେବଦତ୍ତ ପଣ୍ଡା, ଅତିରିକ୍ତ ସିଡିଓ ବିଜୟ କୁମାର ବେହେରା, ଓରମାସ ଡେପୁଟି ସିଇଓ ରାଜ ଗୋପାଳ ଦାଶଙ୍କ ସମେତ ବିଭିନ୍ନ ବିଭାଗ ର ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

ସିଡିଓଙ୍କୁ ଦୁର୍ବ୍ୟବହାର ଘଟଣା: ବିଜେଡି ପକ୍ଷରୁ ଏତଲା

ଆସିକା, ୫।୧୧(ସମିସ): ସିଡିଓଙ୍କୁ ଆସିକା ବିଧାୟକ ସରୋଜ ପାଢ଼ୀ ଗାଳି ଗୁଲଜ ଓ ମେନ୍‌ହ୍ୟାଣ୍ଡଲ କରିବା ବିଷୟନେଇ ଆସିକା ବିଜେଡି ଏହାକୁ ନିନ୍ଦା କରି ଆସିକା ଥାନାରେ ବିଧାୟକ ନାମରେ ଅଭଯୋଗ କରିଛନ୍ତି। ଏସଂକ୍ରାନ୍ତରେ ଆସିକା ଏସଡିପିଓ ସହ ଏହି ୨୫ ଜଣିଆ ଦଳ ଆଲୋଚନା କରିଥିଲେ। ବନ୍ୟା ବିପର୍ଣ୍ଣ ମାନଙ୍କୁ ଘର ଘର ବୁଲି ରିଲିଫ ବଣ୍ଟନ କର୍ତ୍ତବ୍ୟରତ ସିଡିଓଙ୍କୁ ଏଭଳି ଆଚରଣକୁ ଅନେକ ନାପସନ୍ଦ କରିଛନ୍ତି। ତେଣୁ ଏ ନେଇ ଆସିକା ଥାନାରେ



ଲିଖିତ ଅଭିଯୋଗ କରିଛନ୍ତି ବିଜୁ ଜନତା ଦଳ। ଥାନାରେ ଅଭିଯୋଗ ବେଳେ ଉପସ୍ଥିତ ଥିଲେ ବିଜେଡି ନେତା ଦିଲ୍ଲୀପ ପାଣିଗ୍ରାହୀ, ନଚିକେତା ସ୍ୱାଇଁ, ସୂର୍ଯ୍ୟ କାନ୍ତ ପରିଡା, ବାୟା ବିଷୋୟୀ, ନିଗମ ରାଉତ, ଜିତେନ୍ଦ୍ର ମହାରଣା, ମନୋଜ ଦୋରା, ନୀଳାଞ୍ଚଳ ମଣ୍ଡଳଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ। ସେପଟେ ଏ ନେଇ ବିଧାୟକଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

ବନ୍ୟା ଉଜାଡ଼ିଦେଲା ସଂସାର

ଜୀବନ ହାରିଲେ ଆଉଜଣେ ଚାଷୀ

ବ୍ରହ୍ମପୁର / କବିସୂର୍ଯ୍ୟନଗର, ୫।୧୧ (ସମିସ): ବାତ୍ୟା ଅର୍ଣ୍ଣବ ପରବର୍ତ୍ତୀ ବନ୍ୟା ଯୋଗୁଁ ଗଞ୍ଜାମ ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ଘଟିଥିବା ହେତୁ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ଚାଷଜମି, ପନିପରିବା ଫସଲ ସମ୍ପୂର୍ଣ୍ଣ ଉଜୁଡି ଯାଇଛି। ଏପରିସ୍ଥଳେ କ୍ଷୟକ୍ଷତିକୁ ସହି ନ ପାରି ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ସଦାବର୍ତ୍ତନ ନୂଆଗାଁରେ ୨୮ ବର୍ଷୀୟ ଚାଷୀ ବୁଲୁ ମଲିକ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଛନ୍ତି। ତେଣୁ ଆତ୍ମହତ୍ୟା କରିଥିବା ଚାଷୀଙ୍କ ପରିବାକୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପ୍ରଦାନ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ମୃତକ ହେଲେ ୨୮ ବର୍ଷର ଅବିବାହିତ ଯୁବକ ବୁଲୁ ମଲିକ। ସେ ପ୍ରାୟ ତିନି ଏକର ଜମି ଚାଷ କରିଥିଲା। ଧାନ ୧୦ ଭରଣ ଅର୍ଥାତ ଦୁଇ ଏକରରେ କରିଥିବା ବେଳେ ଲଙ୍କା, ବାଇଗଣ, କୋବି ଆଦି ପନିପରିବା ୫ ଭରଣ ବା ଏକ ଏକର ଜମି ଚାଷୀ କରିଥିଲା। ଚାଷ ପାଇଁ ବିଭିନ୍ନ ଲୋକଙ୍କ ଠାରୁ ଧାର କରଜ କରିଥିଲା। ଫସଲ ହାନି ପରେ ଲୋକେ ପଇସା ମାଗିଥିଲେ। ଋଣ ଟଙ୍କା ଶୁଝି ନ ପାରବାରୁ ମାନସିକ ଚାପରେ ପଡ଼ି ଏଭଳି ଆତ୍ମହତ୍ୟାର ରାସ୍ତା ବାଛିଥିବା ଜଣାପଡିଛି।



ସହାୟତା ଘୋଷଣା, ମୃତ ବୁଲୁଙ୍କ ପରିବାରକୁ ୨୦ଲକ୍ଷ କ୍ଷତିପୂରଣ ଦାବି କଲା ବିଜେଡି

ପ୍ରକାଶ ଥାଉ କି ବୁଲୁଙ୍କ ବାପା ଅନନ୍ତ ଗତ ୨୦୧୨ ମସିହାରେ ମୃତ୍ୟୁବରଣ କରିଥିବା ବେଳେ ମା କୁନି ବର୍ଷେ ତଳେ ମୃତ୍ୟୁବରଣ କରିଥିଲେ। ଦୁଇ ଭଉଣୀ ଶାଶୂଘର ଚାଲିଯାଇଥିଲେ। ସୁରାଟରେ ସାନ ଭାଇ ଶ୍ରମିକ ଭାବେ ଖଟୁଥିଲେ। ଘରେ ବୁଲୁ ଗତକାଲି ରାତି ପ୍ରାୟ ୧୦ ଟା ପରେ ମୂଷାମରା ପାଇଁ ବ୍ୟବହୃତ ବିଷ ଖାଇ ଗୁରୁତର ହୋଇଥିଲେ। ଚିକିତ୍ସା ପାଇଁ ପ୍ରଥମେ କବିସୂର୍ଯ୍ୟନଗର ମେଡିକାଲ ଓ ପରେ ବ୍ରହ୍ମପୁର ସ୍ଥାନାନ୍ତର କରିଥିଲେ। ବ୍ରହ୍ମପୁର ଝଲମଶରେ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲା। ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ୭୮୩ ରୁଜୁ କରାଯାଇ ମୃତକର ଶବ ବ୍ୟବଚ୍ଛେଦ ହୋଇଛି। କବିସୂର୍ଯ୍ୟନଗର ଥାନା ଆଇଆଇସି ସଂଜୀବ ବେହେରା ଓ ଟିମ, ତହସିଲଦାର ଡା. ରବୀନ ଚର୍ଚ୍ଚିଲ ମିଶ୍ର ଏସ. ନୂଆଗାଁ ମୃତକଙ୍କ ଘରେ ପହଂଚିବା ସହ ଧାନଜମି ଓ ଫସଲ ଅନୁଧ୍ୟାନ କରି ଫେରିଛନ୍ତି। ମୃତକ ପରିବାରକୁ ରେଡ୍‌କ୍ରସରୁ ତହସିଲଦାର ୩୦ ହଜାର ଅନୁଦାନ ଦେଇଥିବା ବେଳେ ଗ୍ରାମବାସୀ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ଯୋଜନାରେ ସାମିଲ କରିବା ସହ ସରକାରୀ ସମସ୍ତ ସୁବିଧା ଦେବାକୁ ଦାବି ଜଣାଇଛନ୍ତି। ଶବ ବ୍ୟବଚ୍ଛେଦ ପରେ ଗାଁ ରେ ଶବ ପହଂଚିବା ପରେ ଗାଁ ଦାଣ୍ଡରେ ଶବ ରଖି ରାସ୍ତାରୋକ ଗ୍ରାମବାସୀ କରିଥିଲେ। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଲାଗି ରାସ୍ତାରୋକର ନେତୃତ୍ୱ ନେଇଥିଲେ ଗ୍ରାମର ଯୁବ ସମାଜସେବୀ ବ୍ରଜସୁନ୍ଦର ମଲ୍ଲିକ ସମେତ ପ୍ରାକ୍ତନ ଜିଲ୍ଲା ପରିଷଦ ସମିତି ଅଧ୍ୟକ୍ଷ ସୁରଥ ଚନ୍ଦ୍ର ପ୍ରଧାନ, ଅଶ୍ୱିନୀ ସ୍ୱାଇଁ, ନଚିକେତା ସ୍ୱାଇଁ ଓ ଗ୍ରାମବାସୀ। ସ୍ଥାନୀୟ ତହସିଲଦାର ଓ ଆଇଆଇସି ପହଞ୍ଚି ଗ୍ରାମବାସୀଙ୍କୁ ଆଶ୍ୱାସନା ଦେବା ସହ ରାସ୍ତାରୋକ ହଟାଇଥିଲେ। ଗାଁ ମସାଣିରେ ଅନ୍ତିମ ସଂସ୍କାର କରାଯାଇଛି। ତହସିଲଦାର କହିଛନ୍ତି ଆରଆଇ, ଭିଲଡବ୍ଲୁ ସର୍ବେକ୍ଷଣ କରିଛନ୍ତି ଚାଷଜନିତ କ୍ଷୟକ୍ଷତି ସହ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ଓ ଅନ୍ୟାନ୍ୟ ସରକାରୀ ସହାୟତା ସାନଭାଇକୁ ଦିଆଯିବ।

ସେପଟେ ଖବର ପାଇ ମୃତଚାଷୀ ବୁଲୁଙ୍କ ପରିବାର ବର୍ଗଙ୍କୁ ମେଡିକାଲରେ ଭେଟିଥିଲେ ଜିଲ୍ଲା ବିଜେଡିର ବରିଷ୍ଠ ନେତୃବୃନ୍ଦ। ବ୍ରହ୍ମପୁର ମେୟର ତଥା ଜିଲ୍ଲା ମହିଳା ବିଜେଡିର ସଭାନେତ୍ରୀ ଶ୍ରୀମତି ସଂଘମିତ୍ରା ଦଳେଇ, ପୂର୍ବତନ ବିଧାୟକ ଡାକ୍ତର ରମେଶଚନ୍ଦ୍ର ଚ୍ୟାଉପଟ୍ଟନାୟକ ଓ ଓଡିଶା ରାଜ୍ୟ କାଜୁ ନିଗମର ପୂର୍ବତନ ଅଧ୍ୟକ୍ଷ ସୁବାଷ ମହାରଣା ମେଡିକାଲକୁ ଯାଇ ମୃତଚାଷୀ ବୁଲୁଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ରାଜ୍ୟ ସରକାର ବାତ୍ୟା ପ୍ରସ୍ତୁତି ଓ ପରବର୍ତ୍ତି ସମୟରେ ବନ୍ୟା ପରିଚାଳନା, ରିଲିଫ ବଣ୍ଟନ ଓ ପୁନଃରୁଦ୍ଧାର କାର୍ଯ୍ୟରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ବିଜେଡି ଅଭିଯୋଗ କରିଛି। ବନ୍ୟା ପ୍ରପିଡିତ ଗଞ୍ଜାମ ଜିଲ୍ଲାରେ ଦିର୍ଘ ଏକ ସପ୍ତାହ ପରେ ମଧ୍ୟ କ୍ଷତିଗ୍ରସ୍ତଙ୍କ କ୍ଷତି ଆକଳନ ନହେବା ଓ ସରକାରୀ ସହାୟତା ଘୋଷଣା ନହେବା ଯୋଗୁଁ ନିରାଶ କ୍ଷତିଗ୍ରସ୍ତ ଚାଷୀ ଏଭଳି ଚରମ ନିଷ୍ପତ୍ତି ନେବାକୁ ବାଧ୍ୟ ହୋଇଛନ୍ତି। ଏଣୁ ଏହାକୁ ରୋକିବାକୁ ହେଲେ ସରକାର ତୁରନ୍ତ କ୍ଷତି ଆକଳନ କରି କ୍ଷତିଗ୍ରସ୍ତଙ୍କୁ ଯଥେଷ୍ଟ ପରିମାଣରେ ସହାୟତା ପ୍ରଦାନ କରନ୍ତୁ ବୋଲି ବିଜେଡି ପକ୍ଷରୁ ସମସ୍ତ ନେତୃବୃନ୍ଦ ଦାବି କରିଛନ୍ତି।

ତନ୍ତ୍ର ସାଧନା ପାଇଁ ମଶାଣିରେ ବୀଭତ୍ସ କାଣ୍ଡ

ସମାଧି ଖୋଳି କାଟିନେଲେ ଯୁବତୀଙ୍କ ମୁଣ୍ଡ

ନନ୍ଦାହାଣ୍ଡି, ୫।୧୧ (ସମିସ) : ଅନ୍ଧବିଶ୍ୱାସର ଚରମ ସୀମା। ମଶାଣିର ନିସ୍ତବ୍ଧତାକୁ ଭାଙ୍ଗି ମଝିରାତିରେ ଘଟିଲା ଏକ ଅମାନବୀୟ ଓ ନୃଶଂସ କାଣ୍ଡ। ମୃତ୍ୟୁର ୪୧ ଦିନ ପରେ ସମାଧି ଖୋଳି ଜଣେ ଅବିବାହିତ ଯୁବତୀଙ୍କ ଶବର ମୁଣ୍ଡ କାଟି ନେଇଛନ୍ତି ଦୁର୍ବୃତ୍ତ। ଏହି ଘଟଣା ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ଥାନା ଅନ୍ତର୍ଗତ ନନ୍ଦାହାଣ୍ଡି ବ୍ଲକ ନରସିଂହଗୁଡ଼ା ଗାଁରେ ଘଟିଛି। ଘଟଣା ପରେ ସାରା ଗାଁରେ ଭୟର ବାତାବରଣ ଖେଳିଯାଇଛି। ମୃତା ଯୁବତୀ ହେଲେ ନରସିଂହଗୁଡ଼ା ଗ୍ରାମର ୨୭ ବର୍ଷୀୟା ନୀଳାଦ୍ରୀ ମାଝୀ। ଗତ ସେପ୍ଟେମ୍ବର ୨୬ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା। ଦେହରେ ହାଡ଼ଫୁଟି ବା ଭଗବାନ ଆସିଥିବା ବିଶ୍ୱାସ କରି ପରିବାର ଲୋକେ ଶବକୁ ଦାହ ନ କରି ଗାଁ ମସାଣିରେ ପୋତି ଦେଇଥିଲେ। ସ୍ଥାନୀୟ ବିଶ୍ୱାସ ଅନୁଯାୟୀ, ଶବ ପୋତିବାର ୨୧ ଦିନ ପର୍ଯ୍ୟନ୍ତ ତାନ୍ତ୍ରିକମାନେ କିଛି କରିପାରନ୍ତି ବୋଲି ଆଶଙ୍କା କରି ପରିବାର ଲୋକେ ମଶାଣିକୁ ଜଗି ରହିଥିଲେ। ହେଲେ ୨୧ ଦିନ ପରେ ଜଗିବା ବନ୍ଦ କରିଦେଇଥିଲେ। କିନ୍ତୁ ୪୧ ଦିନର ରାତିରେ ଘଟିଲା ଅଭାବନୀୟ ଘଟଣା। ସକାଳେ ଗ୍ରାମବାସୀ ଶୌଚ ପାଇଁ ଯାଇଥିବା ବେଳେ ସମାଧି



ଖୋଳା ହୋଇଥିବା ଦେଖିଥିଲେ। ଖବର ପାଇ ପରିବାର ଲୋକେ ଓ ଗ୍ରାମବାସୀ ପହଞ୍ଚି ଯାହା ଦେଖିଲେ, ତାହା ସମସ୍ତଙ୍କୁ ସ୍ତବ୍ଧ କରିଦେଲା। ସମାଧି ଭିତରେ ଦୁଇଟି କୁକୁଡ଼ା ବଳି ଦିଆଯାଇଥିବା ଚିହ୍ନ, ଚାରିପଟେ ପୂଜାପାଠର ସାମଗ୍ରୀ ପଡ଼ିଥିବା ବେଳେ ଶବରୁ ମୁଣ୍ଡ ଗାଏବ ହୋଇ ଯାଇଥିଲା। କେହି ଦୁର୍ବୃତ୍ତ ଶବକୁ ଖୋଳି ବାହାର କରି ମୁଣ୍ଡ କାଟି ନେଇଥିବା ଅଭିଯୋଗ କରିଛନ୍ତି ପରିବାର ଲୋକେ। ଏହା ପଛରେ ତନ୍ତ୍ରବିଦ୍ୟା, କୁଆଁରୀ ବିଦ୍ୟା କିମ୍ବା କୌଣସି ଗୁପ୍ତ ପୂଜାପାଠର ଉଦ୍ଦେଶ୍ୟ ଥିବା ସନ୍ଦେହ କରୁଛନ୍ତି ଗ୍ରାମବାସୀ। ଘଟଣା ପରେ ପରିବାର ଲୋକେ ପୁଣି ଶବକୁ ପୋତିଦେଇ ନ୍ୟାୟପାଇଁ ଦାବି କରିଛନ୍ତି। ପୋଲିସ ତଦନ୍ତ ପରେ ହିଁ ପ୍ରକୃତ ସତ ସାମ୍ନାକୁ ଆସିବ।

'ପ୍ରଳୟ'ର ସଫଳ ପରୀକ୍ଷଣ

ବାଲେଶ୍ୱର, ୫।୧୧(ସମିସ): ଓଡ଼ିଶା ଉପକୂଳରେ ଆଉ ଏକ ବଡ଼ ସଫଳତା ହାସଲ କରିଛି ଭାରତ। ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆରଡିଓ) ଆଜି କ୍ୱାସି-ବାଲିଷ୍ଟିକ୍ କ୍ଷେପଣାସ୍ତ୍ର "ପ୍ରଳୟ"ର ସଫଳ ଉଡ଼ାଣ ପରୀକ୍ଷଣ କରିଛି। ଗୁରୁବାର ଦିନ ପ୍ରାୟ ୧୧ଟା ୧୦ରେ ବାଲେଶ୍ୱର ଜିଲ୍ଲା ଚାନ୍ଦିପୁର ନିକଟ ଡ. ଏପିଜେ ଅବଦୁଲ କଲାମ ଦ୍ୱୀପରୁ ଏହି ପରୀକ୍ଷଣ କରାଯାଇଥିଲା। ଚାନ୍ଦିପୁର ସମନ୍ୱିତ ପରୀକ୍ଷଣ କେନ୍ଦ୍ର ଦ୍ୱାରା ବିଭିନ୍ନ ରେଞ୍ଜ ଯନ୍ତ୍ର ମାଧ୍ୟମରେ ସଂଗୃହିତ ତଥ୍ୟରୁ ପରୀକ୍ଷଣର ସମସ୍ତ ଲକ୍ଷ୍ୟ ପୂରଣ ହୋଇଥିବା ନିଶ୍ଚିତ ହୋଇଛି। ହାଇଦ୍ରାବାଦସ୍ଥିତ ରିସର୍ଚ୍ଚ ସେଣ୍ଟର ଇମାରତ ସହ ଡିଆରଡିଓର ଅନ୍ୟ ପରୀକ୍ଷାଗାର ମିଳିତ ଭାବେ ଏହି କ୍ଷେପଣାସ୍ତ୍ରକୁ ସ୍ୱଦେଶୀ ଜ୍ଞାନ କୌଶଳରେ ବିକଶିତ କରିଛନ୍ତି। ଭାରତ ଡାଇନାମିକ୍ସ ଲିମିଟେଡ୍ ଏହି



ସିଷ୍ଟମ୍ ନିର୍ମାଣ କରିଛି। ଡିଆରଡିଓର ବରିଷ୍ଠ ଅଧିକାରୀ, ଶିଳ୍ପ ପ୍ରତିନିଧି ଓ ପ୍ରତିରକ୍ଷା ବାହିନୀଙ୍କ ଉପସ୍ଥିତିରେ ୟୁଜର ଇଭାଲୁଏସନ୍ ଟ୍ରାଏଲ୍ ଭାବେ ଏହି ପରୀକ୍ଷଣ କରାଯାଇଥିଲା। ଏହି ସଫଳ ପରୀକ୍ଷଣ ପରେ ସେନାରେ ଏହାର ଅନ୍ତର୍ଭୁକ୍ତି ନିଶ୍ଚିତ ହୋଇଛି। ଏହି ସଫଳତା ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଡିଆରଡିଓ, ପ୍ରତିରକ୍ଷା ବାହିନୀ ଓ ଶିଳ୍ପ ସହଯୋଗୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଅତ୍ୟାଧୁନିକ ପ୍ରଯୁକ୍ତିରେ ସଜ୍ଜିତ ଏହି କ୍ଷେପଣାସ୍ତ୍ର ଉଦୀୟମାନ ବିପଦ ବିରୋଧରେ ସେନାର ପ୍ରଯୁକ୍ତିଗତ ସକ୍ଷମତା ଓ କାର୍ଯ୍ୟକ୍ଷମ ପ୍ରସ୍ତୁତିକୁ ଆହୁରି ମଜବୁତ କରିବ ବୋଲି ସେ କହିଛନ୍ତି। ପ୍ରତିରକ୍ଷା ସଚିବ ତଥା ପ୍ରତିରକ୍ଷା ଗବେଷଣା ଓ ବିକାଶ ବିଭାଗ ସଚିବ ଓ ଡିଆରଡିଓ ଅଧ୍ୟକ୍ଷ ରାଜେଶ କୁମାର ସିଂ ମଧ୍ୟ ସଫଳ ପରୀକ୍ଷଣ ସହ ଜଡ଼ିତ ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି।

ସ୍ମାର୍ଟ ରାସନ ବ୍ୟବସ୍ଥାର ବିକଳ ଚିତ୍ର

ଟ୍ରଲିରେ ବସି ରାସନ ଆଣୁଛନ୍ତି ଶଯ୍ୟାଶାୟୀ ହିତାଧିକାରୀ

ତିହିଡ଼ି, ୫।୧୧(ସମିସ): ରାଜ୍ୟର ଗରିବ ଓ ଅସହାୟ ଲୋକଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ମାଗଣା ଚାଉଳ ଯୋଗାଇଦେବା ପାଇଁ ସରକାର ବାହାବା ନେଉଥିବାବେଳେ ପ୍ରଶାସନିକ କଳର ତ୍ରୁଟିପୂର୍ଣ୍ଣ ନିୟମ ଏବେ ଗରିବଙ୍କ ପାଇଁ ମରୁଡ଼ି ଉପରେ ବିଷଫଳ ପାଲଟିଛି। ରାସନ ବଣ୍ଟନ ବ୍ୟବସ୍ଥାକୁ ସ୍ୱଚ୍ଛ କରିବା ନାଁରେ ପ୍ରଚଳିତ ହୋଇଥିବା ନୂତନ ସ୍ମାର୍ଟ ରାସନ ବ୍ୟବସ୍ଥା ଏବଂ ବାଧ୍ୟତାମୂଳକ ଇଲେକ୍ଟ୍ରୋନିକ୍ ଆଙ୍ଗୁଠି ଛାପ (ବାୟୋମେଟ୍ରିକ୍) ବ୍ୟବସ୍ଥା ଏବେ ଶଯ୍ୟାଶାୟୀ, ବୃଦ୍ଧ ଓ ଦିବ୍ୟାଙ୍ଗ ହିତାଧିକାରୀଙ୍କ ପାଇଁ ଅଭିଶାପ ସାଜିଛି। ପୂର୍ବରୁ ଥିବା ନୋମିନୀ ବାଇପାସ୍ ବ୍ୟବସ୍ଥାକୁ ହଠାତ୍ ବନ୍ଦ କରିଦିଆଯିବାରୁ ଦୁର୍ଦ୍ଦଶାର ଚରମସୀମାରେ ପହଞ୍ଚିଛନ୍ତି ବାସ୍ତବ ହିତାଧିକାରୀ।

ସୂଚନାନୁଯାୟୀ, ଯେଉଁ ବ୍ୟକ୍ତିମାନେ ବାର୍ଦ୍ଧକ୍ୟ, ଦୁରାରୋଗ୍ୟ କିମ୍ବା ଶାରୀରିକ ଅକ୍ଷମତା କାରଣରୁ ବିଛଣାରୁ ଉଠିବାକୁ ଅସମର୍ଥ, ସେମାନଙ୍କ ପାଇଁ ପୂର୍ବରୁ ପରିବାରର ଅନ୍ୟ ସଦସ୍ୟଙ୍କ ଜରିଆରେ ରାସନ ଉଠାଇବାକୁ ନୋମିନୀ ବ୍ୟବସ୍ଥା ଥିଲା। କିନ୍ତୁ ନୂତନ ସ୍ମାର୍ଟ ପିଡିଏସ୍ ବ୍ୟବସ୍ଥାରେ ଏହି ସୁବିଧାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇଛି। ଫଳରେ ନିଜେ ଉପସ୍ଥିତ ରହି ଆଙ୍ଗୁଠି ଛାପ ଦେବାକୁ ଅସମର୍ଥ ଥିବା ଶଯ୍ୟାଶାୟୀ

ଜଟିଳ ନୋମିନୀ ବାଇପାସ୍ ପଦ୍ଧତିକୁ ନେଇ ବ୍ୟାପୁଛି ଜନଅସନ୍ତୋଷ



ଲୋକମାନେ ଏବେ ବାଧ୍ୟ ହୋଇ ଟ୍ରଲି, ଅଟୋ କିମ୍ବା ଅନ୍ୟମାନଙ୍କ କାନ୍ଧରେ ବସି ରାସନ କେନ୍ଦ୍ରକୁ ବୁହା ହୋଇ ଆସୁଥିବାର ଅତ୍ୟନ୍ତ ବିକଳ ଓ ଦୟନୀୟ ଚିତ୍ର ସାମ୍ନାକୁ ଆସୁଛି। ଡିଲର ପଏଣ୍ଟଠାରୁ ଆରମ୍ଭ କରି ଯୋଗାଣ ବିଭାଗ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଗ୍ରାଉଣ୍ଡ ଜିରୋରେ ଏବେ ହନ୍ତସନ୍ତ ହେଉଛନ୍ତି ଏହି ଅକ୍ଷମ ହିତାଧିକାରୀ। ଘରର ଦାୟିତ୍ୱରେ ଥିବା ବ୍ୟକ୍ତିମାନେ କାର୍ଯ୍ୟାଳୟରୁ କାର୍ଯ୍ୟାଳୟ ଦୌଡ଼ି ନୟାନ୍ତ ହେଲେଣି। ପ୍ରତିଦିନ ବଦଳୁଥିବା ଅଜବ ଓ କଠିନ ନିୟମ ଯୋଗୁଁ ଗତ ମାସର ରାସନରୁ ବଞ୍ଚିତ ହେଲେଣି ହଜାର ହଜାର ପ୍ରକୃତ ବୃଦ୍ଧ ବୟସ୍କ ଏବଂ ଦିବ୍ୟାଙ୍ଗ ହିତାଧିକାରୀ। ଯୋଗାଣ ବିଭାଗ ଏବଂ ସରକାରଙ୍କ ଏଭଳି ସମ୍ବେଦନହୀନ ଓ ଜନବିରୋଧୀ ନୀତିକୁ ବିଭିନ୍ନ ମହଲରେ ତୀବ୍ର ନିନ୍ଦା କରାଯାଇଛି। ଯଦି ଯଥାଶୀଘ୍ର ପୂର୍ବପରି ନୋମିନୀ ବାଇପାସ୍ ପଦ୍ଧତିକୁ ସରଳୀକୃତ କରି ପୁନଃପ୍ରଚଳନ କରା ନ ଯାଏ, ତେବେ ଖାଉଟି ଓ ସାଧାରଣ ଜନତାଙ୍କ ପକ୍ଷରୁ ବ୍ୟାପକ ଜନ ଆନ୍ଦୋଳନ କରାଯିବ ବୋଲି ରାସନ ହିତାଧିକାରୀମାନେ କଡ଼ା ଚେତାବନୀ ଦେଇଛନ୍ତି। କଥା ଏତିକିରେ ସରି ନାହିଁ ବାହାର ରାଜ୍ୟରେ ଦାଦନ ଖଟୁଥିବା ଗରିବ ଶ୍ରମିକବର୍ଗଙ୍କୁ ଶ୍ରମକାର୍ଡ ଯୋଗୁଁ ମିଳିଥିବା ରାସନ କାର୍ଡରେ ଜଣେ ମେମ୍ବର ଥିବାରୁ ହିତାଧିକାରୀମାନେ ରାସନ ପାଇବାରୁ ବଞ୍ଚିତ ହେଉଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ଆମେ ପରିବାର ସଦସ୍ୟଙ୍କୁ ଯୋଡ଼ିବା ପାଇଁ ବାରମ୍ବାର ଯୋଗାଣ ଅଫିସ ଦୌଡ଼ି ଦୌଡ଼ି ନୟାନ୍ତ ହେଉଛନ୍ତି, ମାତ୍ର ଟାର୍ଗେଟ ନ ଥିବାରୁ ନାମ ଯୋଡ଼ାଯାଇ ପାରୁନାହିଁ। ଏ ବାବଦରେ ତିହିଡ଼ି ବ୍ଲକ୍ ଯୋଗାଣ ଅଧିକାରୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ସରକାରଙ୍କ ଗାଇଡ୍‌ଲାଇନ୍ ଅନୁଯାୟୀ ସମସ୍ତ କାର୍ଯ୍ୟ ଚାଲିଛି। ଟାର୍ଗେଟ୍ ନ ଥିବାରୁ ନାଁ ଯୋଡ଼ିହେଉ ନାହିଁ।



ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-132 ◆FRIDAY ◆6 NOVEMBER 2026 ◆PAGE-12 ◆₹ 7.00

◆ବର୍ଷ-୪୪ ◆ସଂଖ୍ୟା-୧୩୨ ◆ଶୁକ୍ରବାର ◆୬ ନଭେମ୍ବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

ସୁଜାତାଙ୍କ ପ୍ରଶ୍ନ; କାଠଗଡ଼ାରେ ସରକାର

୨୪ ମାସରେ କିପରି ଭୁଶୁଡ଼ି ଗଲା ୨୪ ବର୍ଷର ସଫଳ ବିପର୍ଯ୍ୟୟ ପରିଚାଳନା ପ୍ରଣାଳୀ

ଗଞ୍ଜାମକୁ ୨୦ ବର୍ଷ ପଛକୁ ନେଇଗଲେ ରାଜ୍ୟ ବିଜେପି ସରକାର

■ ଭୁବନେଶ୍ୱର, ୫।୧୧ (ସମିସ): ବାତ୍ୟା ଅର୍ଣ୍ଣବ ଓ ପରବର୍ତ୍ତୀ ବନ୍ୟା କାରଣରୁ ଗଞ୍ଜାମ ଉଜୁଡ଼ି ଯାଇଛି। ସରକାରଙ୍କ ତ୍ରୁଟିପୂର୍ଣ୍ଣ ବନ୍ୟା ପରିଚାଳନା, ଖାମଖିଆଲି ମନୋଭାବ କାରଣରୁ ଆଜି ଗଞ୍ଜାମ ଶ୍ରୀହୀନ ହୋଇ ପଡ଼ିଛି। ବିପର୍ଯ୍ୟୟ ପରିଚାଳନାରେ ସରକାରଙ୍କ ବିଫଳତାକୁ ଜିଲ୍ଲାବାସୀ ତୀବ୍ର ସମାଲୋଚନା କରୁଥିବା ସମୟରେ ପ୍ରଶ୍ନର କାଠଗଡ଼ାରେ ସରକାରଙ୍କୁ ଠିଆ କରିଛନ୍ତି ବିଜେଡି ନେତ୍ରୀ ସୁଜାତା ରାଉତ କାର୍ତ୍ତିକେୟନ। ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ସରକାର ଶୃଙ୍ଖଳିତ ଭାବରେ ଲୋକଙ୍କ ▶ପୃଷ୍ଠା-୭



ସରକାରଙ୍କୁ ଝଟ୍‌କା | ଆନ୍ଧ୍ରକୁ ଭୋଟ ଦେଲା କୋଟିଆ



ପ୍ରଶାସନର ପ୍ରଲୋଭନ, ପୁଲିସ ପହରା ଫେଲ୍

ସରକାରଙ୍କ ବିଫଳତାକୁ ନେଇ ତୀବ୍ର ଅସନ୍ତୋଷ

■ ଜୟପୁର/ପଟାଙ୍ଗି, ୫।୧୧ (ସମିସ) : ପ୍ରଶାସନର ଘନଘନ ଗସ୍ତ, ସରକାରୀ ଯୋଜନାର ପ୍ରଲୋଭନ, ଭତ୍ତା ବଣ୍ଟନ, ପୁଲିସର କଡ଼ା ସୁରକ୍ଷା, ସର୍ବଦଳୀୟ ନେତାଙ୍କ ପହରାକୁ ଭ୍ରୁକ୍ଷେପ ନ କରି ଆନ୍ଧ୍ରପ୍ରଦେଶ ନିର୍ବାଚନରେ ଭୋଟ୍ ଦେଇଛନ୍ତି କୋଟିଆ ଅଞ୍ଚଳର ଭୋଟର୍। ଓଡ଼ିଶାର ଦୁଇଟି ମତଦାନ କେନ୍ଦ୍ରକୁ ହଟାଇ ଦିଆଯିବା ପରେ ମଧ୍ୟ ସୀମା ଡେଇଁ ଆନ୍ଧ୍ରରେ ମତଦାନ କରିବା ଘଟଣା ରାଜ୍ୟ ସରକାରଙ୍କ ପାଇଁ ଅପମାନଜନକ ସ୍ଥିତି ସୃଷ୍ଟି କରିଛି। କୋଟିଆରେ ଓଡ଼ିଶାର ପ୍ରଶାସନିକ ଉପସ୍ଥିତି ଓ ସରକାରଙ୍କ ପ୍ରଭାବ କେତେ ଦୁର୍ବଳ, ତାହା ଏହି ଘଟଣାରୁ ପ୍ରମାଣିତ ହୋଇଛି। ସୂଚନା ଅନୁଯାୟୀ, ଗଞ୍ଜାଇପଦର ପଞ୍ଚାୟତର ନେରେଲାଭାଲସା ▶ପୃଷ୍ଠା-୭

ସରକାରୀ ଯୋଜନାରୁ ବଞ୍ଚିତ ହେବା ଭୟ

ପଞ୍ଚାୟତ ନିର୍ବାଚନରେ ସାମିଲ ହେଲେ ପାତ୍ରପୁର ବ୍ଲକ୍ ବାସିନ୍ଦା

■ ପାତ୍ରପୁର, ୫।୧୧ (ସମିସ): ଗୁରୁବାର ପଡୋଶୀ ଆନ୍ଧ୍ରରେ ଜିଲ୍ଲା ପରିଷଦ ଓ ସମିତିସଭ୍ୟ ନିମନ୍ତେ ଭୋଟ ଗ୍ରହଣ ହୋଇଯାଇଛି। ଆନ୍ଧ୍ରରେ ଭୋଟ ଗ୍ରହଣ ହେଲେ ଓଡିଶା ଆନ୍ଧ୍ର ସୀମାନ୍ତବର୍ତ୍ତୀ ଗ୍ରାମର ଭୋଟରଙ୍କ ଭୂମିକା ବେଶ୍ ଗୁରୁତ୍ୱ ବହନ କରୁଛି। ଏହି ପରିପ୍ରେକ୍ଷୀରେ ପାତ୍ରପୁର ବ୍ଲକର ତୁମ୍ବା ପଞ୍ଚାୟତ ଅନ୍ତର୍ଗତ କୁଲାଡି, ବାଞ୍ଚୁଆସାହିରୁ ଓ ବୁରାତାଲ ପଞ୍ଚାୟତ ଅନ୍ତର୍ଗତ ଗୁଡ଼ିଖଳାରୁ ଶତାଧିକ ଲୋକ ପଡୋଶୀ ରାଜ୍ୟ ଆନ୍ଧ୍ର ଯାଇ ଭୋଟ ଦେଇଥିବା ଜଣାପଡିଛି। ଯାହାକୁ ନେଇ ସମସ୍ତେ କୋଟିଆକୁ ଧରିଲେ ସୀମାନ୍ତ ପାତ୍ରପୁରକୁ ▶ପୃଷ୍ଠା-୭



ସରୁନି ବାମପଦା ଫ୍ଲାଏଓଭର ବ୍ରିଜ୍; ବଢୁଛି ଟ୍ରାଫିକ୍ ଯନ୍ତ୍ରଣା





ବାଲେଶ୍ୱର, ୫।୧୧(ସମିସ)

ବିକାଶର ପ୍ରତୀକ ହେବାକୁ ଥିବା ଉଡ଼ନ୍ତା ପୋଲ ନିର୍ମାଣ ଏବେ ସାଧାରଣ ଲୋକଙ୍କ ପାଇଁ ଦୁର୍ଦ୍ଦଶାର କାରଣ ପାଲଟିଛି। ଦୁଇ ବର୍ଷ ହେଲା ନିର୍ମାଣ କାର୍ଯ୍ୟ ଚାଲିଥିଲେ ମଧ୍ୟ ବାମପଦାସ୍ଥିତ ଫ୍ଲାଏଓଭର ଏଯାଏଁ ସମ୍ପୂର୍ଣ୍ଣ ହୋଇପାରୁନାହିଁ। ଏପଟେ ଭଙ୍ଗାଦଦରା ସର୍ଭିସ୍ ରୋଡ୍, ସେପଟେ ଜାତୀୟ ରାଜପଥ ମଝିରେ ଥିବା ରେଳ ଫାଟକ। ଉଭୟ ସମସ୍ୟା ମିଶି ବାମପଦା ଛକକୁ ଯାତାୟାତର ଏକ ବିପଜ୍ଜନକ କେନ୍ଦ୍ରରେ ପରିଣତ କରିଛି। ରେଳ ଫାଟକ ବନ୍ଦ ହେଲେ ରାଜପଥର ଉଭୟ ପାଶ୍ୱର୍ରେ ମାଇଲ ମାଇଲ ଧରି ଗାଡ଼ିମୋଟର ଅଟକି ରହୁଛି। ଘଣ୍ଟା ଘଣ୍ଟା ଧରି ଟ୍ରାଫିକ୍ ଜାମ୍‌ରେ ଫସୁଛନ୍ତି ହଜାର ହଜାର ଯାତ୍ରୀ। ଏପରିକି ଜରୁରୀକାଳୀନ ରୋଗୀ ସେବାରେ ନିୟୋଜିତ ଆମ୍ବୁଲାନ୍ସ ମଧ୍ୟ ଏହି ଭିଡ଼ରୁ ମୁକୁଳି ପାରୁନାହିଁ। ଫଳରେ ରୋଗୀଙ୍କ ଜୀବନ ପ୍ରତି ବିପଦ ଘନେଇବା ସହ ପ୍ରଶାସନ ଓ ସମ୍ପୃକ୍ତ ବିଭାଗର ଟ୍ରାଫିକ୍ ପରିଚାଳନା ବ୍ୟବସ୍ଥାକୁ ନେଇ ଗମ୍ଭୀର ପ୍ରଶ୍ନ ଉଠିଛି।

ସୂଚନାଯୋଗ୍ୟ, ବାମପଦା ଛକ ନିକଟ ଜାତୀୟ ରାଜପଥ ନଂ-୧୬ର ଏଲ୍.ସି. ନଂ-୯୭ ଠାରେ ୨୦୨୪ ମସିହାରୁ ଉଡ଼ନ୍ତା ପୋଲ ନିର୍ମାଣ ଆରମ୍ଭ ହୋଇଥିଲା। ମାତ୍ର ନିର୍ମାଣ ଆରମ୍ଭ ହେବାର ଦୁଇ ବର୍ଷ ବିତିବାକୁ ବସିଥିଲେ ମଧ୍ୟ ପ୍ରକଳ୍ପର କାର୍ଯ୍ୟ ଶେଷ ହେବାର ନାଁ ଧରୁନାହିଁ। ମଝିରେ ପ୍ରାୟ ବର୍ଷେ ଧରି କାମ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ସ୍ଥାନୀୟ ଲୋକଙ୍କ ଆନ୍ଦୋଳନ ପରେ ପୁଣି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ଏବେ ତାହା କଚ୍ଛପ ଗତିରେ ଚାଲିଥିବା ଅଭିଯୋଗ ହେଉଛି। ତେବେ ବାମପଦାର ସମସ୍ୟା କେବଳ ଅସମ୍ପୂର୍ଣ୍ଣ ଫ୍ଲାଏଓଭର ମଧ୍ୟରେ ସୀମିତ ନୁହେଁ। ଜାତୀୟ ରାଜପଥ

ଆନ୍ଦୋଳନ ଚେତାବନୀ ଦେଲା ବାମପଦା ସୁରକ୍ଷା ମଞ୍ଚ

ମଝି ଦେଇ ଯାଇଥିବା ରେଳ ଧାରଣା ଏହି ଅଞ୍ଚଳର ଟ୍ରାଫିକ୍ ସମସ୍ୟାକୁ ଆହୁରି ଜଟିଳ କରିଛି। ନୀଳଗିରିର ଗୋପୀନାଥପୁର ରେଳ ଷ୍ଟେସନକୁ ଟ୍ରେନ୍ ଚଳାଚଳ ସହ ସୋମନାଥପୁର ଅଞ୍ଚଳରେ ଥିବା ତୈଳ ଡିପୋକୁ ତେଲ ବୋଝେଇ ମାଲବାହୀ ଟ୍ରେନ୍‌ର ଯାତାୟାତ ଏହି ରେଳ ଧାରଣା ଦେଇ ହୋଇଥାଏ। ଟ୍ରେନ୍ ଚଳାଚଳ ସମୟରେ ରେଳ ଫାଟକ ବନ୍ଦ ରହୁଥିବାରୁ ଜାତୀୟ ରାଜପଥର ଉଭୟ ପାଶ୍ୱର୍ରେ ଯାନବାହନର ଲମ୍ବା ଧାଡ଼ି ଲାଗିଯାଉଛି। ଏହା କେବଳ କିଛି ସମୟର ଅସୁବିଧା ନୁହେଁ, ଅନେକ ସମୟରେ ଘଣ୍ଟା ଘଣ୍ଟା ଧରି ଗାଡ଼ି ଅଟକି ରହୁଥିବାରୁ ଯାତ୍ରୀମାନେ ଅକଥନୀୟ ଯନ୍ତ୍ରଣା ଭୋଗୁଛନ୍ତି। ସବୁଠାରୁ ସମ୍ବେଦନଶୀଳ ଦିଗ ହେଉଛି ଏହି ଟ୍ରାଫିକ୍ ଜାମ୍‌ରେ ଆମ୍ବୁଲାନ୍ସ ଫସି ରହିବା। ଜଣେ ଗୁରୁତର ରୋଗୀଙ୍କ ପାଇଁ ପ୍ରତିଟି ମିନିଟ୍ ମୂଲ୍ୟବାନ ହୋଇଥିବାବେଳେ ଟ୍ରାଫିକ୍ ଜାମ୍ ଯୋଗୁଁ ଚିକିତ୍ସାଳୟରେ ପହଞ୍ଚିବାରେ ବିଳମ୍ବ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ଅନ୍ୟପଟେ ନିର୍ମାଣାଧୀନ ଫ୍ଲାଏଓଭର ପାଇଁ ସର୍ଭିସ୍ ରୋଡ୍‌ର ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ରାସ୍ତାରେ ଖାଲଖମା, ଧୂଳି ଓ କାଦୁଅ ଯୋଗୁଁ ଦୈନନ୍ଦିନ ଯାତାୟାତ ବିପଜ୍ଜନକ ହୋଇପଡ଼ିଛି। ଏହି ରାସ୍ତାରେ ଦୁର୍ଘଟଣା ଘଟୁଥିବା ଏବଂ ଜୀବନହାନି ହୋଇଥିବା ଅଭିଯୋଗ ରହିଛି। ନିର୍ମାଣକାରୀ ସଂସ୍ଥା ବ୍ରିଜ୍ ଗୋପାଳ କନଷ୍ଟ୍ରକସନ୍ କମ୍ପାନୀକୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ ରାସ୍ତାର ସ୍ଥିତିରେ ଆବଶ୍ୟକ ସୁଧାର ଆସୁନଥିବା ବାମପଦା ସୁରକ୍ଷା ମଞ୍ଚ ଅଭିଯୋଗ କରିଛି। ଏହି ସମସ୍ତ ସମସ୍ୟାର ସ୍ଥାୟୀ ସମାଧାନ ଦାବିରେ ରେମୁଣା ବ୍ଲକ୍, ରେମୁଣା ଏନ୍ଏସି ଓ ବାଲେଶ୍ୱର ପୌରପାଳିକା ଅଞ୍ଚଳର ଜନସାଧାରଣଙ୍କ ତଥା ବାମପଦା ସୁରକ୍ଷା ମଞ୍ଚ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ଫ୍ଲାଏଓଭର ନିର୍ମାଣ ତୁରନ୍ତ ସମ୍ପୂର୍ଣ୍ଣ କରିବା, ସର୍ଭିସ୍ ରୋଡ୍‌ର ସ୍ଥାୟୀ ମରାମତି, ରେଳ ଫାଟକ ଯୋଗୁଁ ସୃଷ୍ଟି ହେଉଥିବା ଟ୍ରାଫିକ୍ ସମସ୍ୟାର ସମାଧାନ ଏବଂ ଆମ୍ବୁଲାନ୍ସ ପାଇଁ ଜରୁରୀକାଳୀନ ଯାତାୟାତ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ଦାବି ହୋଇଛି। ଆସନ୍ତା ଦେଢ଼ ମାସ ମଧ୍ୟରେ ରାସ୍ତା କାମ କରାଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିବା ମଞ୍ଚ ପକ୍ଷରୁ ସୂଚନା ମିଳିଛି। ଏହି ଅବଧି ମଧ୍ୟରେ ଦାବି ପୂରଣ ନହେଲେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ମଞ୍ଚ ଚେତାବନୀ ଦେଇଛି। ମଞ୍ଚର ସଭାପତି ବିଶ୍ୱଜିତ ଘୋଷ, ସମ୍ପାଦକ ଅନଙ୍ଗ କୁମାର ପଟ୍ଟନାୟକ, ମୁଖ୍ୟ ଉପଦେଷ୍ଟା ଧୀରେନ୍ଦ୍ର କୁମାର ମହାପାତ୍ର, ବରିଷ୍ଠ ସମ୍ପାଦକ ରବି ରାଉତ, ରାମକୃଷ୍ଣ ରାଉତଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଏହି ଦାବି ଉଠାଇଛନ୍ତି।

ମିତା ପଟ୍ଟନାୟକ ବାଲେଶ୍ୱର ପୌରପାଳିକା ବିଜୁ ମହିଳା ଜନତା ଦଳ ସଭାପତି

ବାଲେଶ୍ୱର, ୫।୧୧(ସମିସ): ସହର ତଥା ବାଲେଶ୍ୱର ପୌରପାଳିକାର ମହିଳା ସଙ୍ଗଠନକୁ ଆହୁରି ମଜବୁତ କରିବା ପାଇଁ ଦଳ ଭରସା ବାଲେଶ୍ୱର ପୌରପାଳିକା ୫ ନମ୍ବର ୱାର୍ଡ କାଉନସିଲର ମିତା ପଟ୍ଟନାୟକଙ୍କ ଉପରେ ଭରସା କରିଛି। ସେଥିପାଇଁ ତାଙ୍କୁ ବାଲେଶ୍ୱର ପୌରପାଳିକା ବିଜୁ ମହିଳା ଜନତା ଦଳର ନୂଆ ସଭାପତି ଭାବେ ଦାୟିତ୍ୱ ଦିଆଯାଇଛି।



ବିଜେଡ଼ି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ବିଜୁ ମହିଳା ଜନତା ଦଳ ସଭାପତି ସ୍ନେହାଙ୍ଗିନୀ ଛୁରିଆ ଏ ନେଇ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି। ନବନିଯୁକ୍ତ ସଭାପତି ମିତା ପଟ୍ଟନାୟକଙ୍କୁ ଦଳୀୟ କର୍ମୀ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଉଛି। ତାଙ୍କ ନେତୃତ୍ୱରେ ମ୍ୟୁନିସିପାଲଟି ବିକାଶଧାରା ବଜାୟ ରହିବା ସହ ମହିଳା ସଙ୍ଗଠନ ସୁଦୃଢ଼ ହେବ। ଏହି ଦାୟିତ୍ୱ ପାଇବା ପରେ ସେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସମସ୍ତଙ୍କ ସହଯୋଗରେ ଆଗାମୀ ପୌର ନିର୍ବାଚନରେ ବିଜେଡ଼ି ପ୍ରାର୍ଥୀଙ୍କ ବିଜୟ ଦିଗରେ କାର୍ଯ୍ୟ ଜାରି ରହିବ ବୋଲି ସଭାପତି ପଟ୍ଟନାୟକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ମିତା ପଟ୍ଟନାୟକଙ୍କ ନେତୃତ୍ୱରେ ବାଲେଶ୍ୱର ସହରରେ ମହିଳା ସଙ୍ଗଠନ ଆହୁରି ଶକ୍ତିଶାଳୀ ହେବ ବୋଲି ଆଶା କରାଯାଉଛି।

ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ବାର୍ଷିକ ବିଜ୍ଞାନ ମେଳା



ବାଲେଶ୍ୱର, ୫।୧୧(ସମିସ): କୁରୁଡ଼ାସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ବାର୍ଷିକ ବିଜ୍ଞାନ ମେଳା ୨୦୨୬ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ସଭାପତି ଶରତ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ମେଳାରେ ରଘୁନାଥ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜ୍ଞାନର ଉପାଦେୟତା ଓ ଦୈନନ୍ଦିନ ଜୀବନରେ ଏହାର ଗୁରୁତ୍ୱ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ବିଜ୍ଞାନ ମେଳାରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଭିନ୍ନ ବିଜ୍ଞାନଭିତ୍ତିକ ପ୍ରକଳ୍ପ ଓ ମଡେଲ୍ ପ୍ରଦର୍ଶନ କରିଥିଲେ। ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ ବିଚାରକ ଯଜ୍ଞ ନାରାୟଣ ବାଙ୍କୀରା ଓ ସସ୍ମିତା ସାହୁଙ୍କ ଦ୍ୱାରା କରାଯାଇଥିଲା। ବିଚାରକ ପିଲାମାନଙ୍କର ପ୍ରକଳ୍ପଗୁଡ଼ିକୁ ତଦାରଖ କରିବା ସହ ସେମାନଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ସମ୍ପାଦକ ମନୋଜ କୁମାର ପଣ୍ଡା, ପ୍ରଧାନ ଆଚାର୍ଯ୍ୟ ଦେବେନ୍ଦ୍ର କୁମାର ମହାନ୍ତି, ଉପ ପ୍ରଧାନ ଆଚାର୍ଯ୍ୟ ସଂଯୁକ୍ତା ପ୍ରଧାନ ଉପସ୍ଥିତ ଥିଲେ। ବିଜ୍ଞାନ ଶିକ୍ଷକ ସୁଜିତ୍ କୁମାର ମହାପାତ୍ର ଓ ସୁଜିତ୍ କୁମାର ବିଶ୍ୱାଳ ମେଳାର ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଉପପ୍ରଧାନ ଆଚାର୍ଯ୍ୟ ସଂଯୁକ୍ତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

ଘୂର୍ଣ୍ଣିଝଡ଼ ପ୍ରଭାବ; ପୋଖରୀରୁ ଉଠିଲା ପାଣି



ଜଳେଶ୍ୱର ବ୍ଲକ, ୫।୧୧ (ସମିସ) : ଜଳେଶ୍ୱର ବ୍ଲକ ଅନ୍ତର୍ଗତ ବର୍ଡନା ପଞ୍ଚାୟତର ଖରିଦା ଗ୍ରାମରେ ଏକ ଅଦ୍ଭୁତ ଘଟଣାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଗ୍ରାମର ପଦ୍ମ ପୋଖରୀରୁ ହଠାତ୍ ବହୁ ପରିମାଣର ପାଣି ଉପରକୁ ଉଠିବା ସହ ତାହା ଆକାଶରେ ଉଡ଼ି ଉଡ଼ି ସରସୀଦା ଗ୍ରାମ ଆଡ଼କୁ ଯାଉଥିବା ଦେଖାଯାଇଥିବା ଗ୍ରାମବାସୀ କହିବା ସହିତ ଏକ ଭିଡିଓ ସୋସିଆଲ ମିଡିଆରେ ଘୁରି ବୁଲୁଛି। ଏହି ଅସ୍ୱାଭାବିକ ଦୃଶ୍ୟକୁ ଦେଖି ସ୍ଥାନୀୟ ଲୋକେ ଆଶ୍ଚର୍ଯ୍ୟଚକିତ ହୋଇପଡ଼ିଛନ୍ତି। ସ୍ଥାନୀୟ ଲୋକଙ୍କ ଆଲୋଚନା ଅନୁଯାୟୀ, ପୋଖରୀର ପାଣି ହଠାତ୍ ଉପରକୁ ଉଠିବା ପରେ ଏକ ଧାରା ଭଳି ଆକାଶ ଆଡ଼କୁ ଉଠି ଅନ୍ୟ ଦିଗକୁ ଗତି କରିଥିଲା। ପରେ ଏହା ସରସୀଦା ଗ୍ରାମ ଆଡ଼କୁ ଯାଇଥିବା ନେଇ ଚର୍ଚ୍ଚା ହେଉଛି। ଏଭଳି ଦୃଶ୍ୟ ଦେଖିଥିବା ଲୋକଙ୍କ ମଧ୍ୟରେ କୌତୂହଳ ସୃଷ୍ଟି ହୋଇଥିବାବେଳେ ଘଟଣାକୁ ନେଇ ବିଭିନ୍ନ ମତ ପ୍ରକାଶ ପାଉଛି। କେତେକ ଲୋକ ଏହାକୁ ଘୂର୍ଣ୍ଣିଝଡ଼ ବା ଜଳଘୂର୍ଣ୍ଣିର ପ୍ରଭାବ ବୋଲି ଆଲୋଚନା କରୁଛନ୍ତି।

କାର୍ତ୍ତିକରେ ଭୀମେଶ୍ୱର ପୀଠ ଚଳଚଞ୍ଚଳ

ବାଲେଶ୍ୱର, ୫।୧୧(ସମିସ): ପବିତ୍ର କାର୍ତ୍ତିକ ମାସରେ ରେମୁଣା ଅଞ୍ଚଳର ଅନ୍ୟତମ ପ୍ରସିଦ୍ଧ ଶୈବ କ୍ଷେତ୍ର ବାବା ଭୀମେଶ୍ୱରଙ୍କ ପୀଠ ଚଳଚଞ୍ଚଳ ହୋଇଛି। ବାବାଙ୍କ ଦର୍ଶନ ଲାଗି ଅନେକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଗତ ସୋମବାର ସକାଳୁ ବାବାଙ୍କ ଦ୍ୱାର ଫିଟା ନୀତି ସମ୍ପନ୍ନ ପରେ ସ୍ନାନ, ଘର୍ଷଣ ଲାଗି ଓ ଜଳାଭିଷେକ ନୀତି ସମ୍ପନ୍ନ ହୋଇଥିଲା। ପରେ ବାବାଙ୍କ ବଡ଼ସିଂହାର ବେଶ ଅନୁଷ୍ଠିତ ହୋଇଥିଲା। ବାବାଙ୍କ ବେଶ ଦର୍ଶନ କରି ଶ୍ରଦ୍ଧାଳୁମାନେ ତୃପ୍ତ ହୋଇଥିଲେ। ଅପରାହ୍ନରେ ସ୍ଥାନୀୟ ଅଞ୍ଚଳର କୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ସଂକୀର୍ତ୍ତନ ପରିବେଷଣ ହୋଇଥିଲା। ସମସ୍ତ କାର୍ଯ୍ୟରେ ମନ୍ଦିର ପରିଚାଳନା କମିଟିର ସଦସ୍ୟ ସହଯୋଗ କରିଥିଲେ।

ଛାତ୍ର ବିଜେଡି ପକ୍ଷରୁ ସ୍ୱଚ୍ଛତା ଅଭିଯାନ



ଜଳେଶ୍ୱର, ୫।୧୧ (ସମିସ): ଦୀନକୃଷ୍ଣ ମହାବିଦ୍ୟାଳୟ ପରିସରରେ ବିଜୁ ଛାତ୍ର ଜନତା ଦଳ ଛାତ୍ର ସଂଗଠନ ପକ୍ଷରୁ ସ୍ୱଚ୍ଛତା ଅଭିଯାନ କଲେଜ ପରିସର ମଧ୍ୟରେ ଆୟୋଜନ ହୋଇଯାଇଛି। ଛାତ୍ରଛାତ୍ରୀମାନେ ଜିସିଆର ଓ ବିସିଆର ପାନୀୟଜଳ, ବଗିଚା ଆଦିରେ ବ୍ଲିଚିଂ, ଫିନାଇଲ୍ ପକାଇ ସଫେଇ କରିଥିଲେ। ଏହି ସଫେଇ କାର୍ଯ୍ୟକ୍ରମରେ ଛାତ୍ର ସଂସଦର ସଭାପତି ଶତ୍ରୁଘ୍ନ ପାଲ, ଧର୍ମପଦ ମହାନ୍ତି, କାର୍ତ୍ତିକ ଦାସ ଅଧିକାରି, ଚିନ୍ମୟ ଦାସ, ଉର୍ମିଳା ରାଉଳ, ମିଶାଭାରତୀ ସିଂହ, ଅନୁରାଧା ରଣବାଜ୍, ପୁଷ୍ପାଞ୍ଜଳୀ ବାରିକ, ସତ୍ୟପ୍ରକାଶ ଗିରି ପ୍ରମୁଖ ଉପସ୍ଥିତ ଥିଲେ।

ଆଖିବୁଜିଲେ ଆଦର୍ଶ ଶିକ୍ଷକ

ଖଇରା, ୫।୧୧ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ସାରଡାଙ୍ଗ ଗ୍ରାମ ପଞ୍ଚାୟତ ଅଧୀନ ଅଲିପୁର ଗ୍ରାମର ଆଦର୍ଶ ଶିକ୍ଷକ ବାସୁଦେବ ପୃଷ୍ଟି(୭୭)ଙ୍କ ବୁଧବାର ସନ୍ଧ୍ୟାରେ



ପରଲୋକ ହୋଇ ଯାଇଛି। ସେ ଗତ କିଛିଦିନ ହେଲା ମଧୁମେହ ରୋଗରେ ପୀଡିତ ଥିବା ବେଳେ ଛାତିରେ ଯନ୍ତ୍ରଣା କରିବାକୁ ତାଙ୍କୁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କର ଏଭଳି ଆକସ୍ମିକ ମୃତ୍ୟୁ ସମ୍ପର୍କରେ ଖବର ପାଇଁ ପୂର୍ବତନ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ସରପଞ୍ଚ ପ୍ରତିନିଧି ସୁରେଶ ମାଝୀ ପ୍ରମୁଖ ବାସଭବନକୁ ଯାଇ ଶେଷ ଦର୍ଶନ କରିବା ସହ ପରିବାରକୁ ସମବେଦନା ଜଣାଇଥିଲେ। ସ୍ୱର୍ଗତ ପୃଷ୍ଟି ଗତ ୨୦୦୮ ମସିହା ଅଗଷ୍ଟ ୩୧ରେ ଦାମୋଦରପୁରସ୍ଥିତ ରାମଚନ୍ଦ୍ର ମଧ୍ୟ ଇଂରାଜୀ ବିଦ୍ୟାଳୟରୁ ଅବସର ଗ୍ରହଣ କରିବା ପରେ ବିଭିନ୍ନ ସାମାଜିକ ସଙ୍ଗଠନ ନିଜକୁ ନିୟୋଜିତ କରିଥିଲେ।

ଭୋଗରାଇ ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ହେଲେ କବିତା ମହାନ୍ତି

ବାଲେଶ୍ୱର(ଉତ୍ତର), ୫।୧୧(ସମିସ): ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଭୋଗରାଇ ମହିଳା ବିଜୁ ଜନତା ଦଳର ସଭାନେତ୍ରୀ ଭାବେ କବିତା ମହାନ୍ତିଙ୍କୁ ନିଯୁକ୍ତି ଦିଆଯାଇଛି। ଗତ ୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ୩୦ନଂ ଜୋନରେ ଜିଲ୍ଲା ପରିଷଦ ଭାବେ ନିର୍ବାଚିତ ହୋଇ ବହୁ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ବେଳେ ଦଳର



ସଙ୍ଗଠନକୁ ମଜବୁତ କରିବାରେ ସଫଳ ହୋଇପାରିଛନ୍ତି। ତାଙ୍କର ଏହି ନୂତନ ଦାୟିତ୍ୱକୁ ନେଇ ଭୋଗରାଇ ନିର୍ବାଚନ ମଣ୍ଡଳୀର ସମସ୍ତ ବିଜୁଜନତା ଦଳର କର୍ମୀ ଓ ଶୁଭେଚ୍ଛୁ ମାନଙ୍କ ତରଫରୁ ଶୁଭେଚ୍ଛାର ସୁଅ ଛୁଟିଛି। ସୁଶ୍ରୀ ମହାନ୍ତି ତାଙ୍କ ପ୍ରତିକ୍ରିୟା ରେ ବିଜୁ ଜନତା ଦଳର ମୁଖ୍ୟ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇବା ସହିତ ବିଜୁ ମହିଳା ଜନତା ଦଳର ରାଜ୍ୟ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଏବଂ ଦଳର ସମସ୍ତ ପଦାଧିକାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବରେ ଆୟୁଷ ପ୍ରଥମ



ନୀଳଗିରି, ୫।୧୧ (ସମିସ): ଚଳିତବର୍ଷ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୬ରେ ନୀଳଗିରି ଜାମୁଡ଼ିହାସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ର ଆୟୁଷ କୁମାର ଶତପଥି ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଡିବେଟ୍‌ରେ ପ୍ରଥମ ସ୍ଥାନ ଅଧିକାର କରି ନୀଳଗିରି ପାଇଁ ଗୌରବ ଆଣିଛନ୍ତି। ନୀଳଗିରି ଏନ୍ଏସିର ଘାଟଘରସାହି ଗ୍ରାମର ମାନସ ଶତପଥୀଙ୍କ ପୁତ୍ର ଆୟୁଷ ନିଜର ଅଧ୍ୟବସାୟ ବଳରେ କୃତିତ୍ୱ ଅର୍ଜନ କରୁଥିବା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ପ୍ରଶଂସା କରିଛନ୍ତି।

ସୌମ୍ୟଙ୍କ ପରିବାକୁ ଭେଟିଲେ ବିଭିନ୍ନ ସଂଗଠନ

ପୁନଃତଦନ୍ତ ପାଇଁ ଦେଢ଼ଲକ୍ଷ ଚିଠି ପ୍ରଦାନ କରିବାକୁ ସଙ୍କଳ୍ପ

ଖଇରା, ୫।୧୧ (ସମିସ): ପାରଳାଖେମୁଣ୍ଡି ଏସିଏଫ ସୌମ୍ୟ ରଞ୍ଜନ ମହାପାତ୍ରଙ୍କ ରହସ୍ୟଜନକ ମୃତ୍ୟୁ ଘଟଣାରେ ସଂପୃକ୍ତ ଥିବା ଡିଏଫଓ, ରୋଷେୟା ଓ ପତ୍ନୀଙ୍କୁ ଗିରଫ ପରେ ସୌମ୍ୟଙ୍କ ପରିବାର ସମେତ ଖଇରାର ବିଭିନ୍ନ ସଙ୍ଗଠନ ଆଶ୍ୱସ୍ତି ଅନୁଭବ କରିଛନ୍ତି। ସେପଟେ ସୌମ୍ୟଙ୍କ ବାପା ଅଭିରାମ ଓ ମା' ତୁଳସୀ ପୁଅ ମୃତ୍ୟୁରେ ଧୈର୍ଯ୍ୟହରା ନ ହୋଇ ଗତ ୫ବର୍ଷ ଧରି ଅଭିଯୁକ୍ତଙ୍କୁ ଗିରଫ କରାଇବାରେ ଦୃଷ୍ଟାନ୍ତମୂଳକ ଭୂମିକା ଗ୍ରହଣ କରିଛନ୍ତି। ଖଇରାର ବିଭିନ୍ନ ସାମାଜିକ ସଙ୍ଗଠନ ଆଞ୍ଚଳିକ ବ୍ରାହ୍ମଣ ସମିତି, ବରିଷ୍ଠ ନାଗରିକ ମଞ୍ଚ, ଖଇରା ସାହିତ୍ୟ ସଂସଦ, ଜନଜାଗରଣ ମଞ୍ଚ, ଅବସରପ୍ରାପ୍ତ କର୍ମଚାରୀ ସଂଘ, ପ୍ରତିଭା ପରିବାର, ଖଇରା ବିକାଶ ପରିଷଦ, ମୁକୁନ୍ଦ ପ୍ରସାଦ ସ୍ମୃତି କମିଟି, ଖଇରା ସ୍ୱାଭିମାନ ମଞ୍ଚ ଗୁରୁବାର ଅପରାହ୍ନରେ ତାଙ୍କ ବେଗୁନିଆ ବାସଭବନରେ ପହଞ୍ଚି ସମବେଦନା ଜଣାଇବା ସହ ମାମଲାର ପୁନଃତଦନ୍ତ ପାଇଁ ଭାରତର ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ମୁଖ୍ୟବିଚାରପତିଙ୍କୁ ଦେଢ଼ଲକ୍ଷ ପୋଷ୍ଟକାର୍ଡ ମାଧ୍ୟମରେ ଅବଗତ



ପାଇଁ ସଂକଳ୍ପ ନିଆଯାଇଛି। ଏହି ଅବସରରେ ଆଞ୍ଚଳିକ ବ୍ରାହ୍ମଣ ସମିତିର ଉପଦେଷ୍ଟା କୃଷ୍ଣଚନ୍ଦ୍ର ପତ୍ରୀଙ୍କ ପୌରହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଖଇରା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ମୁକ୍ତିକାନ୍ତ ଶତପଥି ଓ ବସନ୍ତ କୁମାର ଖିଲାର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅନ୍ତର୍ଯ୍ୟାମୀ ପାତ୍ର ଓ ବୁଦ୍ଧିରାମ ପାଣିଗ୍ରାହୀ, ଚିନ୍ତାମଣି ସାହାଣି, ମହେନ୍ଦ୍ର ପ୍ରସାଦ କବି, ନିରଞ୍ଜନ ବେହେରା ପ୍ରମୁଖ ବକ୍ତବ୍ୟ ରଖି ଜଣେ ସ୍ୱଳ୍ପ ପେନସନଧାରୀ ଅଭିରାମ କେବଳ ପ୍ରାଣମୂର୍ଚ୍ଛା ଲଢେଇ କରି ନାହାଁନ୍ତି ବରଂ ଜଣେ ବାପା ହିସାବରେ ପୁଅକୁ ଯେଉଁଭଳି ଭାବେ ନ୍ୟାୟ ଦେଲେ ସମସ୍ତ ବାପା ମାନଙ୍କ ପାଇଁ ଉଦାହରଣ ପାଲଟିଯାଇଛନ୍ତି ବୋଲି ପ୍ରକାଶ କରିଥିଲେ। ଏଥିସହ ତାଙ୍କୁ ମୂଳରୁ ଶାରିରିକ ଓ ମାନସିକ ସ୍ତରରେ ସାହାଯ୍ୟ ସହଯୋଗ କରିଆସିଥିବା ପ୍ରାକ୍ତନ ରାଜ୍ୟ ବିଜେପି କୋଷାଧ୍ୟକ୍ଷ ଠାକୁର ରଞ୍ଜିତ ଦାସଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ହତ୍ୟାକାରୀ ମାନେ କ୍ଷମତା ଓ ପ୍ରତିପତ୍ତିଶାଳୀ ବ୍ୟକ୍ତି ହୋଇଥିବା ବେଳେ ଶ୍ରୀ ଦାସ ଯେଉଁଳି ଭାବେ ଜଣେ ପୁତ୍ରହରା ବାପାଙ୍କ ସହରହି ଆଜି ପର୍ଯ୍ୟନ୍ତ ତାଙ୍କ ସହ ଲଢେଇରେ ସାମିଲ ହୋଇଛନ୍ତି ସେଥିପାଇଁ ଖଇରାବାସୀଙ୍କ ତରଫରୁ ଧନ୍ୟବାଦ ଅର୍ପଣ କରିଛନ୍ତି।

ବାଲେଶ୍ୱର ଷ୍ଟେସନରେ ମାନବିକତାର ନିଦର୍ଶନ

ବିଚ୍ଛିନ୍ନ ଦମ୍ପତିଙ୍କୁ ମିଳାଇଲା ଆର୍‌ପିଏଫ୍

ବାଲେଶ୍ୱର, ୫।୧୧(ସମିସ): ରେଳ ସୁରକ୍ଷା ବଳ (ଆରପିଏଫ୍)ର "ମେରି ସହେଲୀ' ଟିମ୍ ବାଲେଶ୍ୱର ରେଳ ଷ୍ଟେସନରେ ଟ୍ରେନ୍‌ରୁ ଅସାବଧାନତାବଶତଃ ରହିଯାଇଥିବା ଜଣେ ମହିଳା ଯାତ୍ରୀଙ୍କୁ ତାଙ୍କ ସ୍ୱାମୀଙ୍କ ନିକଟରେ ସୁରକ୍ଷିତ ଭାବେ ପହଞ୍ଚାଇଛନ୍ତି ଆରପିଏଫ୍ କର୍ମଚାରୀ। ସୂଚନା ଅନୁଯାୟୀ, ଗତ ୩ ତାରିଖ ସକାଳ ପ୍ରାୟ ୯ଟା ୫୫ ମିନିଟ୍‌ରେ ପ୍ଲାଟଫର୍ମ ନମ୍ବର ୨ରୁ ୧୫୬୪୦ ନମ୍ବର କାମାକ୍ଷାପୁରୀ ଏକ୍ସପ୍ରେସ୍ ଛାଡ଼ିବା ପରେ ଅମୁଲ୍ ଷ୍ଟଲ୍ ନିକଟରେ ଜଣେ ମହିଳା ଯାତ୍ରୀ କାନ୍ଦୁଥିବା ଓ ପୁରୀ ଯିବା ପାଇଁ ଟ୍ରେନ୍ ସମ୍ପର୍କରେ ପଚାରୁଥିବା ଦେଖିବାକୁ ପାଇଥିଲେ ଡ୍ୟୁଟିରେ ଥିବା ସିଫ୍ଟ ଅଫିସର ଏଏସ୍ଆଇ ଏସ୍.କେ. ମୁଦୁଲି ଓ "ମେରି ସହେଲୀ' ଟିମ୍‌ର ମହିଳା କନଷ୍ଟେବଳ କେ. ସୁମତି। ତୁରନ୍ତ ଉଭୟ ତାଙ୍କ ନିକଟକୁ ଯାଇ ଆଶ୍ୱାସନା ଦେବା ସହ ପିଇବା ପାଣି ଯୋଗାଇ ଦେଇଥିଲେ। ପଚରାଉଚରା ବେଳେ ମହିଳା ଜଣକ କହିଥିଲେ ଯେ, ସେ ସ୍ୱାମୀଙ୍କ ସହ ଆସାମ ଭ୍ରମଣ ସାରି ଘରକୁ ଫେରୁଥିଲେ। ବାଲେଶ୍ୱର ଷ୍ଟେସନରେ ପିଇବା ପାଣି ଭରିବା ପାଇଁ ଦୁହେଁ ଟ୍ରେନ୍‌ରୁ ଓହ୍ଲାଇଥିବା ବେଳେ ଅସାବଧାନତାବଶତଃ ଟ୍ରେନ୍‌ଟି ଛାଡ଼ି ଦେଇଥିଲା। ଫଳରେ ସେ ସ୍ୱାମୀଙ୍କଠାରୁ ଅଲଗା ହୋଇ ଷ୍ଟେସନରେ ରହିଯାଇଥିଲେ। ପରେ ମହିଳାଙ୍କଠାରୁ ସ୍ୱାମୀଙ୍କ ମୋବାଇଲ୍ ନମ୍ବର ନେଇ ଆରପିଏଫ୍ କର୍ମଚାରୀ ଯୋଗାଯୋଗ କରିଥିଲେ ଏବଂ ବାଲେଶ୍ୱର ଷ୍ଟେସନକୁ ଆସିବାକୁ ପରାମର୍ଶ ଦେଇଥିଲେ। ସ୍ୱାମୀ ଷ୍ଟେସନରେ ପହଞ୍ଚିବା ପରେ ପରିଚୟ ଯାଞ୍ଚ କରାଯାଇ ଲିଖିତ ସ୍ୱୀକୃତି ନେବା ପରେ ମହିଳାଙ୍କୁ ସୁସ୍ଥ ଓ ସୁରକ୍ଷିତ ଅବସ୍ଥାରେ ତାଙ୍କ ସ୍ୱାମୀଙ୍କ ହସ୍ତାନ୍ତର କରାଯାଇଥିଲା।

ବେଆଇନ ଗୋଚାଲାଣ ପଛରେ ବିଜେପି: ଯୁବ ଛାତ୍ର ବିଜେଡି

ବାଲେଶ୍ୱର, ୫।୧୧(ସମିସ)

ବାଲେଶ୍ୱର ବିଜେପିର ଛାମୁଆ ସଂଗଠନର କର୍ମକର୍ତ୍ତାଙ୍କ ଛତ୍ରଛାୟାରେ ଚାଲିଛି ବେଧଡ଼କ ଗୋ-ଚାଲାଣ। ଦିନ ଥିଲା ବାଲେଶ୍ୱର ଜିଲ୍ଲାରେ ଯେଉଁ ରାଜନୈତିକ ଦଳ ଓ ସଂଗଠନର କର୍ମକର୍ତ୍ତା ଗୋ-ରକ୍ଷକ ସାଜିଥିଲେ, ଏବେ ଗୋ ଚାଲାଣରେ ସାମିଲ ହୋଇ ଅନୈତିକ ପନ୍ଥାରେ ଅର୍ଥ ଉପାର୍ଜନ କରୁଛନ୍ତି। ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ ହେଲେ ଗୋ-ଚାଲାଣରେ ବିଜେପିର ଶୀର୍ଷ ନେତୃତ୍ୱଠୁ ଓ ବିଜେପି ଯୁବ ମୋର୍ଚ୍ଚାର ସମ୍ପୃକ୍ତି ପଦାକୁ ଆସିବ ବୋଲି ବିଜୁ ଯୁବ ଜନତା ଦଳର ଜିଲ୍ଲା ସଭାପତି ତାପସ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ

କେବଳ ନିଲମ୍ବନ ନୁହେଁ, ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

ସାମ୍ବାଦିକ ସମ୍ମିଳନୀରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଦାବି କରାଯାଇଛି। ବିଜେପି ଯୁବ ମୋର୍ଚ୍ଚାର ଉପସଭାପତି ବରେନ୍ଦ୍ର ମହାଲିକ, କୋଷାଧ୍ୟକ୍ଷ ଦେବାଶିଷ କବି ଏବଂ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ଖୁଲମଖୁଲା ସମ୍ପୃକ୍ତି ନେଇ ଅଡିଓ ଭାଇରଲ ହେବା ପ୍ରସଙ୍ଗକୁ ଦଳ ଅସ୍ତ୍ର କରିଛି। ଯେଉଁ ଦଳ ହିନ୍ଦୁତ୍ୱର କଥା କହେ, ଗୋମାତା ନାମରେ ରାଜନୀତି କରେ, ସେହି ଦଳର କର୍ମକର୍ତ୍ତା ଲୋକଙ୍କୁ ମିଛ ପ୍ରଚାର ମଧ୍ୟରେ ରଖି ନିଜେ ଗୋ-ତସ୍କରୀରେ ସାମିଲ ଥିବା ଦଳ ଦାବି କରିଛି।



ବିଜୁ ଯୁବ ଜନତା ଦଳର ଜିଲ୍ଲା ସଭାପତି ତାପସ ପାଣିଗ୍ରାହୀ, ଯୁବ କାର୍ଯ୍ୟକାରୀ ସଭାପତି ଭରତ ଭୂଷଣ ଦାସ, ଜିଲ୍ଲା ଛାତ୍ର ବିଜେଡି ସଭାପତି ହରେକୃଷ୍ଣ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଏଭଳି ଖୋଲମଖୋଲା ଅଭିଯୋଗ ଆଣିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ନହେଲେ ଦଳ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି। ଗୋ-ମାଫିଆଙ୍କ ଠାରୁ ଚାନ୍ଦା ଆଦାୟ ମାମଲାରେ ଜଡ଼ିତ ହେବା ଜାଣି ବିଜେପି ଜଣଙ୍କୁ ନିଲମ୍ବନ କରିଛି। କେବଳ ନିଲମ୍ବନ ନୁହେଁ, ସେମାନଙ୍କ ବିରୁଦ୍ଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ, ଘଟଣାର ଉପଯୁକ୍ତ ତଦନ୍ତ, ସେମାନଙ୍କ ସିଡିଆର ଯାଞ୍ଚ, ଏଥିରେ ଥିବା ବଡ଼ ନେତାଙ୍କ ସମ୍ପୃକ୍ତି, ରେକର୍ଡିଂରେ ଥିବା ଅନ୍ୟାନ୍ୟ ନାମ ଗୁଡ଼ିକ କିଏ ଏବଂ ସେମାନଙ୍କର ଏଥିରେ ଭୂମିକା କଣ ଆଦି ଯାଞ୍ଚ ଉପରେ ଦଳ ପ୍ରଶ୍ନ ଉଠାଇଛି। ଏଥିସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ନହେଲେ ବିଜୁ ଯୁବ ଛାତ୍ର ଆନ୍ଦୋଳନକୁ ଓହ୍ଲାଇବ ବୋଲି ହୋଟେଲ ଫାଣ୍ଟାସୀରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଯୁବ ଜନତାର କର୍ମକର୍ତ୍ତାଙ୍କ ମଧ୍ୟରେ ଭବାନୀ ପଣ୍ଡା ଓ ଅଭିନାଶ ନାୟକ ମଞ୍ଚାସୀନ ଥିବା ବେଳେ ବିଶ୍ୱଜିତ ଜେନା, ଦେବାଶିଷ ଦାସ, ବିଶ୍ୱଜିତ ମହାନ୍ତି, ଅଶ୍ୱିନୀ ନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଅବକାରୀ ଚଢ଼ଉ, ୪ ଗିରଫ

ସୋର, ୫।୧୧(ସମିସ): ସୋର ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଦେଶୀମଦ ଜବତ କରିଥିବା ବେଳେ ଚାରି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବାଲେଶ୍ୱର ଅବକାରୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ନୀଳଗିରି ରେଞ୍ଜ ଅବକାରୀ ନିରୀକ୍ଷକ ନାରାୟଣ ବେହେରାଙ୍କ ତତ୍ତ୍ୱାବଧାନରେ ସୋର ଆଦର୍ଶ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରିଣୀ ଅନିତା ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ସୋର ଥାନା ଅନ୍ତର୍ଗତ ସବିରା ପଞ୍ଚାୟତର ବିଭିନ୍ନ ଗ୍ରାମରେ ଚଢ଼ାଉ କରି ସୁକାନ୍ତି ମାଝୀ ନିକଟରୁ ୨୦ ଲିଟର ଦେଶୀ ମଦ, କହ୍ନେଇ ବାରିକ ନିକଟରୁ ୨୫ ଲିଟର ଦେଶୀ ମଦ, ନିରଞ୍ଜନ ଓଝା ନିକଟରୁ ୨୦ ଲିଟର ଏବଂ ମାୟାଧର ଗୁରୁ ନିକଟରୁ ୬୦ ଲିଟର ଦେଶୀ ରନ୍ଧା ମଦ ଜବତ କରିବା ସହିତ ସମସ୍ତଙ୍କୁ ଗିରଫ କରିଥିଲେ। ଅପରାହ୍ନରେ ସୋର ମେଡିକାଲରେ ସମସ୍ତଙ୍କ ଡାକ୍ତରୀ ମାଇନା ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉରେ ସହ ଉପନିରୀକ୍ଷକ ବସନ୍ତ କୁମାର ବାରିକ, କନେଷ୍ଟବଳ ଶଶୀକାନ୍ତ ସାହୁ, ମିନତୀ ପରିଡା ସାମିଲ ହୋଇଥିଲେ।

■ ବାରଣ୍ଡାରେ-ଗଛମୂଳେ ଚିଲିଛି ପାଠପଢା

ଘସିପୁରା ବ୍ଲକ୍‌ର ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ




ଆନନ୍ଦପୁ. ୫।୧୧ (ସମିସ): ଆନନ୍ଦପୁର ଉପଖଣ୍ଡ ଘସିପୁରା ବ୍ଲକ୍‌ରୁ ଆସିଛି ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର। ମଧ୍ୟାହ୍ନ ଭୋଜନ ପୂର୍ବରୁ ବାରଣ୍ଡାରେ ଓ ପରେ ଗଛମୂଳେ ଚାଲିଛି ପାଠପଢା। ବର୍ଷା ହେଲେ ଏଠି, ସିଧା ସ୍କୁଲ୍ ଛୁଟି। ସବୁକିଛି ହୋଇଛି ଛାତ୍ରଛାତ୍ରୀଙ୍କ ଅବିଭାବକ ଓ ସ୍କୁଲ୍ ପରିଚାଳନା କମିଟିର ନିଷ୍ପତ୍ତିରେ। ଘସିପୁରା ବ୍ଲକ୍ ଆଦିବାସୀ ବହୁଳ ଝିଙ୍କିପିଟା ସରକାରୀ ପ୍ରାଥମିକ ବିଦ୍ୟାଳୟ ଅବିଭାବକ ଓ ସ୍କୁଲ କମିଟି ପ୍ରସ୍ତାବ କରି କାହିଁକି ଏଭଳି ନିଷ୍ପତ୍ତି ନେଇଛନ୍ତି, ସେନେଇ ପ୍ରଶ୍ନ ଉଠିଛି। ଦିନର ପ୍ରଥମାର୍ଦ୍ଧରେ ସ୍କୁଲ୍ ବାରଣ୍ଡାରେ ବସି ଏଠି ପାଠ ପଢିଥାନ୍ତ ପ୍ରଥମରୁ ପଞ୍ଚମ ଶ୍ରେଣୀର ୪୦ ପିଲା। ଦିନ ୧ଟାରେ ମଧ୍ୟାହ୍ନ ଭୋଜନ ଖାଇ ବହି ବସ୍ତାନୀ ଧରି ଗଛମୂଳ ସାଜିଥାଏ ଏଠି କ୍ଲାସ୍‌ରୁମ୍। ସ୍କୁଲ୍ ଘର ତ ଅଛି ହେଲେ ପାଠପଢା କେବେ ବାରଣ୍ଡାରେ ତ କେବେ ଗଛମୂଳେ କାହିଁକି ହେଉଛି ? ଏଠି ସ୍କୁଲ୍ ଘର ଅଛି ସତ, ହେଲେ କ୍ଲାସ ରମ୍‌ର ଛାତରୁ ଅହରହ ଖସୁଛି କଂକ୍ରିଟ୍ ଖଣ୍ଡ। ଯାହାକି ଉଭୟ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀଙ୍କ ପାଇଁ ବିପଦ ସୃଷ୍ଟି କରିଛି। କିଛିଦିନ ତଳେ ଏହି ଛାତର ମରାମତି କରାଯାଇଥିଲା, ହେଲେ ମରାମତି ସମୟରେ ଛାତ ଦୋହଲୁଥିବା ନଜରକୁ ଆସିବାରୁ ପିଲାଙ୍କ ପାଠପଢା ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଥିବା କହିଛନ୍ତି ଅବିଭାବକ। ଆଦିବାସୀ ଗାଁ ଝିଙ୍କିପିଟାଠାରେ ମୁଖ୍ୟତଃ ଆଦିବାସୀ ଛାତ୍ରଛାତ୍ରୀଙ୍କ ଶିକ୍ଷାର ବିକାଶ ପାଇଁ ୧୯୯୯ରେ ସର୍ବଶିକ୍ଷା ଯୋଜନାରେ ନିର୍ମାଣ କରାଯାଇଥିଲା ଏହି ସ୍କୁଲ ବିଲ୍ଡିଂ। ହେଲେ ଦୂରଦୃଷ୍ଟିର ଅଭାବ ଯୋଗୁଁ କ୍ଲାସରୁମ୍‌ର ଛାତତଳେ ଦିଆଯାଇଥିବା ମାତ୍ର ୧୦ ଇଞ୍ଚର କଂକ୍ରିଟ୍ ବିମ୍ ଏବେ ଛାତର ଭାର ସମ୍ଭାଳିବାକୁ ଅସମର୍ଥ। ଏହି ସାଙ୍ଗକୁ ପର୍ଯ୍ୟାୟକ୍ରମେ ଛାତରେ ମରାମତି କାମ ଯୋଗୁଁ ଛାତ ଆହୁରି ମୋଟା ଓ ଓଜନିଆ ହୋଇ ବିପଦସଙ୍କୁଳ ଅବସ୍ଥାରେ ରହିଛି। ନୂତନ ସ୍କୁଲ ଘର ପାଇଁ ଦାବି କରିଛନ୍ତି ଅଞ୍ଚଳବାସୀ। ମାଓ ପ୍ରବଳ ଅଞ୍ଚଳ ଭାବେ ଜଣାସୁଣା ଆଦିବାସୀ ବହୁଳ ଏହି ଅଞ୍ଚଳରେ ଛାତ୍ରଛାତ୍ରୀଙ୍କ ଶିକ୍ଷାର ବିକାଶ ଆବଶ୍ୟକତା ରହିଛି। ଏଥିପ୍ରତି ସ୍ଥାନିୟ ପ୍ରଶାସନ ଓ ଶିକ୍ଷାବିଭାଗ ଯତ୍ନବାନ ହେବା ଜରୁରୀ ହୋଇ ପଡିଛି।

ସକାଳେ ବାରଣ୍ଡା, ବେଳାରେ ଗଛମୂଳେ ପାଠପଢ଼ା

ଯକ୍ଷ୍ମା ରୋଗର ନିରାକରଣ ଉପରେ ସଚେତନତା



ଘଟଗାଁ, ୫।୧୧(ସମିସ): ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ସଭାଗୃହରେ ଯକ୍ଷ୍ମା ରୋଗର ନିରାକରଣ ଉପରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି ଷ ଗୋଷ୍ଠୀ କେନ୍ଦ୍ରର ଚିକିତ୍ସାଧିକାରୀ ଡାକ୍ତର ମୁକ୍ତିକାନ୍ତ ନାୟକଙ୍କ ସଭାପତିତ୍ୱରେ ଡାକ୍ତର ରାତିକ ମହାନ୍ତି, ଶିଶୁ ବିକାଶ ଅଧିକାରୀ ଅନିତା ସାହୁ, ଏସ.ଏ. ବିପିନ ବିହାରୀ ଷଡଙ୍ଗୀ, ପିଏଚଇଓ ପୁଷ୍ପଲତା ମହାପାତ୍ର, ବିପିଏମ ସୁନିତା ଦାଶ ଯକ୍ଷ୍ମା ରୋଗ ଜାଣିଲେ ତୁରନ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ରକ୍ତ ନମୁନା ପରୀକ୍ଷା କରିବା ସହ ପ୍ରତିଷେଧକ ପାଇଁ ଔଷଧ ଖାଇବା ପାଇଁ ପରାମର୍ଶ ଦେଇଥିଲେ। ପଞ୍ଚାୟତ ସ୍ତରରୁ ଯକ୍ଷ୍ମା ରୋଗର ମୂଲୋତ୍ପାଟନ ଲକ୍ଷ୍ୟ ରଖାଯାଇଥିବା ସ୍ୱାସ୍ଥ୍ୟ ଚିକିତ୍ସା ଧିକାରୀ ଡାକ୍ତର ନାୟକ ପ୍ରକାଶ କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ଯକ୍ଷ୍ମା ସୁପରଭାଇଜର ରାଜେଶ କୁମାର ରାଉତ, ସ୍ୱାସ୍ଥ୍ୟକର୍ମୀ ହେମନ୍ତ ବାରିକ, ଏଲଟି. ଜ୍ୟୋତିପ୍ରକାଶ ଚକ୍ର ପ୍ରମୁଖ ପରିଚାଳନା କରିଥିଲେ। ବିଭିନ୍ନ ପଞ୍ଚାୟତ ସରପଞ୍ଚ, ଅଙ୍ଗନବାଡି ମହିଳା ପରିଦର୍ଶିକା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

ନିର୍ମାଣ ହୋଇଛି ସ୍ୱାସ୍ଥ୍ୟକେନ୍ଦ୍ର, ମିଳୁନି ସ୍ୱାସ୍ଥ୍ୟସେବା

ରୋଗୀଙ୍କ ଭରସା ଅନ୍ୟ ଚିକିତ୍ସାଳୟ

ଯୋଡ଼ା, ୫।୧୧(ସମିସ):



ବିସ୍ଥାପିତ ପରିବାରଙ୍କୁ ସମସ୍ତ ପ୍ରକାର ମୌଳିକ ସୁବିଧା ଯୋଗାଇଦେବାର ପ୍ରତିଶ୍ରୁତି ଦେଇ ଥଇଥାନ କରାଯାଇଥିଲା। ହେଲେ ଦୀର୍ଘ ବର୍ଷ ପରେ ମଧ୍ୟ ସେମାନଙ୍କ ନିକଟରେ ମୌଳିକ ସ୍ୱାସ୍ଥ୍ୟସେବା ପହଞ୍ଚିପାରିନାହିଁ। ଚମ୍ପୁଆ ଉପଖଣ୍ଡର ଆଙ୍ଗୁଳିଆ ବିସ୍ଥାପିତ କଲୋନୀରେ ନିର୍ମିତ ଏଏନ୍‌ଏମ୍ କେନ୍ଦ୍ରଟି ଏବେ କେବଳ ଏକ କୋଠାରେ ସୀମିତ ରହିଥିବା ଅଭିଯୋଗ ହୋଇଛି। ନିୟମିତ ସ୍ୱାସ୍ଥ୍ୟକର୍ମୀ ନ ରହିବାରୁ କେନ୍ଦ୍ରଟି ଲୋକଙ୍କ କାମରେ ଆସୁନଥିବା ବେଳେ ଏହାର ଅବସ୍ଥା ଧୀରେ ଧୀରେ ଏକ ପରିତ୍ୟକ୍ତ ଗୃହ ଭଳି ହୋଇଗଲାଣି।

ସୂଚନା ଅନୁସାରେ, କାନୁପୁର ବୃହତ୍ ଜଳସେଚନ ପ୍ରକଳ୍ପ ନିର୍ମାଣ ଯୋଗୁଁ ଚମକପୁର ଗ୍ରାମର ଶତାଧିକ ପରିବାର ବିସ୍ଥାପିତ ହୋଇ ଆଙ୍ଗୁଳିଆଠାରେ ଥିବା କଲୋନୀରେ ଆଶ୍ରୟ ନେଇଥିଲେ। ଦୀର୍ଘ ୧୦ ବର୍ଷରୁ ଅଧିକ ସମୟ ହେଲା ଏଠାରେ ରହିଆସୁଥିଲେ ମଧ୍ୟ ସେମାନଙ୍କ ଜୀବନଧାରଣର ଅନେକ ମୌଳିକ ସମସ୍ୟାର ସମାଧାନ ହୋଇନଥିବା ସ୍ଥାନୀୟ ଅଞ୍ଚଳରୁ ଅଭିଯୋଗ ହେଉଛି। ବିଶେଷକରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସମସ୍ୟା ଅଧିକ ଜଟିଳ ହୋଇଛି। କଲୋନୀବାସୀଙ୍କ ସୁବିଧା ପାଇଁ ପ୍ରକଳ୍ପ ମାଧ୍ୟମରେ ଏକ ଏଏନ୍‌ଏମ୍ କେନ୍ଦ୍ର ନିର୍ମାଣ କରାଯାଇଥିଲା। କିନ୍ତୁ କେନ୍ଦ୍ରରେ ନିୟମିତ ଭାବେ କୌଣସି ଏଏନ୍‌ଏମ୍ କିମ୍ବା ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ରହୁ ନଥିବା ଅଭିଯୋଗ ରହିଛି। ଫଳରେ ଗର୍ଭବତୀ ମହିଳା, ନବଜାତ ଶିଶୁ, ଶିଶୁ ଓ ବୟସ୍କଙ୍କୁ ଆବଶ୍ୟକ ସମୟରେ ସ୍ୱାସ୍ଥ୍ୟ ପରାମର୍ଶ କିମ୍ବା ପ୍ରାଥମିକ ଚିକିତ୍ସା ମିଳିବା କଷ୍ଟକର ହୋଇପଡ଼ିଛି। ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥାର ଗୁରୁତ୍ୱପୂର୍ଣ୍ଣ ସେବା ଯଥା ନିୟମିତ ଟିକାକରଣ, ଗର୍ଭବତୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଶିଶୁଙ୍କ ଯତ୍ନ ଓ ଅନ୍ୟାନ୍ୟ ପ୍ରାଥମିକ ସ୍ୱାସ୍ଥ୍ୟ ଯାଞ୍ଚ ପାଇଁ ମଧ୍ୟ ଲୋକଙ୍କୁ ଅନ୍ୟ ସ୍ଥାନକୁ ଯିବାକୁ ପଡୁଛି। ଏଭଳି ସ୍ଥିତିରେ ଅସୁସ୍ଥ ଓ ଜରୁରୀ ଚିକିତ୍ସା ଆବଶ୍ୟକ କରୁଥିବା ଲୋକେ ଅଧିକ ହଇରାଣ ହେଉଛନ୍ତି। ଲୋକଙ୍କ ପାଇଁ ନିର୍ମିତ ସ୍ୱାସ୍ଥ୍ୟକେନ୍ଦ୍ରରେ ଯଦି ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ଓ ସେବା ପ୍ରଦାନର ବ୍ୟବସ୍ଥା ନାହିଁ, ତେବେ ଏହା ନିର୍ମାଣ କରିବାର ଉଦ୍ଦେଶ୍ୟ କେତେଦୂର ସଫଳ ହୋଇଛି ବୋଲି ପ୍ରଶ୍ନ ଉଠୁଛି। କେନ୍ଦ୍ରର ରକ୍ଷଣାବେକ୍ଷଣ କିଏ କରୁଛି, ଏହାର ପରିଚାଳନା ଦାୟିତ୍ୱ କେଉଁ ବିଭାଗ ଉପରେ ରହିଛି ଏବଂ ଏଠାରେ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି କେବେ ହେବ, ସେନେଇ ମଧ୍ୟ ସ୍ପଷ୍ଟତା ନାହିଁ। ବିସ୍ଥାପିତଙ୍କ ପୁନର୍ବାସ ଓ ଥଇଥାନ ଦାୟିତ୍ୱରେ ଥିବା ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ସହ ସ୍ୱାସ୍ଥ୍ୟ ବିଭାଗ ମଧ୍ୟ ଏହି ସମସ୍ୟାର ସମାଧାନ ଦିଗରେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ତୁରନ୍ତ କେନ୍ଦ୍ରର ବାସ୍ତବ ସ୍ଥିତି ଅନୁଧ୍ୟାନ କରିବା ସହ ନିୟମିତ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି, ଔଷଧ ଯୋଗାଣ ଓ ଆବଶ୍ୟକ ଚିକିତ୍ସା ସୁବିଧା ସୁନିଶ୍ଚିତ କରିବାକୁ ଦାବି ହୋଇଛି।

ଆଙ୍ଗୁଳିଆ ବିସ୍ଥାପିତ କଲୋନୀରେ ଅଦରକାରୀ ପଡ଼ିଛି ଏଏନ୍‌ଏମ୍ କେନ୍ଦ୍ର

ଜୁଆଙ୍ଗ ଯୁବକଙ୍କୁ ରାହା ଦେଖାଇଲା 'ଆଶା'

କେନ୍ଦୁଝର, ୫।୧୧(ସମିସ): ରେଳ ଦୁର୍ଘଟଣାରେ ଡାହାଣ ଗୋଡ଼ ହରାଇଥିବା ଆଦିବାସୀ ଯୁବକଙ୍କ ଆଜି କୃତ୍ରିମ ଗୋଡ଼ ସ୍ୱେଚ୍ଛାସେବୀ ଅନୁଷ୍ଠାନ "ଆଶା' ସହାୟତାରେ ଲଗାଯାଇଛି। ଜୁଆଙ୍ଗ ଯୁବକ ରମେଶ ଓ ତାଙ୍କ ପରିବାରରେ ଖୁସିର ଲହରୀ ଖେଳିଯାଇଛି। ବାଂଶପାଳ ବ୍ଲକ୍ କୋଡିପଶା ପଞ୍ଚାୟତ କୁଣ୍ଡେଇ ଗାଁରେ ରମେଶ ଜୁଆଙ୍ଗଙ୍କ ଘର। ଗାଁ ପାଖରେ କାମ ନ ମିଳିବାରୁ ଯାଜପୁର ରୋଡକୁ କାମ କରିବାକୁ ଯାଇଥିଲେ। ସେଠାରେ ରେଳ ଦୁର୍ଘଟଣାରେ ଡାହାଣ ଗୋଡ ଆଣ୍ଠୁରୁ କଟି ଯାଇଥିଲା। ବାପ, ମା'ଙ୍କୁ ପୋଷିବାର ଉଦ୍ୟମ କରିଥିବା ରମେଶ ଏବେ ବାପ ଉପରେ ବୋଝ ହୋଇଗଲେ। ଆଶା ବାଡି ଥିଲା ଏକମାତ୍ର ଆସରା। ଏହା ଜାଣିଲା



ପରେ ଆଶା ସଂଗଠନର ସ୍ୱେଚ୍ଛାସେବୀଙ୍କ ଉଦ୍ୟମରେ ରମେଶକୁ ଏବେ ଭିନ୍ନକ୍ଷମ ଭତ୍ତା ମିଳୁଛି। ପୁଣି ରମେଶଙ୍କୁ କେନ୍ଦୁଝରଗଡ଼ସ୍ଥିତ ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ରକୁ ନିଆଯାଇ ଏକ କୃତ୍ରିମ ଗୋଡ ତିଆରି କରାଗଲା। ଆଜି ରମେଶଙ୍କ କୃତ୍ରିମ ଗୋଡ଼ ଲଗାଯାଇଛି। ଏ ସମ୍ପର୍କରେ ପୂର୍ବତନ ବିଧାୟକ ଇଂ ସୁବର୍ଣ୍ଣ ନାଏକ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରିଛନ୍ତି। ସ୍ଥାନୀୟ ସ୍ୱେଚ୍ଛାସେବୀ ତୁଷାର ଭୂଷଣ ମହାନ୍ତ ଓ ଚୈତନ୍ୟ ମହାନ୍ତ ଲଗାତାର ଭାବେ ସମ୍ପର୍କରେ କାମ କରି ଆସିଛନ୍ତି। ଏହି ଘଟଣା ପରେ ଆଶା ରହିଛି ଯେ ରମେଶଙ୍କୁ ଏକ ସ୍ଥାୟୀ ରୋଜଗାର ପଛା ଯୋଗାଇ ଦିଆଯିବ।

• ଘଷିପୁରାରେ ବିଜେପି ଟିକେଟ୍ ପାଇଁ ଲମ୍ବା ଲାଇନ୍


୨୦୨୯ ନିର୍ବାଚନକୁ ନେଇ ଏବେଠୁ ଲବି ଜୋରଦାର

ଆନନ୍ଦପୁର, ୫।୧୧ (ସମିସ): ସାଧାରଣ ନିର୍ବାଚନ ୨୦୨୯କୁ ଆହୁରି ଅଢେଇ ବର୍ଷ ବାକି; କିନ୍ତୁ ଘଷିପୁରା ବିଧାନସଭା ଆସନରେ ବିଜେପିରୁ ବିଧାୟକ ପ୍ରାର୍ଥୀ ହେବାକୁ ଏବେଠାରୁ ଆଶାୟୀଙ୍କ ମଧ୍ୟରେ ଆରମ୍ଭ ହୋଇଗଲାଣି ଛକାପଞ୍ଝା। ପଞ୍ଚାୟତ ନିର୍ବାଚନ ମୁଣ୍ଡ ଉପରେ ଥିବାବେଳେ ତୃଣମୂଳ ସଂଗଠନକୁ ସଜାଡ଼ିବା ଅପେକ୍ଷା କିଛି ନେତା ଏବେଠାରୁ ବିଧାୟକ ଟିକେଟ୍ ହାତେଇବା ପାଇଁ ରାଜନୈତିକ ଗୋଟିଚାଳନା ଆରମ୍ଭ କରିଦେଇଛନ୍ତି। ଦଳର ବଡ଼ବଡ଼ ନେତାଙ୍କ ସହ ଫଟୋ ଉଠାଇବାଠାରୁ ଆରମ୍ଭ କରି ନିଜର ରାଜନୈତିକ ସମ୍ପର୍କ ଓ ପଡିଆରା ଜାହିର କରିବା ପର୍ଯ୍ୟନ୍ତ ଚାଲିଛି କସରତ। ଫଳରେ ଘଷିପୁରା ବିଜେପିରେ ଆଗାମୀ ଟିକେଟ୍‌କୁ ନେଇ ଏବେଠାରୁ ରୋଚକ ରାଜନୈତିକ ପରିସ୍ଥିତି ସୃଷ୍ଟି ହୋଇଛି।

ପଞ୍ଚାୟତ ସଂଗଠନ ଦୁର୍ବଳ, ବିଧାୟକ ଟିକେଟ୍ ପାଇଁ ନେତାଙ୍କ ଛକାପଞ୍ଝା

ହେଭିୱେଟ୍‌ଙ୍କ ନିର୍ବାଚନମଣ୍ଡଳୀରେ ବିଜେପିର ଶୂନ୍ୟସ୍ଥାନ


ଏକଦା କେନ୍ଦୁଝର ଜିଲ୍ଲା ତଥା ରାଜ୍ୟ ରାଜନୀତିର ଅନ୍ୟତମ ପ୍ରଭାବଶାଳୀ ନିର୍ବାଚନମଣ୍ଡଳୀ ଭାବେ ପରିଚିତ ଥିଲା ଘଷିପୁରା। ଏହି ମାଟିରୁ ନିର୍ବାଚିତ ହୋଇ ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସଭାପତି ତଥା ଚାରିଥରର ବିଧାୟକ ନିରଞ୍ଜନ ପଟ୍ଟନାୟକ ରାଜ୍ୟ ରାଜନୀତିରେ ନିଜର ସ୍ୱତନ୍ତ୍ର ପରିଚୟ ଗଢ଼ିଥିଲେ। ସେହିପରି ତିନିଥରର ବିଧାୟକ ସ୍ୱର୍ଗତ ମୁରଲାଧର କୁଅଁର ବିଧାନସଭାରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଥିଲେ। ବର୍ତ୍ତମାନର ଛଅଥରର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ରଙ୍କ ରାଜନୈତିକ ପ୍ରଭାବ ମଧ୍ୟ ଏହି ଆସନକୁ ଦୀର୍ଘଦିନ ଧରି ଚର୍ଚ୍ଚାରେ ରଖିଛି। ମାତ୍ର ବିଜେପି ସରକାର ଗଠନର ଅଢେଇ ବର୍ଷ ପରେ ମଧ୍ୟ ଘଷିପୁରାରେ ଦଳ ନିଜର ଏକ ସୁଦୃଢ଼ ଓ ସର୍ବଗ୍ରାହୀ ରାଜନୈତିକ ନେତୃତ୍ୱ ଗଢ଼ିବାରେ ସଫଳ ହୋଇନଥିବା ଚର୍ଚ୍ଚା ହେଉଛି। ଏହାର ପ୍ରଭାବ ତୃଣମୂଳ ସ୍ତରରେ ପଡ଼ିଥିବାବେଳେ ଗାଁଗହଳିର କର୍ମୀଙ୍କ ମଧ୍ୟରେ ନିରୁତ୍ସାହ ଦେଖାଦେଇଛି। ଆଗକୁ ପଞ୍ଚାୟତ ନିର୍ବାଚନ ଥିବାରୁ ଏବେ ଦଳ ପାଇଁ ସଂଗଠନ ସଜାଡ଼ିବା ସବୁଠାରୁ ବଡ଼ ଆହ୍ୱାନ। ଏହି ସମୟରେ ବିଧାୟକ ଟିକେଟ୍ ପାଇଁ ଆଶାୟୀଙ୍କ ତାଲିକା ଲମ୍ବିବା ଦଳୀୟ ରାଜନୀତିକୁ ଅଧିକ ରୋଚକ କରିଛି। ଚର୍ଚ୍ଚାରେ ଥିବା ଆଶାୟୀଙ୍କ ମଧ୍ୟରେ ମଣ୍ଡଳ ସଭାପତି ବାଇଧର ଚିନ୍ଦ୍ରା, ସାଂସଦଙ୍କ ପ୍ରତିନିଧି ଶୁଭେନ୍ଦୁ ଚକ୍ର, ଅଖିଳ ପାତ୍ର, ବରିଷ୍ଠ ସାମ୍ବାଦିକ ଗୁରୁଚରଣ ସେନାପତି, ଜିଲ୍ଲା ସାଧାରଣ ସମ୍ପାଦିକା ଯଶସ୍ୱିନୀ ବଳ, ଦୀପକ ଜେନା ଏବଂ ଭଣ୍ଡାରିଡିହା ପଞ୍ଚାୟତର ସମିତି ସଭ୍ୟାଙ୍କ ନାମ ରହିଛି। ଏମାନେ ନିଜ ନିଜ ସ୍ତରରେ ଦଳର ରାଜ୍ୟ ଓ କେନ୍ଦ୍ରୀୟ ନେତୃତ୍ୱଙ୍କ ନିକଟରେ ସମ୍ପର୍କ ବଢ଼ାଇବା ସହ ନିଜର ଦାବିଦାରୀ ଜାହିର କରୁଥିବା ବେଳେ ଟିକେଟ୍ ଦୌଡ଼ରେ କିଏ ଆଗରେ ରହିବେ, ତାହା ଅପେକ୍ଷା ଘଷିପୁରାରେ ବିଜେପି ନିଜର ହଜିଥିବା ରାଜନୈତିକ ଦବ୍‌ଦବା ଫେରାଇ ଆଣିବାକୁ କେତେ ସକ୍ଷମ ହେଉଛି, ତାହା ଆଗାମୀ ପଞ୍ଚାୟତ ନିର୍ବାଚନରେ ସ୍ପଷ୍ଟ ହେବ ବୋଲି ଆଲୋଚନା ହେଉଛି।





ସକାଳ
THE SAKALA

ସମ୍ପାଦକୀୟ



ଚାଲିବାର ବେଗ ଅପେକ୍ଷା ଚାଲୁଥିବା ରାସ୍ତାର ଦୈର୍ଘ୍ୟ ଓ ଲକ୍ଷ୍ୟସ୍ଥଳ ଗୁରୁତ୍ୱପୂର୍ଣ୍ଣ।

-କନ୍‌ଫୁସିୟସ୍

ସାମ୍ବିଧାନିକ ସୁରକ୍ଷାବିହୀନ ସମୟ

ଜଣେ ବ୍ୟକ୍ତିଙ୍କୁ ଅଟକ ରଖିବା ପରେ ତାଙ୍କୁ କେବେ ଅଦାଲତରେ ହାଜର କରାଯିବ, ତାହା ପୁଲିସର ଇଚ୍ଛାଧୀନ ହୋଇପାରିବ ନାହିଁ। ଆମ ସମ୍ବିଧାନର ଧାରା ୨୨(୨) ଅନୁଯାୟୀ, ଅଭିଯୁକ୍ତଙ୍କୁ ଗିରଫ ପରେ ୨୪ ଘଣ୍ଟା ମଧ୍ୟରେ ନିକଟତମ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ହାଜର କରିବା ବାଧ୍ୟତାମୂଳକ। ଅଦାଲତକୁ ଯିବା ପାଇଁ ଆବଶ୍ୟକ ଯାତ୍ରା ସମୟକୁ ଏହି ୨୪ ଘଣ୍ଟାରୁ ବାଦ୍ ଦିଆଯାଇପାରିବ। ଭାରତୀୟ ନାଗରିକ ସୁରକ୍ଷା ସଂହିତା(ବିଏନ୍‌ଏସ୍‌ଏସ୍)-୨୦୨୩ର ଧାରା ୫୮ ଅନୁଯାୟୀ ଅଟକ ଅବଧି ଯୁକ୍ତିଯୁକ୍ତ ହେବା ଆବଶ୍ୟକ। କିନ୍ତୁ ଏହି ବ୍ୟବସ୍ଥାକୁ ଏଡ଼ାଇବା ପାଇଁ ଅନେକ ସମୟରେ ଗିରଫ ଓ ଅଟକ ସମୟ ମଧ୍ୟରେ ପୁଲିସ୍ ପାର୍ଥକ୍ୟ ସୃଷ୍ଟି କରୁଥିବାର ଅଭିଯୋଗ ଆସୁଛି। ପୁଲିସ୍ ଅଭିଯୁକ୍ତଙ୍କୁ ଅଟକ ରଖିବାର ଅନେକ ସମୟ ପରେ ରେକର୍ଡରେ ଔପଚାରିକ ଭାବେ ଗିରଫ ଦର୍ଶାଉଛି ଏବଂ ସେହି ସମୟରୁ ୨୪ ଘଣ୍ଟା ସମୟ ଗଣନା ଆରମ୍ଭ କରୁଛି। ଗତ ଗୁରୁବାର 'ସୁଜିତ ଦାସ ବନାମ ଭାରତ ସରକାର' ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ଖଣ୍ଡପୀଠ ପୁଲିସର ଏତାଦୃଶ କାର୍ଯ୍ୟକୁ ନାପସନ୍ଦ କରି କହିଛନ୍ତି ଯେ ଅଟକ ରଖାଯିବା ସମୟରୁ ହିଁ ୨୪ ଘଣ୍ଟାର ଅବଗଣନା ଆରମ୍ଭ ହେବ। ଯଦି ଏହି ସମୟ ମଧ୍ୟରେ ଅଟକ ବ୍ୟକ୍ତିଙ୍କୁ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ହାଜର କରାଯାଇ ନ ଥାଏ, ତେବେ ତାଙ୍କୁ ତୁରନ୍ତ ମୁକ୍ତ କରିବାକୁ ହେବ।

ପୁଲିସ୍ ହେପାଜତରେ ଥିବା ସମୟରେ ଜଣେ ବ୍ୟକ୍ତି ଶାରୀରିକ ଓ ମାନସିକ ନିର୍ଯାତନାର ଶିକାର ହେବାର ଆଶଙ୍କା ରହିଥାଏ। ବିଶେଷକରି ଯେତେବେଳେ ତାଙ୍କୁ ଔପଚାରିକ ଭାବେ ଗିରଫ ଦର୍ଶାଯାଇନଥାଏ, ସେତେବେଳେ ନ୍ୟାୟିକ ତଦାରଖର ଅଭାବରୁ ନିର୍ଯାତନା ଆଶଙ୍କା ଅଧିକ ହୋଇଥାଏ। ତେଣୁ ତଦନ୍ତକାରୀ ସଂସ୍ଥା ଗିରଫର ଔପଚାରିକ ରେକର୍ଡକୁ ବିଳମ୍ବ କରି ଜଣେ ବ୍ୟକ୍ତିଙ୍କୁ ସମ୍ବିଧାନ ପ୍ରଦତ୍ତ ସୁରକ୍ଷାରୁ ବଞ୍ଚିତ କରିପାରିବ ନାହିଁ; ଏପରି ଏକ 'ସାମ୍ବିଧାନିକ ସୁରକ୍ଷାବିହୀନ ସମୟ' ସୃଷ୍ଟି କରିବା ଅଗ୍ରହଣୀୟ ବୋଲି ଅଦାଲତ କହିଛନ୍ତି। ଏହି ମାମଲାରେ ଖଣ୍ଡପୀଠ ପୁଲିସ୍‌ର ଦାୟିତ୍ୱ ନିର୍ଦ୍ଧାରଣ କରିବା ସହିତ ମାଜିଷ୍ଟ୍ରେଟଙ୍କ ଭୂମିକାକୁ ମଧ୍ୟ ସ୍ପଷ୍ଟ କରିବାକୁ ଯାଇ କହିଛନ୍ତି ଯେ ମାଜିଷ୍ଟ୍ରେଟ୍ ଅଭିଯୁକ୍ତଙ୍କୁ ଅଟକ ରଖାଯାଇଥିବା ପ୍ରକୃତ ତାରିଖ ଓ ସମୟସୀମା ଯାଞ୍ଚ କରିବାକୁ ହେବ। ଏହାର ଉଲ୍ଲଙ୍ଘନ ହୋଇଥିବାର କାରଣକୁ ତର୍ଜମା କରିବାକୁ ପଡ଼ିବ।

ଜଣେ ବ୍ୟକ୍ତି ଅଭିଯୁକ୍ତ ହୋଇପାରନ୍ତି। କିନ୍ତୁ ତାଙ୍କର ସାମ୍ବିଧାନିକ ଅଧିକାର ଶେଷ ହୋଇଯାଏ ନାହିଁ। ଅପରାଧ ନିୟନ୍ତ୍ରଣ ନାଁରେ ମାନବାଧିକାରକୁ ଉଲ୍ଲଙ୍ଘନ କରିବାର ଅଧିକାର କୌଣସି ତଦନ୍ତକାରୀ ସଂସ୍ଥାର ନାହିଁ। ଗଣତନ୍ତ୍ରରେ ଜଣେ ନାଗରିକଙ୍କ ସ୍ୱାଧୀନତାର ସୁରକ୍ଷା ରାଷ୍ଟ୍ରର ଓ ନ୍ୟାୟବ୍ୟବସ୍ଥାର କର୍ତ୍ତବ୍ୟ। ସେହିପରି ପୁଲିସର କ୍ଷମତା ଯେତେ ବ୍ୟାପକ ହେଉନା କାହିଁକି ସମ୍ବିଧାନଠାରୁ ଉର୍ଦ୍ଧ୍ୱରେ ନୁହେଁ। ଏହାକୁ ଅଦାଲତ ପୁଣି ଥରେ ମନେ ପକାଇ ଦେଇଛନ୍ତି।

ସୁପରମାର୍କେଟ୍ ଆତଙ୍କ

ସୁପରମାର୍କେଟ୍‌ରେ ଖାଦ୍ୟ ସାମଗ୍ରୀକୁ ସତେଜ ରଖିବା ପାଇଁ ବ୍ୟବହୃତ ଫ୍ରିଜ୍‌ରଗୁଡ଼ିକୁ ହ୍ୟାକର୍‌ମାନେ ସାଇବର କୌଶଳ ପ୍ରୟୋଗ କରି ଗରମ କରିଦେବାରେ ସଫଳ ହୋଇଛନ୍ତି। ଫ୍ରାନ୍ସରେ ଗତ ତିନିସପ୍ତାହ ମଧ୍ୟରେ ଦୁଇଥର ଘଟିଥିବା ଏଭଳି ସାଇବର ଆକ୍ରମଣରେ ପ୍ରାୟ ୭୦୦ ବଡ଼ ଖୁଚୁରା ବ୍ୟବସାୟୀଙ୍କ ଟନ୍ ଟନ୍ ଖାଦ୍ୟ ସାମଗ୍ରୀ ନଷ୍ଟ ହୋଇଯାଇଛି। କେତେକ ସ୍ଥାନରେ ଅତ୍ୟଧିକ ତାପ ଯୋଗୁଁ ନିଆଁ ଲାଗିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏହି ଘଟଣା ପରେ ବିଶ୍ୱ ଖାଦ୍ୟ ନିରପତ୍ତା, ସ୍ୱାସ୍ଥ୍ୟ, ଅର୍ଥନୀତି ଓ ଜୀବନ ସୁରକ୍ଷା ଉପରେ ବଡ଼ ପ୍ରଶ୍ନ ଉଠିଛି।

ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ରେଫ୍ରିଜିରେସନ୍ କଣ୍ଟ୍ରୋଲ୍ ସଫ୍ଟୱେର୍ ଓ ସୁରକ୍ଷା ବଳୟକୁ ହ୍ୟାକରମାନେ ଟାର୍ଗେଟ୍ କରିଛନ୍ତି। ସେମାନେ ପ୍ରମାଣ କରିଦେଇଛନ୍ତି ଯେ ସେମାନଙ୍କ ପାଇଁ କେବଳ ଇଣ୍ଟରନେଟ୍ ସଂଯୁକ୍ତି ହିଁ ଯଥେଷ୍ଟ। ଏହି ଘଟଣା ସାଇବର ଆକ୍ରମଣର ସ୍ୱରୂପକୁ ହିଁ ବଦଳାଇ ଦେଇଛି। ପୂର୍ବରୁ ସାଇବର ଆକ୍ରମଣ ତଥ୍ୟ ଚୋରି, ଆକାଉଣ୍ଟ୍ ହ୍ୟାକ୍ ଓ ୱେବସାଇଟ୍ ଅଚଳରେ ସୀମିତ ଥିଲା। 'ସାଇବର-ଫିଜିକାଲ୍' ଆକ୍ରମଣ ନାମରେ ନାମିତ ଅପରାଧର ଏହି ନୂଆ କୌଶଳରେ ଡିଜିଟାଲ୍ ବା ଇଣ୍ଟରନେଟ୍ ଜରିଆରେ ଆକ୍ରମଣ କରି ବାସ୍ତବ ଦୁନିଆର ଯନ୍ତ୍ରପାତି ଓ ବ୍ୟବସ୍ଥାକୁ ନିୟନ୍ତ୍ରଣ କରାଯାଇପାରୁଥିବା ପ୍ରମାଣ ହୋଇଛି। ଏପରିକି କୌଣସି ଡାକ୍ତରଖାନାର ଅମ୍ଳଜାନ ଯୋଗାଣ ବ୍ୟବସ୍ଥା; ଟିକା, ରକ୍ତ ଓ ଜୀବନରକ୍ଷକ ଔଷଧ ସଂରକ୍ଷଣ ପାଇଁ ବ୍ୟବହୃତ ଶୀତଳୀକରଣ ବ୍ୟବସ୍ଥା; ବିଦ୍ୟୁତ୍ ଗ୍ରୀଡ୍, ଜଳ ବିଶୋଧନ କେନ୍ଦ୍ର, ରେଳ ସିଗନାଲ୍ କିମ୍ବା ଔଷଧ ସଂରକ୍ଷଣ ପାଇଁ ବ୍ୟବହୃତ ଶୀତଳ ଭଣ୍ଡାରକୁ ମଧ୍ୟ ହ୍ୟାକରମାନେ ଅକାମୀ କରିଦେଇପାରନ୍ତି ବୋଲି ସୂକ୍ଷ୍ମ ଚେତାବନୀଟିଏ ଦେଇଛନ୍ତି।

ବିଶ୍ୱର ସର୍ବବୃହତ୍ ଖାଉଟି ବଜାର ଭାରତ ଆଜି ଡିଜିଟାଲ୍ ଅର୍ଥନୀତିର ଏକ ପ୍ରମୁଖ ଶକ୍ତି ଭାବେ ଉଭା ହୋଇଛି। ଅନଲାଇନ୍ ବ୍ୟାଙ୍କିଂ, ଡିଜିଟାଲ୍ ପେମେଣ୍ଟ, ସ୍ମାର୍ଟ ସିଟି, ଇ-କମର୍ସ, ଆଧୁନିକ ଶିଳ୍ପ ଓ ସ୍ୱୟଂଚାଳିତ ଗୋଦାମ ବ୍ୟବସ୍ଥା ଆମ ଜୀବନର ଅଂଶ ହୋଇସାରିଛି। ଏଥିସହିତ ସାଇବର ସୁରକ୍ଷାର ଆହ୍ୱାନ ମଧ୍ୟ ବଢ଼ିଛି। ସ୍ମାର୍ଟ ସିଟି, ଡିଜିଟାଲ୍ ଇଣ୍ଡିଆ, ଆଧୁନିକ ଶିଳ୍ପ ଓ ସ୍ୱୟଂଚାଳିତ ବ୍ୟବସ୍ଥାର ସ୍ୱପ୍ନ ଦେଖିବା ମନା ନାହିଁ। କିନ୍ତୁ ପ୍ରଯୁକ୍ତିର ବିକାଶ ସହିତ ତାହାର ସୁରକ୍ଷା ମଧ୍ୟ ସମଗତିରେ ବିକଶିତ ହେବା ଜରୁରୀ। ଏକଥା ଆମ ନୀତି ନିର୍ଦ୍ଧାରକମାନେ ଯେତେ ଶୀଘ୍ର ବୁଝିବ, ସେତେ ଭଲ।

ସମାଜର ଛଦ୍ମବେଶୀ ସନ୍ତ୍ରାସବାଦୀ

ଇଂ. ଅମର ବେହେରା

ସାଧାରଣତଃ ଆମେ ଭାବିଥାଉ ଯେ ସନ୍ତ୍ରାସବାଦ କେବଳ ସୀମାପାରିରୁ ଆସୁଥିବା ଶତ୍ରୁ କିମ୍ବା ଜଙ୍ଗଲରେ ଲୁଚି ରହିଥିବା ବନ୍ଧୁକଧାରୀ ଉଗ୍ରବାଦୀ ଦ୍ୱାରା ହିଁ ସୃଷ୍ଟି ହୋଇଥାଏ। କିନ୍ତୁ ବାସ୍ତବତା ଭିନ୍ନ ଓ ଭୟଙ୍କର। 'ସନ୍ତ୍ରାସବାଦ' ଶବ୍ଦଟି ଦୁଇଟି ମୂଳ ପଦ 'ସନ୍ତ୍ରାସ' ଓ 'ବାଦ'ର ସମ୍ମିଶ୍ରଣରେ ଗଠିତ। 'ସନ୍ତ୍ରାସ'ର ଶାବ୍ଦିକ ଅର୍ଥ ହେଉଛି ଚରମ ଭୟ, ଆତଙ୍କ, ଅରାଜକତା କିମ୍ବା ମହାଭୟ। 'ବାଦ'ର ଅର୍ଥ ହେଉଛି ଏକ ନିର୍ଦ୍ଦିଷ୍ଟ ମତବାଦ, ବିଶ୍ୱାସ, ଚିନ୍ତାଧାରା କିମ୍ବା କାର୍ଯ୍ୟ କରିବାର ନୀତି। ସୁତରାଂ, 'ସନ୍ତ୍ରାସବାଦ'ର ସମ୍ପୂର୍ଣ୍ଣ ଅର୍ଥ ହେଉଛି ଏଭଳି ଏକ କ୍ରୁର ଚିନ୍ତାଧାରା ବା ଜୀବନଶୈଳୀ, ଯାହା ସମାଜରେ ଅଯଥା ଭୟ, ଅସୁରକ୍ଷା, ମାନସିକ ଯନ୍ତ୍ରଣା ଓ ବିନାଶ ସୃଷ୍ଟି କରି ନିଜର ବ୍ୟକ୍ତିଗତ କିମ୍ବା ଗୋଷ୍ଠୀଗତ ସ୍ୱାର୍ଥ ହାସଲ କରିବାକୁ ଚେଷ୍ଟା କରେ। ଏହି ମାରାତ୍ମକ ଚିନ୍ତାଧାରାକୁ ଆପଣେଇ ନିଜ କାର୍ଯ୍ୟ ଦ୍ୱାରା ଅନ୍ୟକୁ କଷ୍ଟ ଦେଉଥିବା ବ୍ୟକ୍ତି ହିଁ ହେଉଛନ୍ତି 'ସନ୍ତ୍ରାସବାଦୀ'। ଜଣେ ବନ୍ଧୁକଧାରୀଠାରୁ ଆମ ସମାଜ ଭିତରେ ଥିବା ଏହି ଛଦ୍ମବେଶୀମାନେ ଅଧିକ ବିପଜ୍ଜନକ। କାରଣ ସେମାନଙ୍କୁ ସହଜରେ ଚିହ୍ନଟ କରାଯାଇପାରେ ନାହିଁ।

ସନ୍ତ୍ରାସବାଦ କେବଳ କୌଣସି ନିର୍ଦ୍ଦିଷ୍ଟ ଭୌଗୋଳିକ ସୀମାରେଖା ଭିତରେ ଆବଦ୍ଧ ନୁହେଁ। ଯେଉଁମାନେ ଆମ ସଭ୍ୟ ସମାଜରେ ରହି ନକାରାତ୍ମକ ଚିନ୍ତାଧାରା ଖେଳାଉଛନ୍ତି ଏବଂ ନିଜର ସ୍ୱାର୍ଥ ପାଇଁ ଅନ୍ୟମାନଙ୍କ ଜୀବନ, ସ୍ୱାସ୍ଥ୍ୟ, ଆର୍ଥିକ ସ୍ଥିତି ଓ ବିଶ୍ୱାସକୁ ବିପନ୍ନ କରୁଛନ୍ତି, ସେମାନେ ମଧ୍ୟ ଜଣେ ଜଣେ ଭୟଙ୍କର ସନ୍ତ୍ରାସବାଦୀ। ଆଜି ଆମ ଦୈନନ୍ଦିନ ଜୀବନରେ ଆମ ପାଖାପାଖି ରହୁଥିବା ଅନେକ ଶିକ୍ଷିତ, ସମ୍ଭ୍ରାନ୍ତ ଓ ପ୍ରତିଷ୍ଠିତ ବ୍ୟକ୍ତି ନିଜ କାର୍ଯ୍ୟକଳାପ ଦ୍ୱାରା ଏହି ସନ୍ତ୍ରାସବାଦୀ ଚିନ୍ତାଧାରାର ପରିଚୟ ଦେଉଛନ୍ତି, ଯାହାକୁ ଆମେ ଆଖିବୁଜି ସହିଯାଉଛୁ। ଆମ ଚାରିପାଖରେ ଥିବା ଏହି ଛଦ୍ମବେଶୀ ସନ୍ତ୍ରାସବାଦୀଙ୍କୁ ଚିହ୍ନିବା ପାଇଁ ଆମକୁ ଆମ ସାମାଜିକ ବ୍ୟବସ୍ଥାକୁ ଲକ୍ଷ୍ୟ କରିବାକୁ ହେବ।

ଜଣେ ଡାକ୍ତର ଯେତେବେଳେ ଜଣେ ଗରିବ କିମ୍ବା ନିରୀହ ରୋଗୀକୁ ଚିକିତ୍ସା କରିବା ଆଳରେ ଅନାବଶ୍ୟକ ମେଡିକାଲ ଟେଷ୍ଟ ବା ପରୀକ୍ଷା ନିରୀକ୍ଷା ପାଇଁ ବାଧ୍ୟ କରନ୍ତି, ସେତେବେଳେ ସେ ରୋଗୀର ପରିବାର ମନରେ ଏକ ଆର୍ଥିକ ଓ ମାନସିକ ସନ୍ତ୍ରାସ ସୃଷ୍ଟି କରନ୍ତି। ରୋଗୀଟି ନିଜ ଜୀବନ ବଞ୍ଚାଇବା ପାଇଁ ସର୍ବସ୍ୱ ବିକ୍ରି କରିଦିଏ, ଯାହାକି କୌଣସି ଆତଙ୍କବାଦୀ ଆକ୍ରମଣରୁ କମ୍ ନୁହେଁ। ଜଣେ ସରକାରୀ ଇଞ୍ଜିନିୟର ଯେତେବେଳେ ଲାଞ୍ଚ ନେବା ନିଶାରେ ଜଣେ ଠିକାଦାରଙ୍କ ନ୍ୟାଯ୍ୟ ବିଲ୍‌କୁ ମାସ ମାସ ଧରି ଅଟକାଇ ରଖନ୍ତି, ସେ ମଧ୍ୟ ବ୍ୟବସ୍ଥା ଭିତରେ ଥାଇ ଏକ ପ୍ରଶାସନିକ ସନ୍ତ୍ରାସବାଦ ଚଳାନ୍ତି। ଏହି କାରଣରୁ ଠିକାଦାର ଜଣକ ମଧ୍ୟ ନିଜ ଲାଭ ସୁରକ୍ଷିତ ରଖିବା ପାଇଁ ରାସ୍ତାଘାଟ କିମ୍ବା ସରକାରୀ କୋଠାବାଡ଼ି କାର୍ଯ୍ୟରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରନ୍ତି। ଏହି ଦୁର୍ବଳ ରାସ୍ତା ଓ ପୋଲ ଯୋଗୁଁ ଭବିଷ୍ୟତରେ ଅସଂଖ୍ୟ ନିରୀହ ଲୋକ ଦୁର୍ଘଟଣାର ଶିକାର ହୋଇ ଜୀବନ ହରାନ୍ତି। ଏଠାରେ ଉଭୟ ଇଞ୍ଜିନିୟର ଓ ଠିକାଦାର ସମାଜ ପାଇଁ ଦୃଶ୍ୟମାନ ବନ୍ଧୁକଧାରୀଙ୍କଠାରୁ ଅଧିକ ଭୟଙ୍କର ସନ୍ତ୍ରାସବାଦୀ।

ଆଜିକାଲି ଖବରକାଗଜ ପୃଷ୍ଠା ଓଲଟାଇଲେ ପ୍ରାୟତଃ ଦେଖିବାକୁ ମିଳୁଛି ଯେ କିଛି ମହଙ୍ଗା ଏସୟୁଭି ଗାଡ଼ିର ଚାଳକ ଟ୍ରାଫିକ୍ ନିୟମକୁ ବେଖାତିର କରି, ଅତ୍ୟଧିକ ବେଗରେ ଏବଂ ବେପରୁଆ ଭାବେ ଗାଡ଼ି ଚଳାଇ ଅନ୍ୟମାନଙ୍କ ଜୀବନକୁ ବିପଦରେ ପକାଉଛନ୍ତି। ଏହି ଅହଂକାରୀ ମାନସିକତା ଯୋଗୁଁ ପ୍ରତିଦିନ ସଡ଼କ ଦୁର୍ଘଟଣାରେ ଅନେକ ନିରୀହ ପଥଚାରୀ କିମ୍ବା ଚାଳକ ପ୍ରାଣ ହରାଉଛନ୍ତି। ଏଭଳି ବେପରୁଆ ଚାଳକମାନେ ନିଜ ଗାଡ଼ିକୁ ଏକ ମାରାତ୍ମକ ଅସ୍ତ୍ର ପରି ବ୍ୟବହାର କରି ରାସ୍ତାରେ ଯାଉଥିବା ଲୋକଙ୍କ ମନରେ ଯେଉଁ ଭୟ ସୃଷ୍ଟି କରନ୍ତି, ତାହା ମଧ୍ୟ ଏକ ପ୍ରକାର ମାନସିକ ସନ୍ତ୍ରାସବାଦ।

ବର୍ତ୍ତମାନ ସମୟରେ ଏହି ମାନସିକ ସନ୍ତ୍ରାସବାଦର ସବୁଠାରୁ ଭୟଙ୍କର ରୂପ ଆମ ଖାଦ୍ୟ ଥାଳିରେ ଦେଖିବାକୁ ମିଳୁଛି। ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଆସୁଥିବା ନକଲି ତଥା କେମିକାଲ୍ ଯୁକ୍ତ ଭେଜାଲ୍ ପନିରର ଖବର ସମଗ୍ର ରାଜ୍ୟକୁ ସ୍ତବ୍ଧ କରିଦେଇଛି। କେବଳ ପନିର ନୁହେଁ, ଆମ ଦୈନନ୍ଦିନ ଜୀବନର ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ଯେପରିକି ଖାଇବା ତେଲ, ଲଙ୍କା ଗୁଣ୍ଡ, ଟମାଟୋ ସସ୍ ଆଦିର ନକଲି କାରଖାନାମାନ ପ୍ରତିଦିନ ଧରାପଡୁଛି। ଅଧିକ ମୁନାଫା କମାଇବା ପାଇଁ ଏହି ଦୁର୍ବୃତ୍ତମାନେ ଖାଦ୍ୟରେ ମାରାତ୍ମକ ରାସାୟନିକ ପଦାର୍ଥ ଓ ରଙ୍ଗ ମିଶାଉଛନ୍ତି, ଯାହାକୁ ଖାଇ ଲୋକେ କର୍କଟ ଓ କିଡନୀ ବିକଳାଙ୍ଗତା ଭଳି ମାରାତ୍ମକ ରୋଗର ଶିକାର ହେଉଛନ୍ତି। ସେହିପରି ଅନେକ ହୋଟେଲ ଓ ଖାଦ୍ୟ ଷ୍ଟଲରେ ଅତି ଅସ୍ୱାସ୍ଥ୍ୟକର ପରିବେଶରେ ପଚାସଢ଼ା ଖାଦ୍ୟ ପରଷା ଯାଉଛି। ବନ୍ଧୁକଧାରୀ ଆତଙ୍କବାଦୀ ଜଣକୁ ଗୁଳି କରି ମାରିଦିଏ, କିନ୍ତୁ ଏହି ଭେଜାଲ ବ୍ୟବସାୟୀମାନେ ସମଗ୍ର ସମାଜକୁ ଧୀରେ ଧୀରେ ବିଷ ଦେଇ ମାରୁଛନ୍ତି। ତେଣୁ ଏମାନେ ସେହି ସମାନ ସନ୍ତ୍ରାସବାଦୀ ଶ୍ରେଣୀର ଅନ୍ତର୍ଭୁକ୍ତ। ଆମ ଭିତରେ ଲୁଚି ରହି ସାମାଜିକ, ନୈତିକ ଓ ଶାରୀରିକ ଅଧୋଗତି ଘଟାଉଥିବା ଏହି ସ୍ୱାର୍ଥପର ଓ କ୍ରୁର ବ୍ୟକ୍ତିମାନେ ହିଁ ଅସଲ ଆଭ୍ୟନ୍ତରୀଣ ଆତଙ୍କୀ।

ଏହି ବିପଜ୍ଜନକ ସାମାଜିକ ମାନସିକତାକୁ ବଦଳାଇବା ପାଇଁ ଉଭୟ ସରକାର ଏବଂ ଜନସାଧାରଣଙ୍କର କିଛି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ସରକାର ଓ ପ୍ରଶାସନର ପ୍ରଥମ ଦାୟିତ୍ୱ ହେଉଛି କଡ଼ା ନିୟମ ପ୍ରଣୟନ ଏବଂ ଏହାର ଅନୁପାଳନରେ ସ୍ୱଚ୍ଛତା। ଖାଦ୍ୟ ସୁରକ୍ଷା ବିଭାଗ ଓ ପୁଲିସ ପ୍ରଶାସନ ପକ୍ଷରୁ ନିୟମିତ ଓ ଆକସ୍ମିକ ଭାବେ ବଜାର, ଗୋଦାମ ଓ କାରଖାନାଗୁଡ଼ିକରେ ଚଢ଼ାଉ କରାଯିବା ଉଚିତ। ଭେଜାଲ ଖାଦ୍ୟ କାରବାରରେ ସଂପୃକ୍ତ ଥିବା ଅସାଧୁ ବ୍ୟବସାୟୀଙ୍କୁ ଜେଲ୍ ପଠାଇବା ସହ ସେମାନଙ୍କର ସମ୍ପତ୍ତି ବାଜ୍ୟାପ୍ତ ଏବଂ ଆଜୀବନ କାରାଦଣ୍ଡ ପରି କଠୋର ଆଇନଗତ ଶାସ୍ତିର ବ୍ୟବସ୍ଥା ହେବା ଦରକାର। ଦୁର୍ନୀତିଖୋର ଅଧିକାରୀ, ଅନାବଶ୍ୟକ ଟେଷ୍ଟ ଲେଖୁଥିବା ଡାକ୍ତର ଏବଂ ନିୟମ ଉଲ୍ଲଙ୍ଘନକାରୀ ବେପରୁଆ ଗାଡ଼ି ଚାଳକଙ୍କ ବିରୋଧରେ ସରକାର ଶୂନ୍ୟ ସହନଶୀଳତା ନୀତି ଆପଣାଇବାକୁ ହେବ।

ଅନ୍ୟପକ୍ଷରେ, ଜନସାଧାରଣଙ୍କର ମଧ୍ୟ ବଡ଼ ଭୂମିକା ରହିଛି। ଆମକୁ କେବଳ ଜଣେ କ୍ରେତା ନୁହେଁ, ବରଂ ସଚେତନ ଗ୍ରାହକ ଓ ଜାଗ୍ରତ ନାଗରିକ ହେବାକୁ ପଡ଼ିବ। ଯଦି କେଉଁଠି ଭେଜାଲ ଖାଦ୍ୟ ତିଆରି ହେବାର ସନ୍ଦେହ ହେଉଛି, କେହି ଦୁର୍ନୀତି କରୁଛି କିମ୍ବା କେହି ବେପରୁଆ ଗାଡ଼ି ଚଳାଉଛି, ତେବେ ନିଜର ବ୍ୟକ୍ତିଗତ ଭୟ ବା ସ୍ୱାର୍ଥ ତ୍ୟାଗ କରି ଚୁପ୍ ନରହି ତୁରନ୍ତ ପ୍ରଶାସନକୁ ଲିଖିତ ଭାବେ ଜଣାଇବା କିମ୍ବା ସାମାଜିକ ଗଣମାଧ୍ୟମ ଜରିଆରେ ତୀବ୍ର ପ୍ରତିବାଦ କରିବା ଆବଶ୍ୟକ।

ସର୍ବୋପରି, ଜଣେ ମଣିଷ ହିସାବରେ ମାନବିକତାର ଶ୍ରେଷ୍ଠ କଲ୍ୟାଣ ପାଇଁ ଆମକୁ ନିଜ ଭିତରୁ ହିଁ ପ୍ରକୃତ ପରିବର୍ତ୍ତନର ସୂତ୍ରପାତ କରିବାକୁ ହେବ। ଆମକୁ ଆମ ଚିନ୍ତାଧାରାରୁ 'ଅନ୍ଧ ଲୋଭ' ଏବଂ 'ମୋର କଣ ଗଲା' ଭଳି ନକାରାତ୍ମକ ମାନସିକତାକୁ ସମ୍ପୂର୍ଣ୍ଣ ଦୂର କରିବାକୁ ପଡ଼ିବ। ଜଣେ ଡାକ୍ତର, ଇଞ୍ଜିନିୟର, ଠିକାଦାର, ବ୍ୟବସାୟୀ କିମ୍ବା ଚାଳକ ହେବା ପୂର୍ବରୁ ଆମକୁ ସର୍ବପ୍ରଥମେ ଜଣେ ଭଲ ଓ ସମ୍ବେଦନଶୀଳ ମଣିଷ ହେବାକୁ ହେବ। ନିଜର କ୍ଷଣିକ ସ୍ୱାର୍ଥ, ଅର୍ଥ ବା ଅହଂକାର ପାଇଁ ଅନ୍ୟ କାହାର ଜୀବନ, ସ୍ୱାସ୍ଥ୍ୟ ଓ ହସଖୁସିର ପରିବାର ଯେପରି ଛାରଖାର ନହୁଏ, ସେଥିପ୍ରତି ସତର୍କ ଓ ଦୟାଳୁ ରହିବା ହିଁ ପ୍ରକୃତ ମାନବିକତା। ଯେପର୍ଯ୍ୟନ୍ତ ଆମେ ନିଜ ଭିତରେ ଥିବା ନକାରାତ୍ମକତାକୁ ଦୂର କରି ସାମୂହିକ କଲ୍ୟାଣ ଓ ସାର୍ବଜନୀନ ପ୍ରେମ ପାଇଁ ଚିନ୍ତା କରିନାହୁଁ, ସେ ପର୍ଯ୍ୟନ୍ତ ଆମ ପ୍ରିୟ ସମାଜକୁ ଏହି ଛଦ୍ମବେଶୀ ସନ୍ତ୍ରାସବାଦୀଙ୍କ କବଳରୁ କଦାପି ମୁକ୍ତ କରାଯାଇପାରିବ ନାହିଁ। ଏକ ସୁସ୍ଥ, ସୁରକ୍ଷିତ, ସଂସ୍କୃତିସମ୍ପନ୍ନ ଓ ଭୟମୁକ୍ତ ବିଶ୍ୱ ଗଠନ ପାଇଁ ଆମ ସମସ୍ତଙ୍କୁ ମିଳିତ ଭାବେ ନିଜ ନିଜ ସ୍ତରରେ ସଚେତନ, ସଚ୍ଚୋଟ, ନ୍ୟାୟପ୍ରିୟ ଏବଂ ମାନବୀୟ ମୂଲ୍ୟବୋଧରେ ଦୀକ୍ଷିତ ହେବାକୁ ପଡ଼ିବ, ଯାହା ଦ୍ୱାରା ମାନବିକତାର ଜୟଗାନ ହୋଇପାରିବ।

ବରଡିହି(ପୁରୀ)ମୋ: ୯୭୪୨୯୮୨୭୪୧

ଅସମାପ୍ତ ଆକାଂକ୍ଷାର ମାୟାଜାଲ

ବିଶ୍ୱନାଥ ପାଢ଼ୀ

ଗୋଟିଏ ଗାଁରେ ଜଣେ ଗରିବ କୃଷକ ରହୁଥିଲା। ସେ ସବୁବେଳେ ସ୍ୱପ୍ନ ଦେଖୁଥିଲା ଯେ ଯଦି ତା' ପାଖରେ ଗୋଟିଏ ସାଇକେଲ୍ ଥା'ନ୍ତା, ତେବେ ଜୀବନର ସବୁ କଷ୍ଟ ଦୂର ହୋଇଯା'ନ୍ତା। ବହୁବର୍ଷର କଠିନ ପରିଶ୍ରମ ପରେ ସେ ଦିନେ ନୂଆ ସାଇକେଲ କିଣିଲା। ଭାବିଲା, ସେ ବିଶ୍ୱର ସବୁଠାରୁ ଭାଗ୍ୟବାନ ବ୍ୟକ୍ତି। କିଛିମାସ ବିତିଯିବା ପରେ ସେହି ସାଇକେଲ ତା' ପାଇଁ ସାଧାରଣ ବସ୍ତୁ ପାଲଟିଗଲା। ଏବେ ତା'ର ଆଖି ଗାଁ ଜମିଦାରଙ୍କ ମୋଟରସାଇକେଲ୍ ଉପରେ ପଡ଼ିଲା। ସେ ଭାବିଲା ଯେ ମୋଟରସାଇକେଲ ନ ମିଳିବା ପର୍ଯ୍ୟନ୍ତ ସେ ପ୍ରକୃତ ସୁଖ ପାଇପାରିବ ନାହିଁ। ତା'ର ଏହି ମାନସିକତା ହେଉଛି 'ହେଡୋନିକ୍ ଆଡାପ୍ଟେସନ୍' ବା 'ସୁଖ-ଅଭ୍ୟାସ ସିଦ୍ଧାନ୍ତ'ର ଉଦାହରଣ, ଯାହା ଆମ ସମସ୍ତଙ୍କ ଜୀବନରେ ପ୍ରତିଦିନ ଘଟୁଛି।

ମନୋବିଜ୍ଞାନ ଓ ସମାଜଶାସ୍ତ୍ର ଭାଷାରେ 'ହେଡୋନିକ୍ ଆଡାପ୍ଟେସନ୍' ବା 'ହେଡୋନିକ୍ ଟ୍ରେଡମିଲ୍' ହେଉଛି ମଣିଷର ଏପରି ଏକ ପ୍ରବୃତ୍ତି, ଯେଉଁଥିରେ ଜୀବନରେ ଯେତେ ବଡ଼ ସକାରାତ୍ମକ ବା ନକାରାତ୍ମକ ପରିବର୍ତ୍ତନ ଆସିଲେ ମଧ୍ୟ କିଛି ସମୟ ପରେ ବ୍ୟକ୍ତି ନିଜର ପୂର୍ବ ନିର୍ଦ୍ଧାରିତ ମାନସିକ ଖୁସି ବା ସନ୍ତୋଷର ସ୍ତରକୁ ଫେରିଆସେ। ଏହି ସତ୍ୟକୁ ମନୋବିଜ୍ଞାନୀମାନେ ବୁଝାଇବା ପୂର୍ବରୁ କବି ଓ ଶାୟରମାନେ ସୁନ୍ଦର ଭାବେ ବ୍ୟକ୍ତ କରିସାରିଛନ୍ତି। ଯେପରିକି - 'ହଜାରୋଁ ଖ୍ୱାହିସେଁ ଏସୀ କି ହର୍ ଖ୍ୱାହିସ୍ ପେ ଦମ୍ ନିକଲେ, ବହତ୍ ନିକଲେ ମେରେ ଅର୍ମାନ୍ ଲେକିନ୍ ଫିର୍ ଭି କମ୍ ନିକଲେ।' ଗାଲିବଙ୍କ ଏହି ଅମର ଧାଡ଼ି 'ହେଡୋନିକ୍ ଆଡାପ୍ଟେସନ'ର ମୂଳସତ୍ତାକୁ ଦର୍ଶାଏ। ମଣିଷର ଗୋଟିଏ ଆଶା ପୂରଣ ହେବା ମାତ୍ରେ ଅନ୍ୟ ଏକ ନୂଆ ଆଶା ଜନ୍ମ ନିଏ, ଏବଂ ପୁରୁଣା ଆଶାର ପୂର୍ତ୍ତି ଆଉ ଆନନ୍ଦ ଦେଇପାରେ ନାହିଁ।

ସିନେମା ଜଗତରେ ମଧ୍ୟ ଏହି ମାନସିକତାର ଚିତ୍ରଣ ବହୁତ ସୁନ୍ଦର ଭାବେ କରାଯାଇଛି। ଚର୍ଚ୍ଚିତ ବଲିଉଡ ସିନେମା 'ତମାଶା' କିମ୍ବା ହଲିଉଡର 'ଦି ପରସୁଟ୍ ଅଫ୍ ହାପିନେସ୍' ଏବଂ 'ଦି ୱୁଲ୍ ଅଫ୍ ୱାଲ୍ ଷ୍ଟ୍ରିଟ୍' ଭଳି ଚଳଚ୍ଚିତ୍ରକୁ ଲକ୍ଷ୍ୟ କଲେ ଏହା ସ୍ପଷ୍ଟ ହୁଏ। ଏହି ସିନେମାଗୁଡ଼ିକର ମୁଖ୍ୟ ଚରିତ୍ରମାନେ ପ୍ରଚୁର ଧନ, ଗାଡ଼ି ଓ ସୁଖସୁବିଧା ପାଇବା ପରେ ଆହୁରି ଅଧିକ ପାଇବାର ଅସନ୍ତୋଷରେ ଜଳୁଥା'ନ୍ତି। ନିଜ ଅନ୍ତରର ଶୂନ୍ୟତାକୁ ଅନୁଭବ କରନ୍ତି। ଏହି ସିନେମାଗୁଡ଼ିକ ଦର୍ଶାଏ ଯେ ଭୌତିକ ସଫଳତାର ଶୀର୍ଷରେ ପହଞ୍ଚିବା ପରେ ମଧ୍ୟ 'ହେଡୋନିକ୍ ଆଡାପ୍ଟେସନ୍' ଯୋଗୁଁ ମଣିଷ ମନରୁ ଅସନ୍ତୋଷ ଦୂର ହୋଇପାରେ ନାହିଁ।

ଏହି ସାମାଜିକ ଓ ମାନସିକ ଜଟିଳତା ବ୍ୟକ୍ତିକୁ ଉପଭୋକ୍ତାବାଦ ଆଡ଼କୁ ଠେଲିଦିଏ। ଲୋକମାନେ ଭାବନ୍ତି ଯେ ନୂଆ ଆଇଫୋନ୍, ନୂଆ ଗାଡ଼ି କିମ୍ବା ବଡ଼ ଘର କିଣିଲେ ସେମାନେ ସଦାସର୍ବଦା ଖୁସି ରହିବେ। କିନ୍ତୁ କିଛିଦିନ ମଧ୍ୟରେ ସେଗୁଡ଼ିକର ଆକର୍ଷଣ କମିଯାଏ ଏବଂ ପୁଣି ନୂଆ କିଛି କିଣିବା ପାଇଁ ସେମାନେ ବ୍ୟାକୁଳ ହୁଅନ୍ତି। ଏହାଦ୍ୱାରା ଆର୍ଥିକ ଅସ୍ଥିରତା, ମାନସିକ ଦୁଶ୍ଚିନ୍ତା ଓ ପରିବେଶଗତ ସମସ୍ୟା ସୃଷ୍ଟି ହୁଏ। ସମାଜଶାସ୍ତ୍ର ଅନୁଯାୟୀ, ଏହି ବିଷୟ ସହିତ ଅନେକ ଗୁରୁତ୍ୱପୂର୍ଣ୍ଣ ସାମାଜିକ ଧାରଣା ଜଡ଼ିତ। ଏଥିମଧ୍ୟରୁ 'ତୁଳନାତ୍ମକ ବଞ୍ଚିତକରଣ' ଅନ୍ୟତମ। ଜଣେ ବ୍ୟକ୍ତି ନିଜ ପାଖରେ ଯାହା ଅଛି ସେଥିରେ ଖୁସି ନହୋଇ, ଅନ୍ୟମାନଙ୍କ ତୁଳନାରେ ନିଜକୁ ଗରିବ ବା ବଞ୍ଚିତ ମନେକରେ। ସାମାଜିକ ପ୍ରତିଷ୍ଠାସୂଚକ ବସ୍ତୁର ମୋହ ମଣିଷକୁ ଏହି ଦୌଡ଼ରେ ବାନ୍ଧି ରାଖେ। ସାମାଜିକ ଗଣମାଧ୍ୟମ ପ୍ରଭାବ ଯୋଗୁଁ ଆଜି 'ଦୃଶ୍ୟମାନ ଉପଭୋଗ' ବୃଦ୍ଧି ପାଇଛି, ଯେଉଁଠି ଲୋକେ ନିଜର ସୁଖ ଦେଖାଇବା ପାଇଁ ଅଧିକ ଖର୍ଚ୍ଚ କରୁଛନ୍ତି, ମାତ୍ର ଅତ୍ୟଧିକ ବିକଳ୍ପର ଉପସ୍ଥିତି ତାକୁ ଆହୁରି ଅଧିକ ବିଭ୍ରାନ୍ତ ଓ ଅସନ୍ତୁଷ୍ଟ କରିଦେଉଛି।

'ହେଡୋନିକ୍ ଆଡାପ୍ଟେସନ'ର ଶିକାରରୁ ବଡ଼ ବଡ଼ ସେଲିବ୍ରିଟିମାନେ ମଧ୍ୟ ବାଦ୍ ପଡ଼ିନାହାନ୍ତି। ବିଶ୍ୱପ୍ରସିଦ୍ଧ ସଙ୍ଗୀତଜ୍ଞ କର୍ଟ କୋବେନ୍, ପପ୍ କିଙ୍ଗ୍ ମାଇକେଲ୍ ଜାକସନ୍, କିମ୍ବା ହଲିଉଡ୍ ଅଭିନେତା ରୋବିନ୍ ୱିଲିୟମ୍ସଙ୍କ ଭଳି ପ୍ରସିଦ୍ଧ ବ୍ୟକ୍ତିମାନଙ୍କ ଜୀବନରେ ଖ୍ୟାତି, ପ୍ରଚୁର ଟଙ୍କା ଓ କୋଟି କୋଟି ପ୍ରଶଂସକ ଥିଲେ। ତଥାପି ସେମାନଙ୍କ ଅନ୍ତରର ଗଭୀର ଶୂନ୍ୟତା ସେମାନଙ୍କୁ ମାନସିକ ଅବସାଦ ଆଡ଼କୁ ନେଇଯାଇଥିଲା। ପ୍ରସିଦ୍ଧ ଅଭିନେତା ଜିମ୍ କ୍ୟାରୀ ଥରେ କହିଥିଲେ, 'ମୁଁ ଭାବୁଛି ପ୍ରତ୍ୟେକ ବ୍ୟକ୍ତି ଧନୀ ଓ ପ୍ରସିଦ୍ଧ ହେବା ଉଚିତ୍ ଏବଂ ନିଜର ସବୁ ସ୍ୱପ୍ନ ପୂରଣ କରିବା ଉଚିତ୍, ଯାହାଦ୍ୱାରା ସେମାନେ ବୁଝିପାରିବେ ଯେ ଏହା ପ୍ରକୃତ ସନ୍ତୋଷ ନୁହେଁ।'

ଅନ୍ୟପଟେ, ଜଣେ ସାଧାରଣ ମଣିଷର ଜୀବନରେ ଏହା ଅନ୍ୟ ଏକ ରୂପରେ ପ୍ରକାଶ ପାଏ। ଜଣେ ଯୁବକ ଦିନରାତି ଏକ କରି ଗୋଟିଏ ସରକାରୀ ଚାକିରି ବା ଉଚ୍ଚବେତନର କର୍ପୋରେଟ ଚାକିରି ପାଏ। ଚାକିରି ପାଇବାର ପ୍ରଥମ କିଛିମାସ ସେ ଅତ୍ୟନ୍ତ ଆନନ୍ଦିତ ହୁଏ। କିନ୍ତୁ କିଛିବର୍ଷ ପରେ ସେହି ଚାକିରି ତା' ପାଇଁ ଏକ ବୋଝ ସଦୃଶ ହୋଇଯାଏ ଏବଂ ସେ ପଦୋନ୍ନତି କିମ୍ବା ଅଧିକ ଦରମା ପାଇଁ ଚିନ୍ତାଗ୍ରସ୍ତ ହୋଇପଡ଼େ। ସେହିପରି ନୂଆ ଘର, ନୂଆ ବିବାହ କିମ୍ବା ନୂଆ ଗାଡ଼ି ସବୁକିଛି ସମୟ ସ୍ରୋତରେ ନିଜର ଆକର୍ଷଣ ହରାଇବାରେ ଲାଗେ। ସାଧାରଣ ମଣିଷ ନିଜର ସମଗ୍ର ଜୀବନ ଏହି ଆଶାରେ ବିତାଇଦିଏ ଯେ 'କାଲି ଯେତେବେଳେ ମୋ ପାଖରେ ଏହା ହେବ, ସେତେବେଳେ ମୁଁ ସଂପୂର୍ଣ୍ଣ ସୁଖୀ ହେବି'। କିନ୍ତୁ ସେହି 'କାଲି' କେବେ ଆସେନାହିଁ।

ଏହି ସ୍ଥିତିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ମନସ୍ତାତ୍ତ୍ୱିକ ସଚେତନତା। ଆମକୁ ବୁଝିବାକୁ ହେବ ଯେ 'ହେଡୋନିକ୍ ଆଡାପ୍ଟେସନ୍' ମସ୍ତିଷ୍କର ଏକ ସ୍ୱାଭାବିକ ଜୈବିକ ସୁରକ୍ଷା ପ୍ରଣାଳୀ, ଯାହା ଆମକୁ ଅତ୍ୟଧିକ ଖୁସି କିମ୍ବା ଦୁଃଖରେ ସ୍ଥାୟୀ ଭାବେ ରହିବାକୁ ଦିଏନାହିଁ। ଏହାକୁ ରୋକିବା ପାଇଁ କୃତଜ୍ଞତାର ଅଭ୍ୟାସ ଏବଂ ସଚେତନ ରହିବା ଅତ୍ୟନ୍ତ ଜରୁରୀ। ଆମ ପାଖରେ ଯାହା ଅଛି, ତାହାର ମୂଲ୍ୟ ବୁଝିବା ଏବଂ ବର୍ତ୍ତମାନ କ୍ଷଣରେ ଜୀବିତ ରହିବା ଶିଖିବାକୁ ପଡ଼ିବ। ବସ୍ତୁବାଦୀ ସୁଖ ପଛରେ ନ ଦୌଡ଼ି, ଅନୁଭୂତିଜନିତ ସୁଖ, ଯେପରିକି ଭ୍ରମଣ, ଆତ୍ମବିକାଶ ଓ ପ୍ରକୃତ ସମ୍ପର୍କ ଗଠନ ଉପରେ ଧ୍ୟାନ ଦେବା ଆବଶ୍ୟକ। କାରଣ ଅନୁଭୂତିଗୁଡ଼ିକରେ 'ହେଡୋନିକ୍ ଆଡାପ୍ଟେସନ୍' ଧୀର ଗତିରେ ହୋଇଥାଏ। 'ହେଡୋନିକ୍ ଆଡାପ୍ଟେସନ୍' ଆମକୁ ଏହି ମାୟାଜାଲର ସତ୍ୟତା ସମ୍ପର୍କରେ ଅବଗତ କରାଏ ଯେ ଜୀବନର ପ୍ରକୃତ ସୁଖ କୌଣସି ପଦ, ବସ୍ତୁ କିମ୍ବା ଭୌତିକ ସଫଳତାର ଶେଷ ବିନ୍ଦୁରେ ନଥାଏ; ବରଂ ତାହା ଜୀବନର ପ୍ରତିଟି ମୁହୂର୍ତ୍ତକୁ ଅନୁଭବ କରିବାରେ ଥାଏ। ମଣିଷ ଯେତେବେଳେ ଏହି 'ହେଡୋନିକ୍ ଟ୍ରେଡମିଲ୍'ରୁ ଓହ୍ଲାଇ ନିଜର ଅନ୍ତର୍ନିହିତ ସନ୍ତୋଷକୁ ଚିହ୍ନିପାରେ, ସେତେବେଳେ ସେ ଶାନ୍ତି ଓ ଆନନ୍ଦର ସାନ୍ନିଧ୍ୟ ଲାଭ କରେ। ତେଣୁ ବାହ୍ୟ ଜଗତର ଅସୀମ ଆକାଂକ୍ଷା ପଛରେ ନ ଦୌଡ଼ି, ନିଜ ଭିତରେ ଥିବା ପ୍ରସନ୍ନତାକୁ ଆବିଷ୍କାର କରିବା ହିଁ ମାନବ ଜୀବନର ସାରସତ୍ତା।

ସତ୍ୟବାଦୀ(ପୁରୀ), ମୋ: ୯୨୩୮୮୩୧୬୫୮

ଦୀର୍ଘାୟୁ ପାଇଁ ନେଉଳ ପୂଜା

ଓଜସ୍ୱିନୀ

ବିଚିତ୍ର ବିଶ୍ୱାସ

ପୂର୍ବପ୍ରକାଶିତ ଉତ୍ତାରୁ...

ନେଉଳ ପୂଜନ ସମ୍ପର୍କିତ ବ୍ରତକଥା ଅନୁସାରେ ଏକଦା ଗୋଟିଏ ଗାଁରେ ଜଣେ କୃଷକ ପରିବାର ରହୁଥିଲେ। କିନ୍ତୁ ତାଙ୍କ ଘରେ ସନ୍ତାନ ଜନ୍ମ ନେବାର କିଛିଦିନ ପରେ ସର୍ପଦଂଶନରେ ପ୍ରାଣ ହରାଉଥିଲେ। କୃଷକ ଦମ୍ପତି ଗୋଟିଏ ନେଉଳ ପୋଷିବାକୁ ଚିନ୍ତା କଲେ। ଏହାପରେ ତାଙ୍କର ଆଉ ଏକ ସନ୍ତାନ ଜନ୍ମ ନେଲା। ଦିନେ ସ୍ୱାମୀଙ୍କ ପାଇଁ ଖାଦ୍ୟ ନେଇ କୃଷକପତ୍ନୀ କ୍ଷେତକୁ ଯାଇଥିଲେ। ସେ ସମୟରେ ଶିଶୁଟି ଶୋଇଥିଲା ଏବଂ ତା'ପାଖରେ ନେଉଳଟି ସବୁବେଳେ ବସି ରହୁଥିଲା। ତେଣୁ କୃଷକଙ୍କ ପତ୍ନୀ ବିନା ଚିନ୍ତାରେ କ୍ଷେତକୁ ଚାଲିଗଲେ। ପ୍ରତିଥର ଭଳି ଗୋଟିଏ ବିଷାକ୍ତ ସାପ ଶିଶୁକୁ ଦଂଶନ କରିବାକୁ ଆସନ୍ତେ ନେଉଳ ସାପଟିକୁ ମାରିଦେଇ ଶିଶୁକୁ ରକ୍ଷା କଲା। କିଛିସମୟ ପରେ କୃଷକଙ୍କ ପତ୍ନୀ ଘରକୁ ଫେରିଆସି ଦେଖିଲେ ଯେ ନେଉଳଟି ଦ୍ୱାର ପାଖରେ ବସିଛି ଏବଂ ତା' ମୁହଁରେ ରକ୍ତ ଲାଗିଛି। ସେ ଭାବିଲେ, ନେଉଳଟି ତାଙ୍କର ସନ୍ତାନକୁ ମାରି ଦେଇଛି। ତେଣୁ କ୍ରୋଧଜର୍ଜରିତ ହୋଇ ସେ ଧରିଥିବା ପାଣିଗରାକୁ ନେଉଳ ଉପରେ ଛେଚିଦେଲେ। ସେଥିରେ ନେଉଳଟିର ମୃତ୍ୟୁ ଘଟିଲା।

ଏହାପରେ କୃଷକଙ୍କ ପତ୍ନୀ ଘର ଭିତରକୁ ଆସି ଦେଖନ୍ତି ତ ତାଙ୍କ ସନ୍ତାନ ସୁରକ୍ଷିତ ଅବସ୍ଥାରେ ଶୋଇଛି ଏବଂ ଶିଶୁ ପାଖରେ ସାପଟିଏ ଖଣ୍ଡବିଖଣ୍ଡିତ ହୋଇପଡ଼ିଛି। ଏହା ଦେଖିବା ପରେ କୃଷକପତ୍ନୀ ନିଜର ଭୁଲ୍ ବୁଝିପାରିଲେ ଏବଂ ପଶ୍ଚାତାପ କରି କାନ୍ଦିବାକୁ ଲାଗିଲେ। ଦୈବୀକୃପାରୁ ଉକ୍ତ ନେଉଳଟି ଅଲୌକିକ ଭାବେ ଜୀବନଦାନ ପାଇ ଘର ଭିତରକୁ ଆସି କହିଲା - 'ପୁତ୍ରବତୀ ନାରୀମାନେ ମୋର ଚିତ୍ର କିମ୍ବା ମୂର୍ତ୍ତି ପୂଜା କଲେ ସର୍ପ ଭୟ ରହିବ ନାହିଁ ଏବଂ ସନ୍ତାନମାନେ ଦୀର୍ଘାୟୁ ହେବେ।' ଅନ୍ୟ ଏକ କଥା ଅନୁଯାୟୀ - କୃଷକ ଦମ୍ପତିଙ୍କୁ ସ୍ୱପ୍ନରେ ଉକ୍ତ ମୃତନେଉଳଟି ଉପରୋକ୍ତ ଉପଦେଶ ଦେଇଥିଲା। ଏହି ଘଟଣା ପରେ ନେଉଳଟି ଈଶ୍ୱରଙ୍କ ବରଦାନ ବୋଲି ମାନ୍ୟତା କରି ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା, ଯାହାକି ସମୟାନୁକ୍ରମେ ପରମ୍ପରାରେ ପରିଣତ ହୋଇଛି।

ବିଦେଶରେ ମଧ୍ୟ ନେଉଳର ଧର୍ମୀୟ ମହତ୍ତ୍ୱ ରହିଛି। ପ୍ରାଚୀନ ମିଶର୍ ସଭ୍ୟତାରେ ନେଉଳକୁ 'ପବିତ୍ର ଜୀବ' ଭାବେ ମାନ୍ୟତା ଦିଆଯାଇଥିଲା ଏବଂ 'ହୋରସ୍' ଦେବତାଙ୍କ ଭଳି ପୂଜା କରାଯାଉଥିଲା, ଯିଏକି ସର୍ପ ଭୟରୁ ମୁକ୍ତି ଦେଉଥିଲେ। ପ୍ରତ୍ନତତ୍ତ୍ୱବିଦ୍‌ଙ୍କଠାରୁ ମିଳିଥିବା ତଥ୍ୟ ଅନୁଯାୟୀ ମିଶର୍‌ର 'ସକ୍କାରା' ଅଞ୍ଚଳସ୍ଥିତ 'ଏନୁବିସ୍ କବ୍ରସ୍ଥାନ'ରେ ଅନ୍ୟାନ୍ୟ ପଶୁଙ୍କ ସହିତ ନେଉଳର 'ମମି' ମଧ୍ୟ ଠାବ ହୋଇଛି। ନେଉଳର 'ମମି' ପାଇଁ ଉନ୍ନତ ଧରଣର କବର ପ୍ରସ୍ତୁତ ହେଉଥିବା ମଧ୍ୟ ଜଣାପଡ଼ିଛି। ମିଶର୍‌ର ପୌରାଣିକ କଥାନୁସାରେ ନେଉଳ ହେଉଛି ସୂର୍ଯ୍ୟ ଦେବତା 'ରା' ଓ 'ଅଟମ୍'ଙ୍କ ସ୍ୱରୂପ। ମାନ୍ୟତା ଅନୁଯାୟୀ ସୂର୍ଯ୍ୟଦେବ ଗୋଟିଏ ବିରାଟ ନେଉଳର ରୂପ ଧାରଣ କରି ଅନ୍ଧକାର ଓ ଅରାଜକତାର ପ୍ରତୀକ ନାଗଦେବତା 'ଅପୋଫିସ୍' (ଅପେପ୍)କୁ ଯୁଦ୍ଧରେ ପରାସ୍ତ କରିଥିଲେ। ତେଣୁ ମନୁଷ୍ୟର 'ମମି' ସହିତ ନେଉଳକୁ ସକାରାତ୍ମକ ଶକ୍ତି ଏବଂ ସୁରକ୍ଷା କବଚ ଭାବେ କବର ଦିଆଯାଉଥିଲା। ସେହିସମୟରେ ନେଉଳ ପ୍ରତି ଏତେମାତ୍ରାରେ ଦୃଢ଼ ବିଶ୍ୱାସ ଥିଲା ଯେ ଲୋକମାନେ ମାନସିକ କରିବା ଏବଂ ଈଶ୍ୱରଙ୍କୁ ପ୍ରସନ୍ନ କରିବା ପାଇଁ ପୂଜାରୀଙ୍କ ଠାରୁ ନେଉଳର 'ମମି' କିଣି ଦେବତାଙ୍କୁ ଅର୍ପଣ କରୁଥିଲେ।

ଏହାବ୍ୟତୀତ ଆଫ୍ରିକାର କେତେକ ଅଞ୍ଚଳରେ ମଧ୍ୟ ନେଉଳକୁ ନେଇ ଅନେକପ୍ରକାର ମାନ୍ୟତା ଏବଂ ଲୋକକଥା ରହିଥିବା ଯୋଗୁଁ ବିଭିନ୍ନ ଜନଜାତି ନେଉଳକୁ 'ପବିତ୍ର ଜୀବ' ଆଖ୍ୟା ଦେଇଛନ୍ତି। ମେସୋପଟାମିଆରେ ନେଉଳକୁ ଦେବତା 'ନିଙ୍କିଲିମ୍'ଙ୍କ ସହିତ ଯୋଡ଼ା ଯାଇ ପୂଜା କରାଯାଉଥିଲା, ଯିଏକି ସର୍ପ ଓ ମୂଷାମାନଙ୍କଠାରୁ ସୁରକ୍ଷା ପ୍ରଦାନ କରୁଥିଲେ। ବୌଦ୍ଧ ଓ ତିବ୍ବତୀୟ ସଂସ୍କୃତିରେ ଧନର ଦେବତା 'ଜମ୍ଭଲା' ଏବଂ 'ବୈଶ୍ରବଣ'ଙ୍କ ହାତରେ ନେଉଳ ରହିଥିବାର ମୂର୍ତ୍ତି ଦେଖିବାକୁ ମିଳିଥାଏ। ଏହି ନେଉଳର ମୁହଁରୁ ରତ୍ନ ବାହାରୁଥିବାର ଚିତ୍ରଣ କରାଯାଇଛି। ତେଣୁ ତିବ୍ବତୀୟ ସଂସ୍କୃତିରେ ନେଉଳ ସୁଖସମୃଦ୍ଧିର ପ୍ରତୀକ ବୋଲି ବିଶ୍ୱାସ କରାଯାଏ।(ସମାପ୍ତ)

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।

୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।

୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।

୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।

୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।

୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।

୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଲେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଅବଶିଷ୍ଟାଂଶ

ସୁଜାତାଙ୍କ ପ୍ରଶ୍ନ...

ପାଇଁ କାର୍ଯ୍ୟ କରୁଥିଲା; ମାତ୍ର ଆଜିର ବିଜେପି ସରକାରରେ ସେ ଶୃଙ୍ଖଳା ନାହିଁ। ମାତ୍ର ଗୋଟିଏ ମିନିଟର ଭୁଲ୍ ନିଷ୍ପତ୍ତି ପାଇଁ ଗଞ୍ଜାମର ଭିତ୍ତିଭୂମି ନଷ୍ଟ ହୋଇଗଲା।୨୪ ବର୍ଷରେ ନବୀନ ପଟ୍ଟନାୟକ ଗଢ଼ିଥିବା ଏକ ସଫଳ ଓ ସମ୍ବେଦନଶୀଳ ବିପର୍ଯ୍ୟୟ ପରିଚାଳନା ପ୍ରଣାଳୀ ୨୪ ମାସରେ କିପରି ଭୁଷୁଡ଼ି ଗଲା, କିଏ ଗଞ୍ଜାମକୁ ୨୦ ବର୍ଷ ପଛକୁ ନେଇଗଲା; ବିଜେପି ସରକାର ତାହାର ଜବାବ ଦେବେ କି ବୋଲି ପ୍ରଶ୍ନ କରିଛନ୍ତି।

ଉକ୍ତ ଭିଡିଓ ବାର୍ତ୍ତାରେ ସୁଜାତା କହିଛନ୍ତି ଯେ ଅର୍ଣ୍ଣବ ବାତ୍ୟାକୁ ନେଇ ଆକଳନରେ ଭୁଲ ଥିଲା ବୋଲି ବିଜେପି ସରକାର ସ୍ୱୀକାର କରିଛନ୍ତି। ସେମାନେ ମାଲକାନଗିରି ଓ ମହାନଦୀ ପାଇଁ ପ୍ରସ୍ତୁତ ଥିଲେ, ଗଞ୍ଜାମ ପାଇଁ ପ୍ରସ୍ତୁତ ନ ଥିବା କହିଛନ୍ତି। ସରକାରଙ୍କର ଏହି ଭୁଲ ଆକଳନର ପରିଣାମ ଆଜି ଗଞ୍ଜାମବାସୀ ଭୋଗୁଛନ୍ତି। ବନ୍ୟା ଏବଂ ବାତ୍ୟା ପରିଚାଳନା ବ୍ୟବସ୍ଥାରେ ପ୍ରଥମଟି ହେଉଛି ତଳିଆ ଅଞ୍ଚଳର ଲୋକମାନଙ୍କୁ ଆଗୁଆ ସୁରକ୍ଷିତ ସ୍ଥାନରେ ପହଞ୍ଚାଇବା। ଦ୍ୱିତୀୟଟି ହେଉଛି ଆବଶ୍ୟକ ସାମଗ୍ରୀ ଚୁଡ଼ା, ଚାଉଳ, କେରୋସିନ, ପଲ୍ଲା ଇତ୍ୟାଦିକୁ ଉପଯୁକ୍ତ ସ୍ଥାନରେ ଆଗୁଆ ରଖିବା। ଏ ଦୁଇଟି କାମ ଗଞ୍ଜାମରେ ବିଜେପି ସରକାର କରିଥିଲେ କି? ନବୀନ ପଟ୍ଟନାୟକଙ୍କ ସରକାରରେ ଏ କାର୍ଯ୍ୟ ଠିକ୍ ସମୟରେ ଏବଂ ଠିକ୍ ଲୋକଙ୍କ ପାଇଁ କରାଯାଉଥିଲା। ସମ୍ପୂର୍ଣ୍ଣ ପ୍ରଶାସନିକ, ରାଜନୈତିକ ଓ ସାମାଜିକ କଳ ନବୀନ ବାବୁଙ୍କ ନେତୃତ୍ୱରେ ଶୃଙ୍ଖଳିତ ଭାବରେ ଲୋକଙ୍କ ପାଇଁ କାର୍ଯ୍ୟ କରୁଥିଲା। ଆଜି ବିଜେପି ସରକାରରେ ସେହି ଶୃଙ୍ଖଳିତ କାର୍ଯ୍ୟ କାହିଁକି ଦେଖାଯାଉ ନାହିଁ ? ବ୍ରିଜ, କେନାଲ, ନଦୀବନ୍ଧ ଭଳି ଭିତ୍ତିଭୂମି ନିର୍ମାଣ କରିବା ପାଇଁ ବର୍ଷ ବର୍ଷ ଲାଗି ଯାଏ। ମାତ୍ର ଗୋଟିଏ ମିନିଟର ଭୁଲ ନିର୍ଣ୍ଣୟରେ ଗଞ୍ଜାମର ଏହି ଭିତ୍ତିଭୂମି ନଷ୍ଟ ହୋଇଗଲା। ଗୋଟେ ଘର ବନାଇବା ମଣିଷର ଜୀବନବ୍ୟାପୀ ସଞ୍ଚୟ ଓ ପରିଶ୍ରମର ଫଳ। ଆଜି ଗଞ୍ଜାମର ବନ୍ୟାରେ ଲୋକଙ୍କ ଘର, ଦୋକାନ, ଗୋଦାମ, ଚାଷ ଜମି ନଷ୍ଟ ହୋଇଗଲା। କିଏ ଆଜି ଗଞ୍ଜାମକୁ କୋଡ଼ିଏ ବର୍ଷ ପଛକୁ ନେଇଗଲା? ରେଡ଼ ଆଲର୍ଟ ଚେତାବନୀ ଦେଖି ସମସ୍ତ ଜଳଭଣ୍ଡାରରୁ ପର୍ଯ୍ୟାପ୍ତ ମାତ୍ରାରେ ଜଳ ନିଷ୍କାସନ କରିବା ଓ ତଳିଆ ଅଞ୍ଚଳ ଲୋକମାନଙ୍କୁ ଏହାର ସତର୍କ ସୂଚନା ଦେବା। ଏ ସବୁ କାମ ବିଜେପି ସରକାର ଗଞ୍ଜାମବାସୀଙ୍କ ପାଇଁ କାହିଁକି କରିନଥିଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ସେ ପୁଣି କହିଛନ୍ତି ଯେ କୋଭିଡ଼ ସମୟରେ ଗଞ୍ଜାମ ଜିଲ୍ଲା ସବୁଠୁ ବଡ଼ ଆହ୍ୱାନର ସମ୍ମୁଖୀନ ହୋଇଥିଲା। କିନ୍ତୁ ପଞ୍ଚାୟତିରାଜ ବ୍ୟବସ୍ଥା, ମିଶନ ଶକ୍ତି ମାମାନେ, ବ୍ଲକ ତହସିଲ ଅଧିକାରୀ, ଜିଲ୍ଲା ପ୍ରଶାସନ, ରାଜନୈତିକ ନେତୃବୃନ୍ଦ ସମସ୍ତେ ମିଶି ସେହି ଆହ୍ୱାନକୁ ଗଞ୍ଜାମରେ ସଫଳତା ସହ ମୁକାବିଲା କରିଥିଲେ। ନବୀନ ବାବୁ ସରପଞ୍ଚମାନଙ୍କୁ କ୍ଷମତା ଦେଇଥିଲେ, ମିଶନ ଶକ୍ତି ମାମାନଙ୍କୁ ଦାୟିତ୍ୱ ଦେଇଥିଲେ। ହେଲେ ଆଜି ବିଜେପି ସରକାରରେ ସରପଞ୍ଚମାନେ କ୍ଷମତାହୀନ। ମିଶନ ଶକ୍ତିକୁ ବନ୍ଦ କରିଦିଆଯାଉଛି। ବିପର୍ଯ୍ୟୟ ପରିଚାଳନା ଓ ପ୍ରସ୍ତୁତିରେ ଏହା ଏକ ବହୁତ ବଡ଼ ଭୁଲ। ଲୋକେ ରିଲିଫ ପାଇଁ ହେଲିକପ୍ଟରକୁ ଚାହୁଁଛନ୍ତି। ରନ୍ଧା ଖାଦ୍ୟ ପାଇଁ ଲମ୍ବା ଲମ୍ବା ଧାଡ଼ି ଲାଗିଛି। ମାମାନେ ରାସ୍ତାରେ ଆସି କାନ୍ଦୁଛନ୍ତି। ନଷ୍ଟ ଫସଲକୁ ଦେଖି ଗଞ୍ଜାମରେ ଚାଷୀ ମୁଣ୍ଡରେ ହାତ ଦେଇଛନ୍ତି। ଛୋଟ ଛୋଟ ପିଲାମାନେ ତାଙ୍କ ନଷ୍ଟ ବହିପତ୍ରକୁ ଦେଖି କାନ୍ଦୁଛନ୍ତି। ପରିବର୍ତ୍ତନ ଓ ଓଡ଼ିଆ ଅସ୍ମିତାର ନାରା ଦେଇ ସରକାରକୁ ଆସିଥିବା ବିଜେପି ଗଞ୍ଜାମର ଏହି ଦୁର୍ଦ୍ଦଶା ପାଇଁ ଦାୟିତ୍ୱ ନେବ କି ବୋଲି ସୁଜାତା ପ୍ରଶ୍ନ କରିଛନ୍ତି।

ଆନ୍ଧ୍ରକୁ ଭୋଟ...

ଗ୍ରାମବାସୀ ଆନ୍ଧ୍ରପ୍ରଦେଶର ସାରିକି ଗ୍ରାମରେ ହୋଇଥିବା ମତଦାନ କେନ୍ଦ୍ରରେ ୩୧.୫୮ ପ୍ରତିଶତ ଭୋଟ୍ ଦେଇଛନ୍ତି। ସେହିପରି ଫାଟୁସିନେରୀ ଗ୍ରାମର ଭୋଟର୍ ତୋନମ୍‌ଠାରେ ୪୨.୪୩ ପ୍ରତିଶତ ଏବଂ ଅନ୍ୟ ଏକ ବୁଥ୍‌ରେ ୪୭.୬୯ ପ୍ରତିଶତ ମତଦାନ କରିଥିବା ଜଣାପଡ଼ିଛି। ପଟାଙ୍ଗୀ ବ୍ଲକ୍‌ର ନୂଆଗାଁ ପଞ୍ଚାୟତ ଅନ୍ତର୍ଗତ ଗାଲିପାଗରା ଓ ତାଡ଼ିଭାଲସା ଗ୍ରାମର ଭୋଟର୍ ମଧ୍ୟ ଆନ୍ଧ୍ରର ସାରିକି ଓ କୁରୁକୁଟି ମତଦାନ କେନ୍ଦ୍ରକୁ ଯାଇ ଭୋଟ୍ ଦେଇଛନ୍ତି। ଓଡ଼ିଶାର ୭ରୁ ଅଧିକ ଗାଁର ଭୋଟର୍ ଆନ୍ଧ୍ର ନିର୍ବାଚନରେ ସାମିଲ ହୋଇଥିବା ସୂଚନା ମିଳିଛି। ଆନ୍ଧ୍ରର ନିର୍ବାଚନୀ ପ୍ରଭାବକୁ ରୋକିବା ପାଇଁ ଗୁରୁବାର କୋରାପୁଟ ଜିଲ୍ଲା ପ୍ରଶାସନ ପକ୍ଷରୁ କୋଟିଆ ଗ୍ରାମପୁଞ୍ଜରେ ବ୍ୟାପକ ଜନସେବା ଶିବିର ଆୟୋଜନ କରାଯାଇଥିଲା। ୪୫୦ ହିତାଧିକାରୀଙ୍କ ମଧ୍ୟରୁ ୩୦୦ ଜଣଙ୍କୁ ବିଭିନ୍ନ ଭତ୍ତା ଯୋଜନାରେ ସାମିଲ କରି ଭତ୍ତା ବଣ୍ଟନ କରାଯାଇଥିଲା। ଆଉ ୧୫୦ ଜଣଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ କାର୍ଡ ଦେବା ସହ ଚାଉଳ ବଣ୍ଟନ କରାଯାଇଥିଲା। ଏହାବ୍ୟତୀତ ୯୩୫ ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣାରେ ଔଷଧ ଓ ବିଭିନ୍ନ ପରୀକ୍ଷା ସୁବିଧା ଯୋଗାଇ ଦିଆଯାଇଥିଲା।

କୋରାପୁଟ ବିଧାୟକ ରଘୁରାମ ପଡ଼ାଲ, କୋଟିଆ ନୋଡାଲ୍ ଅଧିକାରୀ ତଥା ଉପଜିଲ୍ଲାପାଳ ଫାବି ରସିଦ ଏବଂ ସୁନାବେଡ଼ା ଏସ୍‌ଡିପିଓ ସୁମିତ୍ରା ଜେନାଙ୍କ ନେତୃତ୍ୱରେ ପୁଲିସ ଓ ପ୍ରଶାସନିକ ଟିମ୍ ବିଭିନ୍ନ ଗାଁରେ ପହଞ୍ଚି ଲୋକଙ୍କୁ ସଚେତନ କରିଥିଲେ। ଅନ୍ୟପକ୍ଷରେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି, ରାମଚନ୍ଦ୍ର କାଡ଼ାମ, ବିଜେଡିର ପୂର୍ବତନ ସାଂସଦ ପ୍ରଦୀପ ମାଝୀ, ଝିନ୍ନ ହିକକା, ଭୃଗୁ ବକ୍ସିପାତ୍ର, ବିଜେପି ନେତା ସୁମନ୍ତ ପ୍ରଧାନଙ୍କ ସମେତ ଜିଲ୍ଲା ଆଇନଜୀବୀ ସଂଘର ପ୍ରତିନିଧିମାନେ ଗାଁଗାଁ ବୁଲି ଆନ୍ଧ୍ରରେ ଭୋଟ୍ ନଦେବାକୁ ନିବେଦନ କରିଥିଲେ।

ଏତେସବୁ ପଦକ୍ଷେପ ସତ୍ତ୍ୱେ ଭୋଟର୍‌ଙ୍କୁ ଅଟକାଇବାରେ ପ୍ରଶାସନ ବିଫଳ ହୋଇଛି। ଆନ୍ଧ୍ର ନିଯୁକ୍ତ ଏଜେଣ୍ଟ ଓ ଦଲାଲମାନେ ବିଭିନ୍ନ ପ୍ରଲୋଭନ ଦେଖାଇ ଭୋଟର୍‌ଙ୍କୁ ପାହାଡ଼ିଆ ରାସ୍ତା ଦେଇ ଆନ୍ଧ୍ର ସୀମାକୁ ନେଇଥିଲେ। ପୁଣି କିଛି ଲୋକଙ୍କୁ ଚାରିଚକିଆ ଗାଡ଼ି, ସାଇକେଲ ଓ ବାଇକ୍‌ରେ ଯାତ୍ରୀ ପରିଚୟ ଦେଇ ନିଆଯାଇଥିବା ମଧ୍ୟ ସୂଚନା ମିଳିଛି। ଆନ୍ଧ୍ର ପକ୍ଷରୁ ଖାଇବା ଓ ରହିବା ବ୍ୟବସ୍ଥା କରାଯାଇଥିବା ଅଭିଯୋଗ ରହିଛି। ମତଦାନ ପରେ ସେମାନେ ଓଡ଼ିଶା ସୀମାକୁ ଫେରିଥିବା ସୂଚନା ମିଳିଛି। ତେବେ ଚିନ୍ତାଜନକ କଥା ହେଉଛି, ଓଡ଼ିଶା ପକ୍ଷରୁ ପୂର୍ବରୁ ଆନ୍ଧ୍ରର ମତଦାନ କେନ୍ଦ୍ରକୁ ନେଇ ଆପତ୍ତି ଉଠାଯିବା ପରେ ଦୁଇଟି ବୁଥ୍‌କୁ ସ୍ଥାନାନ୍ତର କରାଯାଇଥିଲା। ତଥାପି ସେହି ଅଞ୍ଚଳର ଭୋଟର୍ ଆନ୍ଧ୍ରରେ ମତଦାନ କରିବା ରାଜ୍ୟର ସୀମା ସୁରକ୍ଷା ଓ ପ୍ରଶାସନିକ ଦକ୍ଷତା ଉପରେ ଗମ୍ଭୀର ପ୍ରଶ୍ନ ଚିହ୍ନ ଲଗାଇଛି। କୋଟିଆରେ ଓଡ଼ିଶାର ରାଜନୈତିକ ଓ ପ୍ରଶାସନିକ ଉପସ୍ଥିତି ପାଇଁ ଏହାକୁ ଏକ ବଡ଼ ଚେତାବନୀ ବୋଲି ମନେ କରାଯାଉଛି।

ପଞ୍ଚାୟତ ନିର୍ବାଚନରେ...

ଛାଡିଲେ ବୋଲି ପାତ୍ରପୁର ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି । ଗୁରୁତ୍ୱପୂର୍ଣ୍ଣ କଥା ହେଲା ଭୋଟ ହେବା କଥା ଜାଣିବା ସତ୍ତ୍ୱେ ପାତ୍ରପୁର ବ୍ଲକ୍ ପ୍ରଶାସନ ପକ୍ଷରୁ ଭୋଟରଙ୍କୁ ରୋକିବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିବା ଦେଖିବାକୁ ମିଳିଛି। ଅନ୍ୟ ପକ୍ଷରେ ଗୁଡିଖଳା ଗ୍ରାମ ଗଜପତି ଜିଲ୍ଲା ରାୟଗଡ ବ୍ଲକ ଗଙ୍ଗାବାଡ ପଞ୍ଚାୟତ ଯାଉଥିବା କହି ଗଜପତି ଜିଲ୍ଲା ପ୍ରଶାସନ ପକ୍ଷରୁ ବାତ୍ୟା ପରବର୍ତ୍ତୀ ରିଲିଫ ବଣ୍ଟନ କରିବା ସହିତ ଉକ୍ତ ଗ୍ରାମବାସୀମାନେ କିପରି ଅନ୍ୟ ରାଜ୍ୟକୁ ଭୋଟ ଦେବା ପାଇଁ ନଯିବେ ସେ ଦିଗରେ ପଦକ୍ଷେପ ଗ୍ରହଣ କରିଥିବା ଜଣାପଡ଼ିଛି। ସୂଚନା ଥାଉ କି ଆବାସ ଯୋଜନା, ଭତ୍ତା, ପାନୀୟ ଜଳ, ମନରେଗାରେ କାମ ଓ ରାସନ ଭଳି ସରକାରୀ ସୁବିଧାର ଲୋଭ ଦେଖାଇ ସୀମାନ୍ତ ଗ୍ରାମବାସୀଙ୍କୁ ନିଜ ଆଡ଼କୁ ଟାଣିବାକୁ ଉଦ୍ୟମ ଅନେକ ବର୍ଷର୍ ଧରି ଆନ୍ଧ୍ର ପ୍ରଶାସନ ପକ୍ଷରୁ ହେଉଥିବା ବେଳେ ଆନ୍ଧ୍ର ନିର୍ବାଚନରେ ଭୋଟ ଦେଲେ ଅଧିକ ସୁବିଧା ମିଳିବ। ନଚେତ ମିଳୁଥିବା ସରକାରୀ ଯୋଜନାରୁ ବଞ୍ଚିତ ହୋଇଯିବ ପ୍ରଲୋଭନ ଦେଖାଉଥିବା ଜଣାପଡିଛି। ଅନ୍ୟପକ୍ଷେ ଗତ ନିର୍ବାଚନ ସମୟରେ ସୀମାନ୍ତବର୍ତ୍ତୀ ଗ୍ରାମରେ ପାତ୍ରପୁର ବ୍ଲକ ପ୍ରଶାସନ ପକ୍ଷରୁ ଡେରା ପକାଇଥିଲା। ଆଗକୁ ସରପଞ୍ଚ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ପାତ୍ରପୁର ବ୍ଲକ ପ୍ରଶାସନ ଏଥିପ୍ରତି କେତେ ସଜାଗ ହେବ ତାହା ଦେଖିବାକୁ ବାକି ରହିଲା। କୋଟିଆ ଭଳି ପାତ୍ରପୁରରେ ସମସ୍ତେ ଏକତ୍ରିତ ହେବେ ନା ନାହିଁ ତାହା ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଯୁବକଙ୍କୁ ହତ୍ୟା: ୟୁନିଅନ୍ ବିବାଦରୁ ଗୁଳିକାଣ୍ଡ ସନ୍ଦେହ

ରାଉରକେଲା, ୫।୧୧(ସମିସ): ସୁନ୍ଦରଗଡ଼ ଜିଲ୍ଲା ଦର୍ଲିପାଲିଠାରେ ଗୁରୁବାର ଜଣେ ଯୁବକଙ୍କୁ ଗୁଳିକରି ହତ୍ୟା କରାଯାଇଛି। ମୃତ ଯୁବକ ଜଣକ ସୁନୀଲ ନେତୀ ବୋଲି ଚିହ୍ନଟ ହୋଇଛନ୍ତି। ପ୍ରାଥମିକ ସୂଚନା ଅନୁଯାୟୀ, ପାଉଁଶ ପରିବହନକୁ କେନ୍ଦ୍ରକରି ଦୁଇଟି ୟୁନିଅନ୍ ମଧ୍ୟରେ ଉପୁଜିଥିବା ବାକ୍-ବିତଣ୍ଡାରୁ ଏହି ଗୁଳିକାଣ୍ଡ ଘଟିଥିବା କୁହାଯାଉଛି। ପ୍ରତ୍ୟକ୍ଷଦର୍ଶୀ ଓ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଉଭୟ ଗୋଷ୍ଠୀ ମଧ୍ୟରେ ଯୁକ୍ତିତର୍କ ଚାଲିଥିବାବେଳେ ଗୋଟିଏ ଗୋଷ୍ଠୀର ଜଣେ ବ୍ୟକ୍ତି ହଠାତ୍ ଗୁଳି ଚଳାଇଥିଲେ। ଗୁଳିଟି ସିଧାସଳଖ ସୁନୀଲଙ୍କ ଛାତିରେ ବାଜିଥିଲା। ତାଙ୍କୁ ତୁରନ୍ତ ଗୁରୁତର ଅବସ୍ଥାରେ ଡାକ୍ତରଖାନା ନିଆଯାଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଘଟଣାବଳୀର ସଠିକ୍ କାରଣ ଜାଣିବା ଏବଂ ଗୁଳିକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବା ପାଇଁ ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଛି।

ଆଇଏଏସ ସ୍ତରରେ ଅଦଳବଦଳ

ବିଷ୍ଣୁପଦ ସେଠୀ ସାଧାରଣ ପ୍ରଶାସନ ବିଭାଗ ଓଏସ୍‌ଡି

ଭୁବନେଶ୍ୱର, ୫।୧୧(ସମିସ): ଗୁରୁବାର ବରିଷ୍ଠ ଆଇଏଏସ ସ୍ତରରେ ଏକ ଛୋଟ ଧରଣର ଅଦଳବଦଳ କରିଛନ୍ତି ରାଜ୍ୟ ସରକାର। ଓଡ଼ିଶା ବନ ଉନ୍ନୟନ ନିଗମ(ଓଏଫଡିସି) ଅଧ୍ୟକ୍ଷ ବିଷ୍ଣୁପଦ ସେଠୀଙ୍କୁ ମାତ୍ର ୯ ମାସ ବ୍ୟବଧାନରେ ସାଧାରଣ ପ୍ରଶାସନ ବିଭାଗକୁ ବଦଳି କରାଯାଇଛି। ସେ ସେଠାରେ ଓଏସଡି ଭାବେ ଅବସ୍ଥାପିତ ହେବେ। କେନ୍ଦ୍ରୀୟ ଡେପୁଟେସନରୁ ଫେରିଥିବା ୨୦୦୪ ବ୍ୟାଚ ଆଇଏଏସ୍ ରୂପା ମିଶ୍ରଙ୍କୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର କମିଶନର ତଥା ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର କମିଶନର ଗିରୀଶ ଏସଏନଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ଭାବେ ବଦଳି କରାଯାଇଛି। ଅଶ୍ୱତୀ ଏସ୍‌ଙ୍କୁ ସିଟି-ଓଡ଼ିଶାର ସିଇଓ ଭାବେ ଅତିରିକ୍ତ ଦାୟିତ୍ୱ ସହିତ ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଛି।

GOVT. OF ODISHA 32001/1256/2627

OFFICE OF THE SUPERINTENDING ENGINEER, MINOR IRRIGATION DIVISION, GAJAPATI.

AT/PO: PARALAKHEMUNDI, DIST: GAJAPATI.

e-mail: eemi_gajapati@yahoo.co.in

e-Procurement Notice No. 3426 / Date: 03.11.2026

BID IDENTIFICATION NO. MIDGJP-07/2026-27

The Superintending Engineer, Minor Irrigation Division, Paralakhemundi on behalf of Governor of Odisha invites **Percentage Rate** bid in **Single Cover System in ONLINE MODE** for the construction of **following works** as detailed in the **Detailed Tender Call Notice (D.T.C.N)** from the eligible class of contractors.

1.	Name of the work	:	Construction of New Check Dams and Improvement of Check Dams & MIPs under various Schemes.
2.	No of works	:	18 Nos. (Eighteen).
3.	Estimated cost	:	Varies from Rs. 5.25 to 45.78 Lakhs.
4.	Period of completion	:	Please refer the NIT.
5.	Date and time of availability of bid documents in the portal	:	From 10.30 Hours of 07.11.2026 to 17.00 Hours of 16.11.2026.
6.	Last date / time for receipt of bids in the portal	:	17.00 Hours of 16.11.2026.
7.	Date of opening	:	11.00 Hours on 17.11.2026.
8.	Name and address of the Officer inviting Bid	:	Superintending Engineer, Minor Irrigation Division, Gajapati, At/Po – Paralakhemundi, Dist– Gajapati, PIN–761200.

Further details can be seen from the e-procurement portal https://tendersodisha.gov.in

Superintending Engineer MI Division, Gajapati Paralakhemundi

OIPR-32001/32013/1/26-27/0010

OFFICE OF THE NIMAPADA NOTIFIED AREA COUNCIL

At/Po/Ps:- Nimapada, Dist.-Puri, Odisha, Pin-752106, e-Mail:- nimapadanac@gmail.com, Web: www.nimapadanac.in, Phone No. :-(06758-454167)

No. 6882 / Date 31.10.2026 13001/2380/2627

e-Procurement Notice

Bid Documents consisting of Work Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in.

1.	Tender Reference No	:	NP-NAC-02/2026-27
2.	Tender I.D No.	:	2026_ORULB_144849_ 1 to 13
3.	Name of the work	:	Civil Construction works as mentioned in website.
4.	No. of work	:	13 Nos.
5.	Estimated Cost	:	Rs. 4,66,070.00 to Rs. 16,93,654.00
6.	Period of Completion	:	30 days to 120 days
7.	Date & time of Bidding	:	Dt. 05.11.2026 to Dt. 20.11.2026 upto 05.30 P.M.
8.	Last date & time for receipt of bids in the portal	:	Dt. 20.11.2026 upto 05.30 P.M.
9.	Bids received online shall be opened on Dt.	:	Dt. 21.11.2026 at 11.00 A.M.
10.	Name and address of the Officer inviting Bid	:	Executive Officer, Nimapada N.A.C.

Further details can be seen from the procurement portal i.e www.tendersodisha.gov.in.

Executive Officer Nimapada N.A.C.

OIPR-13001/13168/1/26-27/0005

ରାଜ୍ୟ ମହିଳା ଚେସ୍: ସ୍ମାରକୀ ଚାମ୍ପିଅନ



ଭୁବନେଶ୍ୱର,୫।୧୧ (ସମିସ): କେନ୍ଦ୍ରାପଡ଼ାର ସ୍ମାରକୀ ମହାନ୍ତି ଏକାଦଶଥର ଲାଗି ରାଜ୍ୟ ମହିଳା ଚେସ୍ ଚାମ୍ପିଅନ ହୋଇଛନ୍ତି। କିଟ୍ ପରିସରରେ ଆଜି ଶେଷ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ୭ ପଏଣ୍ଟ ପାଇ ପ୍ରଥମ ସ୍ଥାନରେ ରହିଥିଲେ। ଗଞ୍ଜାମର ସ୍ନେହାଯୁକ୍ତା ବେହେରା ରନର୍ସଅପ୍, କଟକର ଶ୍ରଦ୍ଧାସ୍ମରଣିକା ନନ୍ଦ ତୃତୀୟ ଓ ଗତବର୍ଷର ଚାମ୍ପିଅନ ୟଶିତା ରାଉତ ଚତୁର୍ଥ ସ୍ଥାନରେ ରହିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟଟି ଜଗତ୍‌ସିଂହପୁର ଜିଲ୍ଲା ଚେସ୍ ସଂଘ ଦ୍ୱାରା ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ଏଓସିଏ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ, କେନ୍ଦ୍ରାପଡ଼ା ଜିଲ୍ଲା ସଂଘ ସଭାପତି କିଶୋର ପରିଡ଼ା ଓ ମହିଳା କ୍ରିକେଟର ଚିଫ୍ ସିଲେକ୍ଟର ରଶ୍ମିତା ମହାନ୍ତି ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

ଶୁଭାଶିଷଙ୍କୁ ନେତୃତ୍ୱ

ଭୁବନେଶ୍ୱର,୫।୧୧ (ସମିସ): ଚଳିତ ବର୍ଷର ୧୯ ବର୍ଷରୁ କମ୍ କୁଚ୍‌ବିହାର ଟ୍ରଫି ଲାଗି ଶୁଭାଶିଷ ମଲିକଙ୍କୁ ଓଡ଼ିଶା ଦଳର ନେତୃତ୍ୱ ଦିଆଯାଇଛି। ପ୍ରଥମ ଦୁଇଟି ମ୍ୟାଚ୍ ଲାଗି ୧୯ ଜଣିଆ ଦଳ ଘୋଷଣା କରିଛନ୍ତି ଚିଫ୍ ସିଲେକ୍ଟର ସୌରଜିତ ମହାପାତ୍ର। ଅନ୍ୟମାନେ ହେଲେ ଆଦିତ୍ୟ ଆନନ୍ଦ, ଆୟୁଷ ମନ୍ତ୍ରୀ, ଯୋଗେଶ୍ୱର ବାଗ୍, କମଲେଶ ପାତ୍ର, ମୋଦିରାସ ବେହେରା, ପାନକଲ ମୋକ୍ଷିତ, ପ୍ରୟାନ ସାମଲ, ରାଜା ଯାଦବ, ରୁଦ୍ର ପି. ମଲ୍ଲିକ, ଗୁଞ୍ଜନ ସାହୁ, ଶେଖ ହାୟାତ, ସ୍ୱାଗତ ସୌରଭ, ସାହିଲ ସତ୍ୟବ୍ରତ, ସାଇରାଜ ସାହୁ, ସୌରଭ ଯାଦବ, ଶୁଭମ ପଲାଇ, ବେଦାନ୍ତ ଦେଭାଡେ।

ଦିଲ୍ଲୀ ଦିନିକିଆ ମ୍ୟାଚ୍ ବିଶାଖାପାଟଣାକୁ ସ୍ଥାନାନ୍ତର

ନୂଆଦିଲ୍ଲୀ, ୫।୧୧ (ଏଜେନ୍ସି): ଦିଲ୍ଲୀର ବିଷାକ୍ତ ବାୟୁ ପ୍ରଦୂଷଣ ଆଗରେ ଶେଷରେ ବିସିସିଆଇ ମୁଣ୍ଡ ନୁଆଁଇଛି। ଡିସେମ୍ବର ୧୩ ତାରିଖରେ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ସ୍ଥାନୀୟ ଅରୁଣ ଜେଟଲି ଷ୍ଟାଡିୟମରେ ଖେଳାଯିବାକୁ ଥିବା ଦିନିକିଆ ସିରିଜର ପ୍ରଥମ ମ୍ୟାଚକୁ ଶେଷରେ ସ୍ଥାନାନ୍ତରଣ କରିଛି ବିସିସିଆଇ। ଏହି ମ୍ୟାଚଟି ଏବେ ଦିଲ୍ଲୀ ବଦଳରେ ବିଶାଖାପାଟନମକୁ ସ୍ଥାନାନ୍ତର କରାଯାଇଛି।

ସୂର୍ଯ୍ୟାଂଶ ପଟ୍ଟନାୟକଙ୍କୁ ଦ୍ୱିମୁକୁଟ

ଭୁବନେଶ୍ୱର,୫।୧୧(ସମିସ): ଟପ୍‌ସିଡ ଓଡ଼ିଶାର ସୂର୍ଯ୍ୟାଂଶ ପଟ୍ଟନାୟକ କଳିଙ୍ଗ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ୧୬ ବର୍ଷରୁ କମ୍ ଚାମ୍ପିଅନସିପ୍ ସିରିଜ୍‌ରେ ବାଳକ ବିଭାଗରେ ଦ୍ୱିମୁକୁଟ ଅର୍ଜନ କରିଛନ୍ତି। ପ୍ରଥମେ ସେ ଏକକ ଫାଇନାଲରେ ବେଙ୍ଗଲର ସାଇରାଂଶ ଝାଁଙ୍କୁ ୨-୦ରେ ଏବଂ ଯୁଗଳରେ ଝାଡଖଣ୍ଡର ସଫଳ ଆଗମନଙ୍କୁ ସାଥିକରି ଟାଇଟଲ ଜିତିଥିଲେ। ମୁଖ୍ୟ ନିର୍ବାଚନ ଅଧିକାରୀ ମଧୁସୂଦନ ପାଢ଼ୀ ଓ ଖୋର୍ଦ୍ଧା ଜିଲ୍ଲା ଟେନିସ ସଂଘ ସମ୍ପାଦକ ଅସିତ ପ୍ରଧାନ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

ରାଜ୍ୟ ସବ୍‌ଜୁନିଅର ବ୍ୟାଡ୍‌ମିଣ୍ଟନ ଉଦ୍‌ଘାଟିତ

ଭୁବନେଶ୍ୱର,୫।୧୧ (ସମିସ): ଓଡ଼ିଶା ବ୍ୟାଡ୍‌ମିଣ୍ଟନ ଆସୋସିଏସନ ଆନୁକୂଲ୍ୟରେ ରାଜ୍ୟ ୧୫ ଓ ୧୭ ବର୍ଷରୁ କମ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ପୋଖରୀପୁଟ ଇଣ୍ଡୋର ହଲ୍‌ରେ ରାଜ୍ୟ କ୍ରୀଡ଼ା ବିଭାଗର ଅଧିକାରୀ ସୋନାଲି ଚାନ୍ଦ ଆନୁଷ୍ଠାନିକ ଉଦ୍‌ଘାଟନ କରିଛନ୍ତି। ଟୁର୍ଣ୍ଣାମେଣ୍ଟରେ ୫ଟି କାଟାଗୋରୀରେ ମୋଟ ୪୫୦ ଜଣ ଖେଳାଳି ଭାଗ ନେଇଥିଲାବେଳେ ଆସନ୍ତା ୮ରେ ପ୍ରତିଯୋଗିତା ଉଦ୍‌ଯାପିତ ହେବ ବୋଲି ଆୟୋଜକ ସଂଘ ସମ୍ପାଦକ ନିଳିନ କୁମାର ଜଣାଇଛନ୍ତି।

● ସିକେ ନାଇଡୁ ଟ୍ରଫି

ବେଙ୍ଗଲ ଅଗ୍ରଣୀ

ଭୁବନେଶ୍ୱର,୫।୧୧ (ସମିସ): ଯୁଦ୍ଧଜିତ ଗୁହାଙ୍କ ୪ ଓ ସୁଖମିତ ସିଂଙ୍କ ୨ ୱିକେଟ ଅକ୍ତିଆର ବଳରେ ପଶ୍ଚିମବଙ୍ଗର କଲ୍ୟାଣୀଠାରେ ଚାଲିଥିବା ଓଡ଼ିଶା ବିପକ୍ଷ ୨୩ ବର୍ଷରୁ କମ୍ କୁଚ୍ ବିହାର ଟ୍ରଫିରେ ବେଙ୍ଗଲ ପ୍ରଥମ ଇନିଂସରେ ଅଗ୍ରଣୀ ନେଇଛି। ପ୍ରଥମ ଇନିଂସରେ ବେଙ୍ଗଲର ୨୪୩ ରନ୍ ଜବାରେ ଓଡ଼ିଶା ୨୦୮ ରନ୍ କରିବାକୁ ସମର୍ଥ ହୋଇଥିଲା। ଦଳ ପକ୍ଷରୁ ଅଧିନାୟକ ସୁଜଲ ସିଂ ସର୍ବାଧିକ ୫୬ ଓ ସମ୍ବିତ ବେଜା ୩୨ ରନ୍ କରିଥିଲେ। ପ୍ରଥମ ଇନିଂସରେ ୩୫ରନ୍‌ରେ ଆଗୁଆ ଥିବା ବେଙ୍ଗଲ ଗୁରୁବାର ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ୬ ୱିକେଟ ହରାଇ ୧୭୪ ରନ୍ କରିଛନ୍ତି। ବେଙ୍ଗଲ ପ୍ରଥମ ଇନିଂସରେ ୬ଟି ୱିକେଟ ନେଇଥିବା ଓଡ଼ିଶାର ଓମ୍‌କାର ମହାନ୍ତି ଦ୍ୱିତୀୟ ଇନିଂସରେ ୩ ୱିକେଟ ନେଇଛନ୍ତି।

ରଣଜୀ ଟ୍ରଫି: ଓଡ଼ିଶା-୧, ଝାଡ଼ଖଣ୍ଡ-୧

ଭୁବନେଶ୍ୱର,୫।୧୧ (ସମିସ)

ଲଘୁଚାପ ଜନିତ ବର୍ଷା ଓ ତତ୍‌ଜନିତ ସୃଷ୍ଟି ହୋଇଥିବା ବାତ୍ୟା ମୁରାସୁର ପ୍ରଭାବରେ କିଟ୍ ଷ୍ଟାଡିୟମ୍‌ରେ ଓଡ଼ିଶା ଓ ଝାଡଖଣ୍ଡ ମଧ୍ୟରେ ଚାଲିଥିବା ରଣଜୀ ଏଲିଟ ଟ୍ରଫି ଗ୍ରୁପ୍-ସି' ମୁକାବିଲାର ପ୍ରଥମ ଇନିଂସ ଖେଳ ଶେଷ ହୋଇପାରି ନାହିଁ। ଫଳରେ ନିୟମ ଅନୁଯାୟୀ ଉଭୟ ଦଳ ଗୋଟିଏ ଲେଖାଏଁ ପଏଣ୍ଟ ସଂଗ୍ରହ କରିଛନ୍ତି। ଏହା ପୂର୍ବରୁ ଏଠାରେ ଓଡ଼ିଶା -ସର୍ଭିସେସ୍ ମଧ୍ୟରେ ଅନୁଷ୍ଠିତ ରଣଜୀ ମୁକାବିଲା ମଧ୍ୟ ସମାନ କାରଣରୁ ପ୍ରଥମ ଇନିଂସ ଶେଷ ହୋଇପାରି ନ ଥିଲା। ଫଳରେ ଉଭୟ ଦଳକୁ ଗୋଟିଏ ଲେଖାଏଁ ପଏଣ୍ଟ ମିଳିଥିଲା। ରଣଜୀ ଟ୍ରଫିର ପ୍ରଥମ ପର୍ଯ୍ୟାୟରେ ୪ଟି ମ୍ୟାଚ୍ ଶେଷ ହୋଇଥିଲାବେଳେ ବର୍ଷା ଯୋଗୁଁ ଓଡ଼ିଶା ୨ ପଏଣ୍ଟ ସଂଗ୍ରହ କରିପାରିଛି। ବାରବାଟୀରେ ଦିଲ୍ଲୀ ସହ ୨୦୨୭ ଜାନୁଆରୀ ୧୭ରେ ମୁକାବିଲାରୁ ଓଡ଼ିଶାର ଦ୍ୱିତୀୟ ପର୍ଯ୍ୟାୟ ରଣଜୀ ମୁକାବିଲା ଆରମ୍ଭ ହେବ। କିଟ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଏହି ମୁକାବିଲାରେ ବର୍ଷା ଯୋଗୁଁ ଖେଳ ବାଧାପ୍ରାପ୍ତ ହୋଇଥିଲା। ଏହି ୪ ଦିନିଆ ମ୍ୟାଚ୍‌ରେ ମାତ୍ର ୨୩୦.୧ ଓଭର ଖେଳ ସମ୍ଭବ ହୋଇଥିଲା। ଏହା ମଧ୍ୟରୁ ପ୍ରଥମେ ବ୍ୟାଟିଂ କରିଥିବା ଝାଡଖଣ୍ଡ ୧୪୨.୧ ଓଭର ଖେଳି ୮ ୱିକେଟରେ ୪୩୩ ରନ୍ କରି ପ୍ରଥମ ଇନିଂସ ସମାପ୍ତି ଘୋଷଣା କରିଥିଲା। ଜବାବରେ ମ୍ୟାଚ୍ ଶେଷ ହେଲା ବେଳକୁ ଓଡ଼ିଶା ୮୮ ଓଭରରେ ୭ ୱିକେଟରେ ୨୮୦ ରନ୍ କରିପାରିଥିଲା। ଓଡ଼ିଶା ପ୍ରଥମ ଇନିଂସରେ ସ୍ୱସ୍ତିକ ସାମଲ ସର୍ବାଧିକ ୮୦, ଅନିଲ ପରିଡା ୫୭ ରନ୍ କରିଥିଲେ। କିନ୍ତୁ ୱିକେଟରକ୍ଷକ ରାଜେଶ ଧୂପର ୧୩୨ ବଲ୍‌ରୁ ୩୯ ଏବଂ ଲଳିତ ଯାଦବ ୨୫ ବଲ୍‌ରେ ୨୫ ରନ୍ କରି ଅପରାଜିତ ରହିବା ଫଳରେ ମ୍ୟାଚ୍‌ର ପ୍ରଥମ ଇନିଂସ ଶେଷ ହୋଇ ପାରି ନ ଥିଲା।

AFFIDAVIT

I, Satyanannda Panigrahi, aged about 66 years, S/o-Bipin Bihari Panigrahi, resident of Chandra Sekhar Nagar, Balangir, Po-Balangir, Ps-Town Bolangir, Dist- Balangir, Odisha, PIN- 767001, do hereby declare by this affidavit No. 2281, dtd- 05.11.2026, that now onwards I shall be known as **SATYANANDA PANIGRAHI** for all future purposes.

AFFIDAVIT

By virtue of an affidavit sworn before The Notary Public, Titilagarh, on dated-04.11.2026. I, **Sabitri Sahu** (new name), W/o Sahadeb Sahu, permanent & current resident of AT: Sargiguda, Titilagarh, PO/PS: Titilagarh, Dist: Balangir, State: Odisha, PIN: 767033 declare that I have changed my name from **Sabe Sahu** (old name) to **Sabitri Sahu** (new name). Henceforth, I shall be known as **Sabitri Sahu** (new name) for all future purposes.

Sabitri Sahu

AFFIDAVIT

By virtue of an affidavit (CF No. 02, dtd- 05.11.2026) sworn before The Executive Magistrate, Padampur. I, **Satya Sahu,** S/o Abel Sahu, permanent resident of At-Sauntakhanda, PO- Jamutpali, PS- Gaisilat, Dist- Bargarh, Odisha declare that I have changed my minor son's name from **Fhanamali Sahu** (old name) to **Dhanamali Sahu** (new name). Henceforth, he shall be known as **Dhanamali Sahu** (new name) for all purposes.

Satya Sahu

32001/1262/2627 E-mail : cemidivision_deogarh@yahoo.in

GOVERNMENT OF ODISHA

DEPARTMENT OF WATER RESOURCES

OFFICE OF THE SUPERINTENDING ENGINEER, MINOR IRRIGATION DIVISION, DEBAGADA.

No. 1271 / Date. 4.11.2026

e-PROCUREMENT NOTICE

BID REF No: SE,MID,DGR /03/2026-27

Bid documents consisting names of Work, Estimated cost, Cost of tender paper, EMD, time completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

1.	Name of the works :-	:	Civil Construction works.
2.	No of Works :-	:	33 (Thirty three) Nos.
3.	Estimated Cost :-	:	Approximately from Rs. 2.50 lakh to 8.00 lakh.
4.	Period of completion :-	:	3 (Three) Calendar months.
5.	Date and Time of availability of bid documents in the portal :-	:	From Dt. 12.11.2026 at 10.00 AM to Dt. 23.11.2026 up to 5.00 PM.
6.	Last Date / Time of receipt of bids in the portal :-	:	Dt. 23.11.2026 up to 5.00 PM.
7.	Date of opening of Bid :-	:	Dt. 25.11.2026 at 11.00 AM onwards.
8.	Name and address of the OIT :-	:	Superintending Engineer, Minor Irrigation Division, Debagada.
9.	Mode of Payment of Bid Cost & Bid Security :-	:	Online.

Further details can be seen from the e-Procurement market place http://tendersodisha.gov.in

Sd/-

Superintending Engineer M.I. Division, Debagada

OIPR-32001/32289/1/26-27/0002

GOVERNMENT OF ODISHA 34001/1111/2627

OFFICE OF THE SUPERINTENDING ENGINEER

PHULBANI (R&B) DIVISION, PHULBANI

AT/PO./PS- PHULBANI, PIN-762001

E-MAIL: - eeplbrb@gmail.com, Tel-06842-2532102

INVITATION FOR BID (IFB)/ NOTICE INVITING TENDER (NIT)

e-Procurement Tender Call Notice

Bid Identification No.: - SE-R&B-PLB-14/2026-27, DATE: - 04.11.2026

Letter No. 6565 **Date. 04.11.2026**

The **Superintending Engineer, Phulbani (R&B) Division, Phulbani** on behalf of Governor of Odisha invites percentage rate bid in **Single Cover** system in **ONLINE MODE** for the construction of works detailed in the table below from **"MV"/ "HT" or Above Class Contractors** registered with the State Governments and contractors of equivalent Grade/ Class registered with Central Government/ MES/ Railways for execution of Civil and Electrical works. The scanned of proof of registration from the appropriate authority shall be enclosed along with the bid.

1.	Name/Type of Work	:	**Electrical Works**
2.	No. of Tender	:	02 (Two) Numbers
3.	Estimated Cost put to Tender. (T.S Amount)	:	Rs.4.36 Lakhs to Rs.4.32 Lakhs
4.	E.M.D.	:	Rs.4,400/- to Rs.4,400/-
5.	Period of completion	:	01 (One) Calendar Months.
6.	Class of Contractor or Eligibility of the bidders	:	**"MV"/ "HT" or Above Class Contractors** (Orissa P.W.D. or equivalent class of other licensing authority) & (Electrical Contractors **from ELBO.)**
7.	Tender Cost or Cost of participation in on line Bid	:	Rs.2,000/- (Non-refundable) for Bid Documents.
8.	Availability of Bid document for on line bidding	:	From 07.11.2026 at 10:00 AM to 17.11.2026 up to 05:00 PM
9.	Clarification regarding bidding online	:	From 07.11.2026 at 10:00 AM to 17.11.2026 up to 05:00 PM
10.	Date, Time and Place of opening of the Technical & Financial Bid document	:	On 18.11.2026 at 11:30 AM in the Office of the Superintending Engineer, Phulbani (R&B) Division, at Phulbani, Dist: Kandhamala

The bidders have to participate in ONLINE bidding only. Further details can be seen from the website: http://tendersorissa.gov.in . All future Addendums, corrigendum or cancellations will be available on ONLINE MODE only.

Superintending Engineer Phulbani (R&B) Division, Phulbani

OIPR-34001/34066/1/26-27/0020

VEHICLE FOR SALE

(1) EICHER PRO 2110 XP ,MODEL 2025, Regn. No -OD-01-BC-1113, in as is where is condition. (2) EICHER PRO 2110 XP, MODEL 2025, Regn. No OD-04-X-1113 in as is where is condition. (3) EICHER PRO 2110 XP, MODEL 2025, Regn. No OD-15-AD-1113 in as is where is condition. (4) EICHER PRO 3018 PLUS, MODEL 2025, Regn. No OD-05-CB-1113 in as is where is condition. (5) EICHER PRO 3018 PLUS, MODEL 2025, Regn. No OD-02-DF-1113 in as is where is condition. (6) EICHER PRO 2110 XP ,MODEL 2025, Regn. No -OD-14-AK-1113, in as is where is condition. Contact: M/S Sundaram Finance Limited, Bhubaneswar Branch, Ph:0674-2544772 within 7 days

AFFIDAVIT

By virtue of an affidavit sworn before The Notary Public, Titilagarh, on dated-04.11.2026. I, **Anjali Kharsel** (new name), W/o Niranjan Kharsel, permanent & current resident of AT: Jarelpadar, PO: Bharuamunda, PS: Sinapali, Dist: Nuapada, State: Odisha, PIN: 766108 declare that I have changed my name from **Angare Herna** (old name) to **Anjali Kharsel** (new name). Henceforth, I shall be known as **Anjali Kharsel** (new name) for all future purposes.

Anjali Kharsel

AFFIDAVIT

By virtue of an affidavit sworn before The Notary Public, Titilagarh, on dated- 04.11.2026. I, **Nakula Majhi** (new name), S/o Ram Chandra Majhi, permanent & current resident of AT: Gurjibhata, Near By Primary School, PO: Luthurbandh, PS: Titilagarh, Dist: Balangir, State: Odisha, PIN: 767033 declare that I have changed my name from **Lokesh Mishri Rao** (old name) to **Nakula Majhi** (new name). Henceforth, I shall be known as **Nakula Majhi** (new name) for all future purposes.

Nakula Majhi

AFFIDAVIT

By virtue of an affidavit sworn before The Notary Public, Titilagarh, on dated-04.11.2026. I, **Padmaseni Bag** (new name), D/o Upendra Bag, permanent & current resident of AT/PO: Bharuamunda, PS: Sinapali, Dist: Nuapada, State: Odisha, PIN: 766108 declare that I have changed my name from **Padma Bag** (old name) to **Padmaseni Bag** (new name). Henceforth, I shall be known as **Padmaseni Bag** (new name) for all future purposes.

Padmaseni Bag

ଡକୁମେଣ୍ଟ ହଜିଛି

ନୋଟାରୀ ପବ୍ଲିକ, ରସୁଲପୁର, ଓଡ଼ିଶା ସମ୍ମୁଖରେ ଏକ ଶପଥପତ୍ର ଦ୍ୱାରା । ମୁଁ, କାଶୀନାଥ ତରେଇ, ପିତା: Late ଯଟାଧାରି ତରେଇ ବାସିନ୍ଦା ରସୁଲପୁର, ଥାନା: କୁଆଖିଆ, ଜିଲ୍ଲା: ଯାଜପୁର, ପିନ୍-୭୫୫୦୦୯, ଓଡ଼ିଶା ଘୋଷଣା କରୁଛି ଯେ ମୋର ପୂର୍ବ ପଞ୍ଜିକୃତ । ବିକ୍ରୟ ରେଜିଷ୍ଟର କବଲା ନଂ.: ୧୫୯୮, ତାରିଖ: ୦୫.୦୬.୨୦୦୦, ମୌଜା: ରସୁଲପୁର ଡିଏସଆର ରସୁଲପୁର ସମ୍ପତ୍ତିର କାର୍ଯ୍ୟାଳୟରେ ଖାତା ନଂ.: ୪୩୩/୩, ପ୍ଲଟ୍ ନଂ.: ୧୦୫୯/୧୬୧୪, କ୍ଷେତ୍ର: ଏକର୦.୦୫୦ ଡିସିମିଲି ଏବଂ ମୋ ନାମରେ ଅରିଜିନାଲ ପଟ୍ଟା ପ୍ରାପ୍ତ କରିଛି । ବିକ୍ରୟ କବଲା ଦଲିଲ ନଂ ୧୫୯୮ ତାରିଖ: ୧୦.୦୪.୨୦୨୩ ରେ କୁଆଖିଆ ରୁ ଯାଜପୁର ଯିବା ସମୟରେ କେଉଁଠି ହଜିଯାଇଛି । ମୋର ସର୍ବୋତ୍ତମ ପ୍ରୟାସ ସତ୍ତ୍ୱେ ମିଳି ପାରିଲା ନାହିଁ, ଯଦି କେହି ଏହି ଦଲିଲଟିକୁ ପାଇଛନ୍ତି ତେବେ ଦୟାକରି ମୋବାଇଲ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ । ମୋ. ନଂ.: ୮୪୨୦୦୧୧୯୮୫, ସୋମନାଥପଟ୍ଟନାୟକ।

LOST

By virtue of an affidavit sworn before the Notary Public, Jayapur, Koraput, No: 5750, on dated 05/11/2026, I **SRI SRIMANTA SAILAKANTA GANDA**, S/o Sri Nabin Chandra Ganda presently resident of Vill At-Santoshpur, PO- Benagaon, PS-B.Singhpur, Tahasil & Sub Registration Office - Borigumma, Dist- Koraput, declare that on dated 04/11/2026, Time- 8.30am to 11.30am while I was on the way to my home from Santoshpur to Borigumma by riding my motor cycle, the Original ROR khata No: 155/481, and Regd. Sale Deed No: 77/2000 on dated 21/01/2000 which was in the name of Smt. Mami Pradhan, W/o Sri Ramesh Pradhan the said document has been Lost on the way and I could not find the said deed after diligent serch. If any one finds the above lost documents kindly contact this no : **9437362343**

Mr. Bikash Chandra Pradhan

LOST

By virtue of an affidavit sworn before the Notary Public, Bhubaneswar, on dated 04/11/2026, I **SWATI SUCHARITA PATI**, W/o Lelin Kumar Samantaray presently resident of At- /PO- Naharakanta, PS- Mancheswar, Bhubaneswar, Dist- Khordha, Odisha declare that I am the legal & bonafied owner of the property situated in mouza - Naharakanta, PS-Newcapital, PS No- 27, Hal PS-Mancheswar, Dist- Khordha, Odisha having Khata No-609/2764, and I have purchased the above said property having Khata No- 89(Sabak) Plot No-552, area A0.060decs & plot no- 553, A0.086.83decs from Kumudini Chhotaray on dated 05/04/2022 having document No 11082204810 & obtain Sale deed. On dated 01/11/2026 the above Sale Deed has been LOST near Laxmisagar Chhak, Bhubaneswar while riding my motor cycle and I could not find the said deed after diligent serch. This newspaper publication is required to produced before the Concerned Authority for issue of a Certified Copy of ROR/Patta in my favour.

Mrs. SWATI SUCHARITA PATI

ରେଳବାଇକୁ ରାଜସ୍ୱରେ ଭରୁଥିବା କେନ୍ଦୁଝର ଯାତ୍ରୀସେବାରେ ଅବହେଳିତ

ଜରୁରୀ ରେଳ ଚଳାଚଳ ଓ ସେବା ପାଇଁ ଦାବି ଜୋର୍ ଧରିଲା

କେନ୍ଦୁଝର, ୬।୧୧(ସମିସ)



ଖଣିଜ ସମୃଦ୍ଧ କେନ୍ଦୁଝର ଜିଲ୍ଲା ଭାରତୀୟ ରେଳବାଇକୁ ପ୍ରତିଦିନ ଲକ୍ଷ ଲକ୍ଷ ଟନ୍ ଲୁହାପଥର ପରିବହନ କରି କୋଟି କୋଟି ଟଙ୍କାର ରାଜସ୍ୱ ଯୋଗାଇ ଦେଉଛି। ଏଠାରୁ ଉଭୟ ପୂର୍ବ ତଟ ରେଳପଥ ଓ ଦକ୍ଷିଣ-ପୂର୍ବ ରେଳପଥ ଲାଭବାନ ହେଉଥିବା ବେଳେ ଜିଲ୍ଲାର ସାଧାରଣ ଯାତ୍ରୀ ଆଜି ବି ଉନ୍ନତ ରେଳ ସେବାରୁ ବଞ୍ଚିତ। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, କେନ୍ଦୁଝରଗଡ଼-ଖୋର୍ଦ୍ଧା ରୋଡ୍ ମେମୁ ଟ୍ରେନ୍ ପ୍ରାୟ ପ୍ରତିଦିନ ବିଳମ୍ବରେ ଚାଲୁଛି। ସେହିପରି ଜିଲ୍ଲାର ଲାଇଫ୍ ଲାଇନ୍ କୁହାଯାଉଥିବା ବଡ଼ବିଲ-ପୁରୀ ଓ ପୁରୀ-ବଡ଼ବିଲ ଇଣ୍ଟରସିଟି ଏକ୍ସପ୍ରେସରେ ମାତ୍ର ୯ଟି ବଗି ସଂଯୋଗ କରାଯାଇଛି। ଫଳରେ ଶହ ଶହ ଯାତ୍ରୀ ଛୁଆ-ପିଲା ଧରି ଘଣ୍ଟା ଘଣ୍ଟା ଛିଡା ହୋଇ ଯାତ୍ରା କରିବାକୁ ବାଧ ହେଉଛନ୍ତି। ବର୍ତ୍ତମାନ ପାର୍ବଣ ଋତୁ ଚାଲିଥିବାରୁ ଏହି କଷ୍ଟ ଆହୁରି ବଢ଼ି ଯାଇଛି। ଟାଟା-ବିଶାଖାପାଟଣା, ବିଶାଖାପାଟଣା-ଟାଟା ଏବଂ ପୁରୀରୁ କେନ୍ଦୁଝର ଦେଇ ନୂଆଦିଲ୍ଲୀ, ନୂଆଦିଲ୍ଲୀରୁ କେନ୍ଦୁଝର ଦେଇ ପୁରୀ ଭଳି ଦୂରଗାମୀ ଟ୍ରେନ୍ ସପ୍ତାହକୁ ମାତ୍ର ଗୋଟିଏ ଦିନ ଚାଲୁଛି। ଏହାଦ୍ୱାରା କେନ୍ଦୁଝର ସମେତ ମୟୂରଭଞ୍ଜ, ସୁନ୍ଦରଗଡ଼ ଅଞ୍ଚଳର ଛାତ୍ର, ରୋଗୀ ଓ ଚାକିରି ଆଶାୟୀମାନେ ଦିଲ୍ଲୀ କିମ୍ବା ବିଶାଖାପାଟଣାରେ ପହଞ୍ଚି କାମ ସାରିବା ପରେ ଫେରିବା ପାଇଁ ୭ ଦିନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଛି। କେନ୍ଦୁଝରଗଡ଼ରୁ ଭାୟା ବାଂଶପାଣି-ଟାଟା ଦେଇ କୋଲକାତା ଏବଂ କେନ୍ଦୁଝରଗଡ଼ରୁ ଯାଜପୁର-କେନ୍ଦୁଝର ରୋଡ୍ ଦେଇ କୋଲକାତାକୁ ଦୈନିକ ଟ୍ରେନ୍ ଚଳାଚଳ ପାଇଁ ବର୍ଷ ବର୍ଷ ଧରି ଦାବି ହୋଇ ଆସୁଥିଲେ ମଧ୍ୟ ରେଳ ବିଭାଗ ଦ୍ୱାରା ଆଜି ସୁଦ୍ଧା କୌଣସି ସୁଫଳ ମିଳି ପାରିନାହିଁ। ସେହିପରି ମହାମହିମ ରାଷ୍ଟ୍ରପତିଙ୍କ ନିଜ ଇଲାକା ବାଦାମପାହାଡ଼ରୁ ଟାଟା-କେନ୍ଦୁଝର ଦେଇ ପୁରୀକୁ ସିଧା ଟ୍ରେନ୍ ସେବାର ଆବଶ୍ୟକତା ରହିଛି, ଯାହା ଘୋଷଣା ହୋଇଥିଲେ ମଧ୍ୟ ଆଜି ଯାଏଁ ପୂରଣ ହୋଇପାରି ନାହିଁ।

ଉଲ୍ଲେଖଯୋଗ୍ୟ ଯେ ରାଜ୍ୟର ମାନ୍ୟବର ମୁଖ୍ୟମନ୍ତ୍ରୀ ନିଜେ କେନ୍ଦୁଝର ଜିଲ୍ଲାର ବାସିନ୍ଦା ଏବଂ କେନ୍ଦ୍ର ରେଳମନ୍ତ୍ରୀ ମଧ୍ୟ ଓଡ଼ିଶାର ଅଟନ୍ତି। ଏପରି ସ୍ଥିତିରେ କେନ୍ଦୁଝରବାସୀଙ୍କ ଆଶା ବଢ଼ିଥିଲା ଯେ ରେଳ ସେବାରେ ଉନ୍ନତି ଆସିବ, ମାତ୍ର ବାସ୍ତବ ଓଲଟା। ବଡ଼ବିଲ-ପୁରୀ ଇଣ୍ଟରସିଟିର ବଗି ସଂଖ୍ୟା ୯ରୁ ୧୮କୁ ବୃଦ୍ଧି, ପୁରୀରୁ କେନ୍ଦୁଝର ଦେଇ ଦିଲ୍ଲୀ ଓ ଦିଲ୍ଲୀରୁ କେନ୍ଦୁଝର ଦେଇ ପୁରୀକୁ ଦୈନିକ ଏକ୍ସପ୍ରେସ ଟ୍ରେନ୍ ଚଳାଚଳ, ଟାଟା-ବିଶାଖାପାଟଣା ଟ୍ରେନକୁ ଦୈନିକ କରାଯିବା, କେନ୍ଦୁଝରରୁ କୋଲକାତାକୁ ଗୋଟିଏ ଯାଜପୁର ରୋଡ୍ ଦେଇ ଏବଂ ଆଉ ଗୋଟିଏ ଟାଟା ଦେଇ ଦୈନିକ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ, ବାଦାମପାହାଡ଼-ପୁରୀ ଭାୟା କେନ୍ଦୁଝର ଦେଇ ନୂଆ ଟ୍ରେନ୍ ତୁରନ୍ତ ଚଳାଇବା, କେନ୍ଦୁଝରରୁ ଚେନ୍ନାଇ ଓ ମୁମ୍ବାଇକୁ ରେଳସେବା ତୁରନ୍ତ ଯୋଗାଇ ଦେଲେ କେନ୍ଦୁଝର ଏକ ବାଣିଜ୍ୟିକ ସହର ହେବାସହିତ କେନ୍ଦୁଝରକୁ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବା ନେଇ ଜିଲ୍ଲାବାସୀ ମୁଖ୍ୟମନ୍ତ୍ରୀ ଓ ରେଳ ମନ୍ତ୍ରାଳୟର ଦୃଷ୍ଟି ଆକର୍ଷଣ କରିଛନ୍ତି।

● ତାରିଣୀ ମନ୍ଦିରରୁ ରଡ୍ ଚୋରି ମାମଲା; କାର୍ ଜବତ

ଅଭିଯୁକ୍ତ ପୂର୍ବତନ ନଡ଼ିଆ ଟେଣ୍ଡରଧାରୀ ଫେରାର୍



ଘଟଗାଁ, ୬।୧୧(ସମିସ): ମା' ତାରିଣୀ ମନ୍ଦିରରୁ ବୁଧବାର ରାତି ୯ଟା ବେଳେ ପୂର୍ବତନ ଟେଣ୍ଡରଧାରୀ ଦାରୁବ୍ରହ୍ମ ପଲେଇ ନିଜ କାର ନମ୍ବର ଓଡି -୦୯-ଟି -୧୭୬୨ ଯୋଗେ ମା' ତାରିଣୀ ସମନ୍ୱିତ ବିକାଶ ପ୍ରକଳ୍ପର ନଡ଼ିଆ ଗୋଦାମ ଓ ପ୍ରସାଦାଳୟ ନିର୍ମାଣ କାର୍ଯ୍ୟର ଷ୍ଟକୟାର୍ଡ ମଧ୍ୟରେ ପଶି ରଡ଼ ଚୋରି କରି ତାଙ୍କ କାର ଡ଼ିକିରେ ନେଉଥିବା ଦୃଶ୍ୟ ମୋବାଇଲରୁ ମୋବାଇଲ ଘୂରି ବୁଲୁଛି। ପରେ ଦିଲ୍ଲୀପ କନଷ୍ଟ୍ରକ୍ସନ କମ୍ପାନୀ ଲିମିଟେଡର ପ୍ରକଳ୍ପ ମ୍ୟାନେଜର ଶୁଭଦୀପ ଚୌଧରୀଙ୍କ ଘଟଗାଁ ଥାନାରେ ଲିଖିତ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ଘଟଗାଁ ଥାନାଧିକାରୀ ଶୁଭ୍ରାନ୍ତ ଜେନା ପ୍ରକାଶ କରିଛନ୍ତି।

ଅଭିଯୋଗ ଅନୁସାରେ, ପୂର୍ବତନ ନଡ଼ିଆ ଟେଣ୍ଡରଧାରୀ ଦାରୁବ୍ରହ୍ମ ପଲେଇ ତାଙ୍କ ନିଜ କାରରେ ମନ୍ଦିର ଚାରି ନମ୍ବର ଗେଟ ଦେଇ ମା' ତାରିଣୀ ମନ୍ଦିର ସମନ୍ୱିତ ବିକାଶ ପ୍ରକଳ୍ପର ନଡ଼ିଆ ଗୋଦାମ ଓ ପ୍ରସାଦାଳୟ ନିର୍ମାଣ କାର୍ଯ୍ୟ ଷ୍ଟକ ୟାର୍ଡ଼ ଭିତରକୁ ଅବରୋଧ ଭାଙ୍ଗି ତା' ଭିତରକୁ ପଶିଥିଲେ। ମନ୍ଦିର ସୁରକ୍ଷା କର୍ମଚାରୀ ସୁପରଭାଇଜର ତୁଷାରକାନ୍ତ ରାଉତଙ୍କୁ ସେଠାକୁ ଡାକି ପିଲାର ପାଇଁ ରିଙ୍ଗ ରଡ ଥିଲା; ତାହାକୁ ଉଭୟ ଉଠାଇ କାର ଡ଼ିକି ଟେକି ଭର୍ତ୍ତି କରିଥିଲେ। ତା' ପରେ ଚାରି ନମ୍ବର ଦେଇ ବଜାର ଆଡକୁ ଯାଉଥିବା ଦୃଶ୍ୟ ଦେଖାଯାଉଛି। ଥାନାଧିକାରୀ ଶ୍ରୀ ଜେନା ଓ ଏସଆଇ ପ୍ରଶାନ୍ତ ବେହେରା ଘଟଣାସ୍ଥଳରେ ପ୍ରଥମେ ମନ୍ଦିର ସୁରକ୍ଷା କର୍ମଚାରୀ ତୁଷାରକାନ୍ତ ରାଉତଙ୍କୁ ପଚାରଉଚରା କରିବା ପରେ ଘଟଣାଟି ସ୍ପଷ୍ଟ ହୋଇଛି। ଏହି ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।

ପରେ ଉକ୍ତ ଗାଡିକୁ ପୁଲିସ କୋଳିପାଶିସ୍ଥିତ ଦାରୁବ୍ରହ୍ମ ପଲେଇଙ୍କ ବାସ ଭବନ ଆଗରୁ ଜବତ କରାଯାଇଥିବା ବେଳେ ଅଭିଯୁକ୍ତ ଦାରୁବ୍ରହ୍ମ ଫେରାର୍ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ପ୍ରକଳ୍ପ ମ୍ୟାନେଜର ଶୁଭଦୀପଙ୍କୁ ପଚାରିବାରୁ ଗତ କିଛି ଦିନ ପ୍ରକଳ୍ପ ଚାଲିଥିବା ପ୍ରସାଦାଳୟ ଓ ନଡ଼ିଆ ଗୋଦାମ ଗୃହରୁ ରଡ଼ ଚୋରି ହେଉଥିବା ସନ୍ଦେହ କରୁଥିଲେ; ଏହି ଘଟଣା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିବା ସେ କହିଛନ୍ତି। ଏ ସମ୍ପର୍କରେ ମନ୍ଦିର ସୁରକ୍ଷା କର୍ମଚାରୀ ତୁଷାରକାନ୍ତ ରାଉତ ଦାରୁବ୍ରହ୍ମଙ୍କ ଦାଦାଗିରି ଭୟରେ ସେ ରଡ଼ ଚୋରି କରିବା କାର୍ଯ୍ୟରେ ସହାୟତା କରିଥିବା ସ୍ୱୀକାର କରିଛନ୍ତି। ସୂଚନାଯୋଗ୍ୟ ଯେ ମନ୍ଦିର ପରିଚାଳନା ବୋର୍ଡ ଭାଙ୍ଗିବା ପରେ ସେ ମନ୍ଦିର ଅଫିସ ଓ ଅତିଥି ଭବନରେ ଅଧିକାଂଶ ସମୟ ବସି କର୍ମଚାରୀଙ୍କଠାରୁ ଆରମ୍ଭ କରି ସବୁ କାର୍ଯ୍ୟରେ ହସ୍ତକ୍ଷେପ କରୁଥିଲେ। ଏପରିକି ନିଯୁକ୍ତି, ବଦଳି, ପର୍ବପର୍ବାଣିରେ ତାଙ୍କର ହସ୍ତକ୍ଷେପ ଥିଲା। ବିଶେଷ କରି କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଡିଭିଜନ ଇନ୍ସପେକ୍ଟର ପାଖରେ ବସି ନିଜର ହାକିମାତି ଦେଖାଉଥିଲେ ଯାହାକି ଏବେ ତାହାର ଏବେ ଅସଲ ପରିଚୟ ପଦାକୁ ଆସିଲା ବୋଲି ସାଧାରଣରେ ଆଲୋଚନା ହେଉଛି।

ବଜ୍ରପାତରେ ଗ୍ୟାରେଜ୍ ମିସ୍ତ୍ରିଙ୍କ ମୃତ୍ୟୁ

ଆନନ୍ଦପୁର, ୬।୧୧(ସମିସ): କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ଅନ୍ତର୍ଗତ ଖପରାଖାଇ ୨୦ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଗାଡି ଗ୍ୟାରେଜର ଜଣେ ମିସ୍ତ୍ରିଙ୍କର ସନ୍ଧ୍ୟାରେ ବଜ୍ରପାତରେ ମୃତ୍ୟୁ ହୋଇଛି। ମୃତ ବ୍ୟକ୍ତି ଜଣଙ୍କ ଏସକେ ଆରିଫ (୨୦)। କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ଥାନା ଅସୁରେଶ୍ୱର ଗ୍ରାମର ନିବାସୀ ଏସକେ ସମୀର ଉଦିନ ଖାଁଙ୍କର ସେ ପୁଅ। ପ୍ରାୟ ୮ ମାସହେବ ଏସକେ ଆରିଫ ଗାଁରୁ ଆସି ନିଜ କକା କରିମ ଉଦିନଙ୍କର ଖପରାଖାଇସ୍ଥିତ ଗାଡି ଗ୍ୟାରେଜରେ କାମ କରୁଥିଲେ। ବର୍ଷା ସହ ବଜ୍ରପାତରେ ବିଦ୍ୟୁତ ସ୍ପର୍ଶରେ ଆସି ସେ ଗୁରୁତର ଆହତ ଅବସ୍ଥାରେ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଚିକିତ୍ସାଳୟରେ ପହଞ୍ଚିବା ପରେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଉପସ୍ଥିତରେ ଡାକ୍ତରଙ୍କ ଦ୍ୱାରା ବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗଙ୍କୁ ଶବ ହସ୍ତାନ୍ତର କରାଯାଇଛି। ଘସିପୁରା ପୁଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

ଡିପ୍ଲୋମା ଇଞ୍ଜିନିୟରିଂ ସଂଘର ବାର୍ଷିକ ଅଧିବେଶନ; କର୍ମକର୍ତ୍ତା ଚୟନ

ଆନନ୍ଦପୁର, ୬।୧୧ (ସମିସ): ଶାଳପଡ଼ାସ୍ଥିତ ଓଡ଼ିଶା ଡିପ୍ଲୋମା ସର୍ଭିସ ଆସୋସିଏସନ ବୈତରଣୀ ଡିଭିଜିନାଲ ଶାଖା ପକ୍ଷରୁ ବାର୍ଷିକ ଅଧିବେଶନ ଓ ନୂତନ କର୍ମକର୍ତ୍ତା ମନୋନୟନ ହୋଇଯାଇଛି। ମୁଖ୍ୟଅତିଥି ଭାବେ କେନ୍ଦ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଇଂ ଶ୍ରୀଧର ବାରିକ, ଉପଦେଷ୍ଟା ପୂର୍ବତନ ସମ୍ପାଦକ, ଇଂ ନରେନ୍ଦ୍ର କୁମାର ନାୟକ, ଇଂ ଅରୁଣ କୁମାର ସେଠୀ ଯୋଗ ଦେଇଥିଲେ। ଇଂ ପୀତାମ୍ବର ଜେନାଙ୍କ ସଭାପତିତ୍ୱରେ ରୋହନ କୁମାର ନାୟକ ବୈତରଣୀ ଶାଖାର ବାର୍ଷିକ ବିବରଣୀ ପାଠ କରିଥିଲେ। ବୈଠକରେ ଡିପ୍ଲୋମା ଇଞ୍ଜିନିଅରଙ୍କ ସାତ ଦଫା ଦାବି ଉପରେ ଦୀର୍ଘ ସମୟ ଆଲୋଚନା ହେବାପରେ ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କ ପ୍ରସ୍ତାବ ଗୃହୀତ ହୋଇଥିଲା। ନିୟମିତ ପ୍ରଦୋନ୍ନତି ପଦରେ ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ, ପୁରୁଣା ପେନସନ ନିୟମିତ ଲାଗୁ, ବେତନ ବୈଷମ୍ୟ ଦୂର ସମେତ ଅନ୍ୟାନ୍ୟ ଦାବି ପୂରଣ ଦିଗରେ ସରକାରଙ୍କ ଟାଳଟୁଳ ନୀତିର ପ୍ରତିବାଦ କରାଯାଇଥିଲା। ଏହି ସମସ୍ତ ଦାବି ଆଗାମୀ ଦିନରେ ରାଜ୍ୟ ସରକାର ଓ ବିଭାଗୀୟ ମନ୍ତ୍ରୀଙ୍କ ନିକଟରେ ସଂଘ ପକ୍ଷରୁ ଉପସ୍ଥାପନ କରାଯିବା ନିମନ୍ତେ ନିଷ୍ପତ୍ତି ହୋଇଛି। ସରକାର ଦାବି ପୂରଣ ଦିଗରେ ପଦକ୍ଷେପ ଗ୍ରହଣ ନକରନ୍ତି ସଂଘ ପକ୍ଷରୁ ନଭେମ୍ବର ୧୪ ତାରିଖରେ ଏକ ଗଣଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ପରେ ନୂତନ କମିଟିର ସଭାପତି ଭାବେ ଇଂ ପୀତାମ୍ବର ଜେନା, ଉପସଭାପତି ଇଂ ପ୍ରଶାନ୍ତ କୁମାର ନାୟକ, ସମ୍ପାଦକ ଇଂ ରୋହନ କୁମାର ନାୟକ, ସହସମ୍ପାଦକ ଟ୍ରେଜେରର ଇଂ ସତ୍ୟପ୍ରକାଶ ଜେନା, ସହସମ୍ପାଦକ ଇଂ ସୌମ୍ୟରଞ୍ଜନ ମାଝୀ, ଅଡିଟର ଇଂ ସତ୍ୟପ୍ରକାଶ ସେନାପତି, ଇଂ ସୁଶାନ୍ତି ଧଳ, ଇଂ ଲୋପାମୁଦ୍ରା ନାୟକ, ଇଂ ପ୍ରକାଶ କୁମାର ଟାଇସନ, ଇଂ ଦୁର୍ଗାପ୍ରସାଦ ହେମ୍ବ୍ରମ, ଇଂ ପ୍ରଶାନ୍ତ କୁମାର ପଣ୍ଡା, ଇଂ କ୍ଷେତ୍ରବାସୀ ସାମଲ, ଏବଂ ଉପଦେଷ୍ଟା ଇଂ ଲକ୍ଷ୍ମଣ ମୁର୍ମୁଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଜିଲ୍ଲାର ଆଦିବାସୀ ଉନ୍ନୟନ ସଂସ୍ଥା, ପୂର୍ତ୍ତ ବିଭାଗ, ପଞ୍ଚାୟତିରାଜ ଓ ପାନୀୟଜଳ, ଜଳସେଚନ, ଜଳସମ୍ପଦ, କ୍ଷୁଦ୍ରଜଳ ସେଚନ, ଗ୍ରାମ୍ୟ ଉନ୍ନୟନ, ବିଭାଗର ସମସ୍ତ ଡିପ୍ଲୋମା ଇଞ୍ଜିନିୟର ଉପସ୍ଥିତ ଥିଲେ।

ବୀଣାପାଣି କଳା ନିକେତନ ଶିଳ୍ପୀଙ୍କ ନୃତ୍ୟ ପ୍ରଦର୍ଶନ



ଆନନ୍ଦପୁର, ୬।୧୧(ସମିସ): ବୀଣାପାଣି କଳା ନିକେତନ ନୃତ୍ୟାନୁଷ୍ଠାନର ନୃତ୍ୟଶିଳ୍ପୀ ହସ୍ତତନ୍ତ ଓ ବୟନ ଶିଳ୍ପ ମଞ୍ଚରେ ନୃତ୍ୟଗୁରୁ ଜିତୁ ଦାଶଙ୍କ ନିର୍ଦ୍ଦେଶନାରେ ପ୍ରଥମେ ନୃତ୍ୟଅଭିନୟ, 'ଆଜି ଗାଁ କଥା ମନେପଡେ 'ପରେ ପରେ ରାଧା କୃଷ୍ଣଙ୍କ ଉପରେ ଆଧାରିତ 'ଏ ମନ ମାନେ', ପରେ ଦଳ ଗତ ପଲ୍ଲୀନୃତ୍ୟ, ସମ୍ବଲପୁରୀ ନୃତ୍ୟକୁ ପରିବେଷଣ କରିଥିଲେ। ଶିଳ୍ପୀ ମୋନିକା ଦାଶ, ଲିଜାରାଣୀ ସାହୁ, ସାଇସ୍ମୃତି ସାହୁ, ଦେବହୁତି ପଟ୍ଟନାୟକ, ସାଇନୁ ନାୟକ, ପରିଣତି ଚକ୍ର, ଦେବସ୍ମିତା ନାୟକ, ଅରଶ୍ମିତା ତ୍ରିପାଠୀ, କ୍ରିଷ୍ଣା ପ୍ରିୟଦର୍ଶିନୀ ସାହୁ, ସାୟନି ନାୟକ, ବିନୋଦ ଓଝା ନୃତ୍ୟ ପରିବେଷଣ କରିଥିଲେ। ପାଗ ପ୍ରତିକୂଳ ସତ୍ତ୍ୱେ ଦର୍ଶକମାନେ ନୃତ୍ୟକୁ ଉପଭୋଗ କରିଥିଲେ। ବାସୁଦେବ ନାଥ ସଞ୍ଚାଳନ କରିଥିଲେ। ନୃତ୍ୟଗୁରୁଙ୍କ ସମେତ ନୃତ୍ୟଶିଳ୍ପୀଙ୍କୁ ଟେରାକୋଟର ମୂର୍ତ୍ତି ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

ବାସୁଦେବପୁର ସିଏଚ୍‌ସିରେ ରକ୍ତଦାନ ଶିବିର



ଯୋଡ଼ା, ୬।୧୧(ସମିସ): ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି) ପକ୍ଷରୁ ଗୁରୁବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରୁ ମୋଟ ୨୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଜ୍ୟୋତିରଞ୍ଜନ ମଲ୍ଲିକ ଓ ତାଙ୍କ ଟିମ୍‌ଙ୍କ ତତ୍ତ୍ୱାବଧାନରେ ଶିବିରଟି ସଫଳତାର ସହ ଆୟୋଜିତ ହୋଇଥିଲା। ଏଥିରେ ବହୁ ସ୍ୱେଚ୍ଛାସେବୀ ଓ ରକ୍ତଦାତା ଉତ୍ସାହର ସହ ଯୋଗ ଦେଇଥିଲେ। ରକ୍ତର ଅଭାବ ଦୂର କରିବା ସହ ଜରୁରୀ ସମୟରେ ରୋଗୀଙ୍କୁ ରକ୍ତ ଯୋଗାଇ ଦେବା ଏବଂ ସମାଜରେ ସ୍ୱେଚ୍ଛାକୃତ ରକ୍ତଦାନ ପ୍ରତି ସଚେତନତା ସୃଷ୍ଟି କରିବା ଶିବିରର ମୁଖ୍ୟ ଲକ୍ଷ୍ୟ ଥିଲା। ରକ୍ତଦାନ ପରି ଏକ ମହତ୍ କାର୍ଯ୍ୟରେ ସମସ୍ତ ସୁସ୍ଥ ନାଗରିକ ସାମିଲ ହେବାକୁ ଆୟୋଜକଙ୍କ ପକ୍ଷରୁ ଆହ୍ୱାନ ଦିଆଯାଇଥିଲା।

ବିପୁଳ ମଦ ସହ ସ୍କୁଟି ଜବତ; ୪ ଗିରଫ



ତୁରୁମୁଙ୍ଗା, ୬।୧୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଅଞ୍ଚଳର ବିଭିନ୍ନ ଗ୍ରାମରେ ଗୁରୁବାର ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ୩୭ ଲିଟର ମହୁଲି ମଦ ସହ ୪.୧୪୦ ଲିଟର ବିଦେଶୀ ମଦ ଜବତ କରାଯାଇଛି। ମଦ ଚୋରା ଚାଲାଣରେ ବ୍ୟବହୃତ ଏକ ସ୍କୁଟିକୁ ମଧ୍ୟ ଜବତ କରାଯିବା ସହ ୪ ଜଣଙ୍କୁ ଗିରଫ କରାଯାଇଛି। ପାଟଣା, ତୋଣ୍ଡ, ଜଡିଚାତର ଏବଂ ଭାଲିଆଡିହାରେ ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ଦଳ ପକ୍ଷରୁ ଏହି ଚଢ଼ଉ କରାଯାଇଥିଲା। ପାଟଣା ବଜାର ନିକଟରେ ବିଦେଶୀ ମଦ ନେଇ ଯାଉଥିବା ସମୟରେ କାମେଶ୍ୱରପୁର ଗ୍ରାମର ବିକାଶ ଖଟୁଆ ଅବକାରୀ ବିଭାଗ ଗିରଫ କରିଛି। ତାଠାରୁ ବିଦେଶୀ ମଦ ସହ ଏକ ସ୍କୁଟି ଜବତ କରାଯାଇଛି। ସେହିପରି ତୋଣ୍ଡ ଗ୍ରାମର ହାରାମଣୀ ମୁଣ୍ଡା, ଜଡ଼ିଚାତର ଗ୍ରାମର ଚାରିପା ମୁଣ୍ଡା ଓ ଭାଲିଆଡିହା ଗ୍ରାମର ଗଣେଶ୍ୱର ମୁର୍ମୁ ଗିରଫ ହୋଇଥିବା ବେଳେ ଏମାନଙ୍କଠାରୁ ୩୭ ଲିଟର ମହୁଲି ମଦ ଜବତ କରାଯାଇଛି। ଏହି ଚଢ଼ଉରେ ଅବକାରୀ ସବ୍‌ଇନ୍ସପେକ୍ଟର ବିପିନ କୁମାର ପ୍ରଧାନ, ସୁମିତ୍ରା ଟୁଡୁଙ୍କ ସମେତ ହାବିଲଦାର ରଶ୍ମିରେଖା ମହାନ୍ତ, ଅନନ୍ତ ରାଜ, ସଞ୍ଜୀବ ଜେନା ଓ ରାଜୀବ ଲୋଚନ ନାଏକ ସାମିଲ ଥିଲେ।

କେଶଦୁରାପାଳରେ କ୍ରିକେଟ ପ୍ରତିଯୋଗିତା

ଆନନ୍ଦପୁର, ୬।୧୧(ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ କେଶଦୁରାପାଳ ବାଲିଯାତ୍ରା ପଡ଼ିଆରେ ବ୍ଲକସ୍ତରୀୟ ୧୭ ବର୍ଷରୁ କମ କ୍ରିକେଟ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଚୟନ ପ୍ରକ୍ରିୟାରେ ବ୍ଲକର ୪ଟି ଜୋନର ୬୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ପ୍ରତିଭା ପ୍ରଦର୍ଶନ ଆଧାରରେ ଆଗାମୀ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ନିମନ୍ତେ ୧୧ ଜଣ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଚୂଡ଼ାନ୍ତ ଭାବେ ଚୟନ କରାଯାଇଛି। ଅତିଥି ଭାବେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ବସନ୍ତକୁମାର ନାୟକ, ପ୍ରାକ୍ତନ ଖେଳ ଶିକ୍ଷକ ନିରଞ୍ଜନ ଚକ୍ର ଯୋଗ ଦେଇଥିଲେ। ବ୍ଲକ ଶାରୀରିକ କ୍ରୀଡ଼ା ଶିକ୍ଷକ ସଂଘର ସମ୍ପାଦକ ବିଜୟକୁମାର ସାହୁଙ୍କ ମାର୍ଗଦର୍ଶନରେ କ୍ରୀଡ଼ା ଶିକ୍ଷକ ମୃର୍ତ୍ତୁୟୀ ପାତ୍ର, ବିଦ୍ୟୁଭୂଷଣ ଜେନା, ସୁରେଶକୁମାର ଭୂୟାଁ, ବରଦା ପ୍ରସନ୍ନ ଖୁଣ୍ଟିଆ, ମିନହରି ପେରେଇ, ଉମାକାନ୍ତ ଚକ୍ର, ବିଶ୍ୱରଞ୍ଜନ ମହାନ୍ତି, ବିଭୂତିଭୂଷଣ ମହାନ୍ତି, ଧର୍ମପ୍ରିୟା ବେହେରା, ପ୍ରଭାଶ୍ରୀ ଷଡଙ୍ଗୀ, ରାଜଶ୍ରୀ ଘଡେଇ, ପ୍ରକାଶ ବିଶ୍ୱାଳ ସମେତ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଅଭିଜ୍ଞ କ୍ରୀଡ଼ା ଶିକ୍ଷକ ଅଂଶଗ୍ରହଣ କରିଥିଲେ।



ଚୋରିର ଖିଅ ପାଉନି ପୁଲିସ

● ତହସିଲ ଗୋଦାମରୁ ପଲିଥିନ୍ ଚୋରି ଘଟଣା

ହାଟଡ଼ିହୀ, ୬।୧୧(ସମିସ): କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ତହସିଲ କାର୍ଯ୍ୟାଳୟର ଗୋଦାମ୍ ଘରୁ ୧୫୫ ବଣ୍ଡଲ ପଲିଥିନ ଚୋରି ହେବା ଘଟଣାରେ ପୁଲିସ ଚୋରମାନଙ୍କର ଟେର୍ ସୁଦ୍ଧା ପାଉନାହିଁ। ଗତ ୨୬ ତାରିଖ ଗୋଦାମ ଘରୁ ପଲିଥିନ୍ ଚୋରି ହେବା ପରେ ୨୮ ତାରିଖରେ ଏନେଇ ନନ୍ଦିପଦା ଥାନା କେସ୍ ନଂ ୩୧୨/୨୦୨୬ରେ ପୁଲିସ୍ ତଦନ୍ତ ଆରମ୍ଭ କରିଥିଲା। ନନ୍ଦିପଦା ଥାନାର ଇନ୍ସପେକ୍ଟର ବଳିଆ ବାରିକଙ୍କ ନେତୃତ୍ୱରେ କେନ୍ଦୁଝରରୁ ଫରେନସିକ୍ ଟିମ୍ ପହଞ୍ଚି ତନାଘନା କରିଥିଲା। ଘଟଣାକୁ ୧ ସପ୍ତାହ ବିତିଥିଲେ ସୁଦ୍ଧା ଏନେଇ ପୁଲିସ ନିକଟରେ କୌଣସି ସୁରାକ୍ ମିଳିନାହିଁ। ଏତେ ପରିମାଣର ପଲିଥିନ୍ ଚୋରି ହେବା ପଛରେ ୪ ଚକିଆ ଗାଡ଼ି ବ୍ୟବହୃତ ହୋଇଥାଇ କିମ୍ବା ସେସବୁ ଅଳ୍ପ ଅଳ୍ପ କରି କ୍ରମାଗତ ଭାବେ ଚୋରି ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି। ଏପଟେ ତହସିଲ କାର୍ଯ୍ୟାଳୟର ମୁଖ୍ୟ ଫାଟକ ସାଧାରଣତଃ ରାତିରେ ବନ୍ଦ ରହୁଥିବା ବେଳେ ରାତ୍ର ଜଗୁଆଳି ମଧ୍ୟ ନିୟୋଜିତ ରହନ୍ତି। ଫାଟକରେ ଚାବି ପଡ଼ିବା ଏବଂ ରାତ୍ର ଜଗୁଆଳି ଥାଇ ମଧ୍ୟ ତହସିଲ କ୍ୟାମ୍ପସ ମଧ୍ୟରେ ଥିବା ଗୋଦାମ ଘରୁ (୧୫୫ ବଣ୍ଡଲ) ଲକ୍ଷାଧିକ ଟଙ୍କାର ପଲିଥିନ ଚୋରି ହେବା ଘଟଣା ଅନ୍ୟମାନଙ୍କୁ ଆଶ୍ଚର୍ଯ୍ୟ କରିଛି। ଗୋଦାମ ଘରର ତାଲା ଭଙ୍ଗାଯାଇ ନଥିଲା ବେଳେ ଲୁହା ଶିକୁଳି ଢିଲା ଥିବାର ସୁଯୋଗ ନେଇ ଚୋରି ହୋଇଥିବା ନେଇ ଗୋଟିଏ ପଟେ କୁହାଯାଉଥିବା ବେଳେ ଅନ୍ୟପଟେ ଚାବିକାଠିର ଅବିକଳ ନକଲ ଚାବି ଦ୍ୱାରା ଖୋଲା ଯାଇଥିବା ସନ୍ଦେହ କରାଯାଉଛି। ହାଟଡ଼ିହୀ ତହସିଲଦାର ସଞ୍ଜୟ ସାମନ୍ତରା ଏଭଳି ଘଟଣାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଯାହା ଦେଖାଯାଇଛି, ଗୋଦାମ ଘରର ଝରକାରେ ଲାଗିଥିବା ଗ୍ରିଲ୍ ବାଟ ଦେଇ ପଲିଥିନ ବଣ୍ଡଲ ଚୋରି ହେବା ଆଦୌ ସମ୍ଭବ ନୁହଁ। ଏହା କୌଣସି ପୂର୍ବ ପ୍ରସ୍ତୁତ ଯୋଜନା ଅନୁସାରେ ଚୋରି ହୋଇଥିବା ସନ୍ଦେହ ପ୍ରକାଶ ପାଇଛି। କାର୍ଯ୍ୟାଳୟର ସିସିଟିଭି ଫୁଟେଜ୍ ସହିତ କିଛି ନିର୍ଦ୍ଦିଷ୍ଟ କର୍ମଚାରୀଙ୍କୁ ଏହି ଘଟଣାର ତଦନ୍ତ ପରିସରକୁ ଅଣାଯାଇ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ଏହାର ସତ୍ୟତା ଜଣାପଡ଼ନ୍ତା ବୋଲି ସାଧାରଣରେ କୁହାଯାଉଛି। ଏ ସମ୍ପର୍କରେ ତଦନ୍ତକାରୀ ଅଧିକାରୀ ସବଇନ୍ସପେକ୍ଟର ପ୍ରବୋଧ ମହାନ୍ତିଙ୍କୁ ପଚାରିବାରୁ, ତଦନ୍ତ ଜାରି ରହିଛି ଏବଂ ସିସିଟିଭି ଫୁଟେଜ ମଧ୍ୟରେ ଅନୁସନ୍ଧାନ ଚାଲୁ ରହିଛି ବୋଲି କହିଛନ୍ତି।

ଓରାଳିରୁ ୨ ନାବାଳିକା ସହ ନାବାଳକ ଉଦ୍ଧାର

ହାଟଡ଼ିହୀ, ୬।୧୧(ସମିସ): ନନ୍ଦିପଦା ଥାନା ଓରାଳି ଖେତୁଆଳି ରାସ୍ତାରୁ ୨ ନାବାଳିକା ଓ ଜଣେ ନାବାଳକକୁ ଉଦ୍ଧାର କରିଛି ପୁଲିସ। ସୂଚନା ଅନୁସାରେ, ଉଦ୍ଧାର ହୋଇଥିବା ପିଲାଙ୍କ ମାଆ ସେମାନଙ୍କୁ ଅଧିକ ମାଡ଼ ମାରୁଥିବା ଯୋଗୁଁ ଦୁଇ ନାବାଳିକା ଓ ଗୋଟିଏ ନାବାଳକ ରାଗରେ ଘର ଛାଡ଼ି ପଳେଇ ଆସିଥିଲେ। ସନ୍ଧ୍ୟା ସମୟରେ ଓରାଳି ସରପଞ୍ଚଙ୍କ ପୁଅ ଜିତେନ୍ଦ୍ର ଜେନା ଖେତୁଆଳି ଅଭିମୁଖେ ଯାଉଥିବା ବେଳେ ଉକ୍ତ ପିଲାମାନେ ନୂଆଗାଁ ଗାଁକୁ ରାସ୍ତା ପଚାରିଥିଲେ। ଜିତେନ୍ଦ୍ର ସେମାନଙ୍କ କଥା ଶୁଣିବା ପରେ ୩ଜଣ ପିଲାଙ୍କୁ ଅଟକାଇଥିଲେ। ପ୍ରଥମେ ସେମାନଙ୍କୁ ବିସ୍କୁଟ ଓ ପାଣି ଖାଇବାକୁ ଦେଇଥିଲେ। ପରେ, ପିଲାଙ୍କ ସୁରକ୍ଷା ଦିଗକୁ ଲକ୍ଷ୍ୟ କରି ଜିତେନ୍ଦ୍ର ଗଣମାଧ୍ୟମ ପ୍ରତିନିଧିଙ୍କ ସହାୟତାରେ ନନ୍ଦିପଦା ପୁଲିସକୁ ଖବର କରିଥିଲେ। ପୁଲିସ୍ ସେଠାରେ ପହଞ୍ଚିବା ବେଳକୁ ଉଦ୍ଧାର ହୋଇଥିବା ପିଲାଙ୍କ ମାଆ ଆସି ମଧ୍ୟ ସେଠାରେ ପହଞ୍ଚିଥିଲେ। ପିଲାମାନେ କେଉଁ କାରଣରୁ ଘରୁ ପଳେଇ ଆସିଲେ ଏବଂ ସେମାନଙ୍କ ପ୍ରକୃତ ଘର ଠିକଣା ସହ ସେମାନଙ୍କ ପ୍ରକୃତ ଅଭିଭାବକ କିଏ ସେସବୁର ତଦନ୍ତ ପାଇଁ ଉଭୟ ମହିଳା ଏବଂ ପିଲାମାନଙ୍କୁ ପୁଲିସ ସେଠାରୁ ଉଦ୍ଧାର କରି ନିଜ ହେପାଜତକୁ ନେଇ ପଚରାଉଚରା ଚଳାଇଥିବା ନେଇ ଥାନାଧିକାରୀ ଧର୍ମେନ୍ଦ୍ର ଶାନ୍ତି କହିଛନ୍ତି। ଖବର ଲେଖିବା ଯାଏଁ ଉଭୟ ମହିଳା ଓ ୩ଜଣ ପିଲା ଥାନାରେ ଥିଲେ।

ବେଆଇନ ମୋରମ୍ ଖାଦାନରେ ଚଢ଼ଉ; ୪ ଗାଡ଼ି ଜବତ

କେନ୍ଦୁଝର, ୬।୧୧(ସମିସ): କେନ୍ଦୁଝର ଜିଲ୍ଲା ବାଂଶପାଳ ତହସିଲ ତଳକଇଁସାରୀ ପଞ୍ଚାୟତ ଅନ୍ତର୍ଗତ ମେଦିନପୁର ଭେଜିଡିହି ସାହିରେ ବନ ବିଭାଗ, ଖଣି ବିଭାଗ, ରାଜସ୍ୱ ବିଭାଗ ଏବଂ ପୁଲିସ ବିଭାଗ ମିଳିତ ଚଢଉ କରି ୨ଟି ଜେସିବି ଏବଂ ୨ଟି ମୋରମ ବୋଝେଇ ହାଇୱା ଗାଡି ଜବତ କରାଯାଇଛି। ଗତକାଲି ବିଳମ୍ବିତ ରାତିରେ ବେଆଇନ ମୋରମ ଉତ୍ତୋଳନ ହୋଇ ଚାଲାଣ ହେଉଥିବା ସୂଚନା ପାଇ ଏହି ଚଢଉ କରାଯାଇଥିଲା। ମିଳିତ ଟ୍ୟାସ୍କଫୋର୍ସ ଚଢଉରେ ଅନ୍ଧାର ସୁଯୋଗ ନେଇ ମାଫିଆ ଏବଂ ଗାଡିର ଡ୍ରାଇଭର ଘଟଣାସ୍ଥଳରୁ ଚମ୍ପଟ ମାରିବାକୁ ସକ୍ଷମ ହୋଇଛନ୍ତି। ଏହି ଚୋରା କାରବାରରେ ନେଲୁଙ୍ଗ ଅଞ୍ଚଳର ଜଣେ ମାଫିଆ ସମ୍ପୃକ୍ତ ଥିବା ଜଣାପଡ଼ିଛି। ପୁଲିସ ଗାଡି ନମ୍ବର ଆଧାରରେ ଗାଡି ମାଲିକଙ୍କୁ ଜେରା କଲେ କେଉଁ କେଉଁ ମାଫିଆ ଏହି ଚୋରା କାରବାରରେ ସମ୍ପୃକ୍ତ ଅଛନ୍ତି ତାହା ଜଣାପଡ଼ିବ। ଯେଉଁ ସ୍ଥାନରେ ବେଆଇନ ଉତ୍ତୋଳନ ହେଉଥିଲା ସେହି ସ୍ଥାନରୁ ମାତ୍ର ୫୦୦ ମିଟର ଦୂରରେ ସିଦ୍ଧମଠ ଜଙ୍ଗଲ ରହିଛି। ଏହି ଜଙ୍ଗଲ ହାତୀ ଏବଂ ଅନ୍ୟ ବନ୍ୟପ୍ରାଣୀଙ୍କଙ୍କ ଆବାସସ୍ଥଳ ଅଟେ।

ସୂଚନାଯୋଗ୍ୟ ଯେ ବାଂଶପାଳ ତହସିଲର ଠାକୁରଡିହି, ତେନ୍ତୁଳି, ବଡଘାଗରା, ଭେଜିଡିହି ଆଦି ଅଞ୍ଚଳରେ ବେଆଇନ ଭାବେ ମୋରମ ଉତ୍ତୋଳନ କରି କେନ୍ଦୁଝର ସହରକୁ ଚୋରା ଚାଲାଣ ହେଉଥିଲା। ଗତ ୩ ମାସରେ ହଜାର ହଜାର ଟ୍ରିପ ମୋରମ ଚୋରା ଚାଲାଣ ହୋଇଛି। ପ୍ରତ୍ୟେକ ଟ୍ରିପ ପ୍ରତି ୧୦ ହଜାର ଟଙ୍କାରେ ମାଫିଆମାନେ ବିକ୍ରି କରୁଥିଲେ। ଫଳରେ ସରକାରଙ୍କ କୋଟି କୋଟି ଟଙ୍କାର ଲଘୁ ଖଣିଜ ସମ୍ପଦ ଚୋରୀ ହେବା ସହ ପରିବେଶ କ୍ଷତି ହେଉଥିଲା। ବିଶେଷ କରି କେନ୍ଦୁଝର ସହରରେ ଜମି ମାଫିଆମାନେ ଏହି ମୋରମ କିଣି ଚାଷ ଜମିରେ ରାସ୍ତା କରି ପ୍ଲଟିଂ କରୁଥିଲେ। ଚାଷ ଜମିକୁ ପୋତିବା ଏବଂ ରାସ୍ତା ନିର୍ମାଣ ପାଇଁ ବ୍ୟାପକ ମାଟି ଓ ମୋରମ ବ୍ୟବହାର ହେଉଥିଲା। ବେଆଇନ ଭାବେ ଆଖିବୁଜା ମୋରମ ଓ ମାଟି ଖୋଳି ନେଉଥିବା ଯୋଗୁଁ ଏହାର କୁପ୍ରଭାବ ସ୍ଥାନୀୟ ଅଞ୍ଚଳରେ ପଡ଼ିବା ସହ ବନ୍ୟପ୍ରାଣୀଙ୍କ ଯାତାୟତରେ ସମସ୍ୟା ସୃଷ୍ଟି କରୁଛି। ଜଙ୍ଗଲ ଅଞ୍ଚଳରେ ବଡ ବଡ ପୋଖରୀ ସଦୃଶ ଗାତ ହୋଇଯାଇଥିବାବେଳେ ଜଙ୍ଗଲ ଜୀବଜନ୍ତୁଙ୍କ ଜୀବନ ପାଇଁ ଏହା ବିପଦ ସୃଷ୍ଟି କରିଛି। କେବଳ ସେତିକି ନୁହେଁ; ଜଙ୍ଗଲରେ ବସବାସ କରୁଥିବା ପଶୁପକ୍ଷୀ ନିଜର ବାସସ୍ଥାନ ହରାଇ ପ୍ରଭାବିତ ହେଉଛନ୍ତି। ଚୋରାରେ ମୋରମ ଓ ମାଟି ଖୋଳା ଯୋଗୁଁ ଜିଲ୍ଲାରେ ପୁରି ରହିଥିବା ବହୁ ଦୁର୍ଲ୍ଲଭ ଔଷଧୀୟ ବୃକ୍ଷଲତା ଧ୍ୱଂସ ପାଇବାରେ ଲାଗିଛି। ଏହାବ୍ୟତୀତ ଗୃହପାଳିତ ପଶୁମାନଙ୍କ ପାଇଁ ଚାରଣ ଭୂମି ସଙ୍କୁଚିତ ହେଉଛି। ବେଆଇନ ମୋରମ ଚାଲାଣରୁ ଗାଡି ମାଲିକ ଓ ମାଫିଆ ମାଲେମାଲ ହେଉଥିବାବେଳେ ପରିବେଶ ଅସନ୍ତୁଳିତ ହେଉଛି। ବେଆଇନ ଖନନ ଯୋଗୁଁ କେବଳ ଯେ ଜନସାଧାରଣ ଅସୁବିଧାରେ ପଡୁଛନ୍ତି ତା'ନୁହେଁ ଗୃହପାଳିତ ଓ ବନ୍ୟପ୍ରାଣୀମାନେ ମଧ୍ୟ ଏହି ବଡ ବଡ ଗର୍ତ୍ତରେ ପଡ଼ି ଜୀବନ ହରାଉଛନ୍ତି। ଅନେକ ସମୟରେ ବଣୁଆ ଜୀବଜନ୍ତୁମାନେ ଗର୍ତ୍ତରେ ପଡ଼ି ମୃତ୍ୟୁବରଣ କରୁଛନ୍ତି। ବିଗତ ଦିନରେ ଏଭଳି ବିପଦପୂର୍ଣ୍ଣ ମୋରମ ଗର୍ତ୍ତଗୁଡିକରେ ପଡ଼ି ଅନେକ ଲୋକଙ୍କ ଜୀବନ ମଧ୍ୟ ଯାଇଥିବା ନଜିର ରହିଛି। ପୁଲିସ ଚୋରା ମୋରମ କାରବାରରେ ସମ୍ପୃକ୍ତ କିଙ୍ଗପିନକୁ ଗିରଫ କରିବାକୁ ଦାବି ହୋଇଛି।

ତିନିମାସ ହେଲା ସରୁନି ରିଙ୍ଗରୋଡ ଘାଇ ମରାମତି

୭୨ ଲକ୍ଷ ଟଙ୍କା ବ୍ୟୟ ପରେ ବି ଅବସ୍ଥା ବେହାଲ୍

ଆନନ୍ଦପୁର, ୬।୧୧ (ସମିସ)



ତିନିମାସ ପରେବି ଆନନ୍ଦପୁର ରିଂରୋଡରେ ହୋଇଥିବା ଘାଇ ମରାମତି ଶେଷ ହୋଇନାହିଁ। ପ୍ରାୟ ୭୨ ଲକ୍ଷ ଟଙ୍କା ଖର୍ଚ୍ଚ ପରେ ବି ଅବସ୍ଥା ସୁଧୁରୁନି। ରାସ୍ତାରେ ବଡ଼ବଡ଼ ଖାଲ ହୋଇଥିବାରୁ ଯାତାୟାତରେ ସମସ୍ୟା ହେଉଛି। ବାଇକ୍ ଓ ସାଇକଲ ଆରୋହୀମାନେ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ଠିକ ସମୟରେ ଠିକ ଭାବେ ମରାମତି କାର୍ଯ୍ୟ ନହେବାରୁ ଦୁଇ ଥର ଘାଇରେ ପଡ଼ିଥିବା ମାଟି ଓ ମୋରମ ଭାସିଯାଇଥିଲା। ଶାସକ ଦଳ ଇଙ୍ଗିତରେ ଏହି ଘାଇର ଦୁଇଟି ବିଲ ପ୍ରସ୍ତୁତ କରାଯାଇଥିବା ଅଭିଯୋଗ ହୋଇଛି। ତେବେ ଏତେ ଅର୍ଥ ବ୍ୟୟ ବରାଦ ସତ୍ତ୍ୱେ ଏହି ରାସ୍ତା ଯାତାୟାତ ଉପଯୋଗୀ ହୋଇପାରି ନାହିଁ। ଜୁଲାଇ ୨୮ ତାରିଖରେ ବୈତରଣୀ ନଦୀରେ ଆସିଥିବା ବନ୍ୟା ଯୋଗୁଁ ରିଂରୋଡରେ ବଡ଼ ଘାଇ ସୃଷ୍ଟି ହୋଇଥିଲା। ଏହି ଘାଇରେ ଦୁଇଟି ଗାଡ଼ି ଖସି ପଡ଼ିଥିଲା। ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ବାପା ଗୁରୁତର ହୋଇଥିଲେ। ବନ୍ୟାଜଳ ସହର ମଧ୍ୟକୁ ପ୍ରବେଶ କରି ବ୍ୟାପକ କ୍ଷୟକ୍ଷତି ଘଟାଇଥିଲା। ଅଗଷ୍ଟ ୩ରେ ବିଭାଗୀୟ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ପ୍ରତାପ କୁମାର ଦାସ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ସାତଦିନ ମଧ୍ୟରେ ଘାଇ ମରାମତି ଶେଷ ହେବ ବୋଲି ଗଣମାଧ୍ୟମକୁ ସୂଚନା ଦେଇଥିଲେ। ସେହିପରି ସାଂସଦ ଅନନ୍ତ ନାୟକ ତୁରନ୍ତ ଘାଇ ମରାମତି ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜଳସମ୍ପଦ ବିଭାଗ ଦ୍ୱାରା ୭୨ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ସତ୍ତ୍ୱେ ରିଂରୋଡ୍‌ରେ ଆଣ୍ଠୁଏ ଖାଲ ରହିବା ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ରାସ୍ତା ମରାମତି କରିବା ସହିତ ଏହି ମରାମତିର ବିଲ୍‌କୁ ଅନୁଧ୍ୟାନ କରିବାକୁ ଦାବି ହେଉଛି।

ଏନ୍‌ଜିଟିଙ୍କ ନିର୍ଦ୍ଦେଶ ▶ ପ୍ରଶାସନର ସେକସରାଇ ବାଲି ସୈରାତ ଅନୁଧ୍ୟାନ

ଜଳେଶ୍ୱର, ୫।୧୧(ଜଳେଶ୍ୱର)



ସୁବର୍ଣ୍ଣରେଖା ନଦୀର ସେକସରାଇ କ, ଖ ବାଲି ସୈରାତ ଅନୁଧ୍ୟାନ ଲାଗି ଏକ ଉଚ୍ଚସ୍ତରୀୟ ପ୍ରତିନିଧି କ୍ଷେତ୍ର ପରିଦର୍ଶନ କରିଛନ୍ତି। ଉକ୍ତ ସ୍ଥାନରେ ବାଲି ଉତ୍ତୋଳନ ନେଇ ଲାଗି ରାଜ୍ୟ ଏବଂ ଜିଲ୍ଲା ସର୍ଭେ ରିପୋର୍ଟ ରେ ଅହେତୁକ ଅନୁକମ୍ପା ଦେଖାଇଥିବା ଅଭିଯୋଗ ହୋଇଥିଲା। ଅଭିଯୋଗକାରୀ ଡିଏସଆରରେ ତ୍ରୁଟି ଦର୍ଶାଇ ଏନଜିଟି ରେ ଦ୍ୱାରସ୍ଥ ହେବା ପରେ ମାମଲା ବିଚାରାଧୀନ ରହିଛି। ରାଜ୍ୟ ଏବଂ ଜିଲ୍ଲା ସର୍ଭେ ରିପୋର୍ଟ୍ କୁ ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ଜାତୀୟ ସବୁଜ ନ୍ୟାୟାଧିକରଣ (ଏନଜିଟି) ରଦ୍ଦ କରିଛନ୍ତି। ଫଳରେ ସେହି ସ୍ଥାନରେ ଦୀର୍ଘବର୍ଷ ଧରି ସରକାରୀ ବାଲି ସୈରାତ ନିଲାମ ଦିଆଯାଇ ପାରୁ ନାହିଁ। କିନ୍ତୁ ବେଆଇନ ଭାବେ ଚୋରାରେ କୋଟି କୋଟି ଟଙ୍କାର ବାଲି ଉତ୍ତୋଳନ ହୋଇ ଚାଲାଣ ହୋଇଆସୁଛି। ତେଣୁ ଜିଲ୍ଲା ପାଳଙ୍କ ନିର୍ଦ୍ଦେଶରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ଗୁରୁବାର ମିଳିତ ଭାବେ ଉକ୍ତ ସ୍ଥଳ ପରିଦର୍ଶନ କରିଛନ୍ତି। ଜଳେଶ୍ୱର ଥାନା ମହମ୍ମଦ ନଗର ପାଟଣା ପଞ୍ଚାୟତ, ସେକସରାଇଇ କ, ଖ ବାଲି ଖାଦାନକୁ ବିଗତ ଦିନରେ ନିଲାମ ଦିଆଯାଇଥିବା ବେଳେ ସେଥିରେ ସରକାରୀ ନିୟମକୁ ଖୋଲା ଖୋଲି ଉଲଂଘନ କରାଯାଇଥିଲା। ଫଳରେ ଅଞ୍ଚଳରେ ପ୍ରଦୂଷଣ, ପରିବେଶ, ଜଙ୍ଗଲ ଆଇନ୍ ଉଲ୍ଲଂଘନ ହୋଇଥିବା ଦର୍ଶାଯାଇଥିଲା। ଗଚ୍ଛିତ ହୋଇଥିବା ବାଲି ସ୍ଥାନରେ, ମନୁଷ୍ୟକୃତ ଭାବେ ୩ମିଟର ଗଭୀର ପର୍ଯ୍ୟନ୍ତ, ନଦୀକୂଳରୁ ୩ ମିଟର ଛାଡ଼ି ଏବଂ ସକ୍ରିୟ ଜଳଧାରଠାରୁ ଦୂରରେ ବାଲି ଉତ୍ତୋଳନ ଲାଗି ଏନଜିଟି ନୟମ ରହିଛି। କିନ୍ତୁ ସମସ୍ତ ନିୟମକୁ ଜଳାଞ୍ଜଳି ଦେଇ ମେସିନ୍ ଦ୍ୱାରା ବ୍ୟାପକ ବେଆଇନ ଖନନ ହୋଇଥିଲା। ଏହା ସହିତ କୋଟି କୋଟି ଟଙ୍କା ଆମ୍‌ସାତ୍ ହୋଇଥିବା ଚର୍ଚ୍ଚିତ ବେଲ ପାଳ ବାଲି ସୈରାତର ସ୍ଥିତି ଅନୁଧ୍ୟାନ କରାଯାଇଛି। ଖଣି ନିୟମ ଉଲ୍ଲଙ୍ଘନ କରି ମାତ୍ରାଧିକ ବାଲି ଉତ୍ତୋଳନ ଯୋଗୁଁ ଭୂତଳ ଜଳସ୍ତର ହ୍ରାସ ପାଇବା ସହ ଲୋକେ ପାନୀୟଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଫଳରେ କେତେକ ୨୦୨୪-୨୫ରେ ଏନ ଜି ଟି ର ଲିଖିତ ଅଭିଯୋଗ କରିଥିଲେ। ଆଜି ପର୍ଯ୍ୟନ୍ତ ଉକ୍ତ ସୈରାତ ଗୁଡ଼ିକ ସରକାରୀ ଭାବେ ଖୋଲୁ ନ ଥିବା ବେଳେ ଖରା ଦିନିଆ ବ୍ୟାପକ ଚୋରା ଉତ୍ତୋଳନ ହୋଇ ଆସୁଛି। ଗୁରୁବାର ରାଜ୍ୟ ଏବଂ ଜିଲ୍ଲାର ଏକ ଉଚ୍ଚସ୍ତରୀୟ ମିଳିତ ପ୍ରତିନିଧି ମଣ୍ଡଳୀ ବିବାଦୀୟ ବାଲି ସୈରାତ ପରିଦର୍ଶନ କରିଥିଲେ। ଉକ୍ତ ରିପୋର୍ଟକୁ ଜାତୀୟ ସବୁଜ ନ୍ୟାୟାଧିକରଣକୁ ପ୍ରଦାନ କରିବେ ବୋଲି ଜଣାପଡ଼ିଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ସୈରାତ ହୋଇଥିବା ସ୍ଥାନରେ ନଦୀ ଗର୍ଭ ଖାଲୁଆ ହେବା ସହ କୂଳ ରେ ଅତଡ଼ା ଆସୁଛି। ଉକ୍ତ ପ୍ରତିନିଧି ମଣ୍ଡଳୀରେ ଏଡିଏମ୍ ହେମନ୍ତ ସିଂ, ପ୍ରଦୂଷଣ ବିଭାଗର ରିଜୋନାଲ ମୁଖ୍ୟ ମନମୋହନ ମୁର୍ମୁ, ରାଜ୍ୟ ପରିବେଶ ମୂଲ୍ୟାଙ୍କନ ବିଭାଗର ଅଧିକାରୀ (ସିଆ), ଜିଲ୍ଲା ଖଣି ଅଧିକାରୀ ଜଗନ ବେହେରା,ଜୁନିୟର ଖଣି ଅଧିକାରୀ ତାପସ ରଞ୍ଜନ ବେହେରା, ତହସିଲଦାର ସତ୍ୟଜିତ ମହାନ୍ତି, ରାଜସ୍ୱ ପରିଦର୍ଶକ ସୁବ୍ରତ ଦେ, ରାଜସ୍ୱ ନୀରିକ୍ଷକ ଜଗନ୍ନାଥ ପାତ୍ର, ନିର୍ମାଲ୍ୟ ପାଢ଼ୀ, ଫରେଷ୍ଟର ପ୍ରହ୍ଲାଦ ଚନ୍ଦ୍ର ନାୟକ, ଫରେଷ୍ଟର ସରସ୍ୱତୀ ମୁର୍ମୁ ପ୍ରମୁଖ ସ୍ଥଳ ପରିଦର୍ଶନରେ ସାମିଲ୍ ଉପସ୍ଥିତ ଥିଲେ।

ଡମ୍ଫର ଧକ୍କାରେ ବାଇକ ଚାଳକଙ୍କ ମୃତ୍ୟୁ

ସୋର, ୫।୧୧(ସମିସ): ସୋର ଥାନା ଦହିପୁର ଛକ ଶନି ମନ୍ଦିର ନିକଟରେ ଏକ ଟିପ୍ପ ବୋଝେଇ ଡମ୍ଫର ଧକ୍କାରେ ଜଣେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଯାଇଛି। ଆଜି ପୂର୍ବାହ୍ନରେ ସୋର ପୌର ପାଳିକା ଅନ୍ତର୍ଗତ ଈଶ୍ୱରପୁର ଗ୍ରାମର ମନରଞ୍ଜନ ଧଡ଼ା ଏକ ବାଇକରେ ବାଗୁଡ଼ିରୁ ସୋର ଫେରୁଥିଲେ। ଶନି ମନ୍ଦିର ନିକଟରେ ପଛରୁ ଟିପ୍ପ ବୋଝେଇ କରି ଆସୁଥିବା ଡମ୍ଫରଟି ବାଇକକୁ ପଛରୁ ଧକ୍କା ଦେଇଥିଲା। ଫଳରେ ବାଇକଟି ରାସ୍ତା କଡରେ ଗଦା ହୋଇଥିବା ଟିପ୍ପ ଗଦା ଉପରକୁ ଚଢି ଯିବା ଫଳରେ ମନରଞ୍ଜନ ରାସ୍ତା ଉପରେ ପଡି ଯାଇଥିଲେ। ପଛରୁ ଆସୁଥିବା ଟ୍ରକଟି ତାଙ୍କ ଉପରେ ଚଢି ଯିବା ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣା ପରେ ଡମ୍ଫରଟି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଛେଦ ପାଇଁ ସୋର ମେଡିକାଲକୁ ଆଣିଥିବା ବେଳେ ବାଇକ ଏବଂ ଡମ୍ଫର ଟିକୁ ଜବତ କରି ଥାନାକୁ ଆଣିଥିଲେ। ଏ ବାବଦରେ ମନରଞ୍ଜନଙ୍କ ପରିବାର ଲୋକେ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଶବ ବ୍ୟବଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି। ସୋର ବାଗୁଡ଼ି ରାସ୍ତା କଡରେ ବିଭିନ୍ନ ସ୍ଥାନରେ ଗଛିତ କରି ରଖାଯାଉଥିବା ବାଲି, ଟିପ୍ପକୁ ରାସ୍ତାକଡ଼ରୁ ହଟାଇବା ସହିତ ସମ୍ପୃକ୍ତ ବ୍ୟକ୍ତିଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

ବିପୁଳ ଦେଶୀ ମଦ ଜବତ, ୩ ଗିରଫ



ବାଲେଶ୍ୱର, ୫।୧୧(ସମିସ) : ବାଲେଶ୍ୱର ସହରରେ ବେଆଇନ ଦେଶୀ ମଦ କାରବାର ବିରୋଧରେ ଜିଲ୍ଲା ଅବକାରୀ ମୋବାଇଲ ୟୁନିଟ୍ ପକ୍ଷରୁ ଏକ ବଡ଼ଧରଣର ଚଢ଼ଉ କରାଯାଇ ୩୮୦ ଲିଟର ଦେଶୀ ମଦ ସହ ୩ଟି ଦୁଇଚକିଆ ଯାନ ଜବତ କରାଯାଇଛି। ଗୁରୁବାର ସକାଳ ୬ଟା ସମୟରେ ଟାଉନ୍ ଥାନା ଅଧୀନ ପତ୍ରପଡ଼ା ଛକ, ବାଙ୍କାଖଜୁରୀ ଛକ ଓ ହେମକାପଦା ଛକରେ ଏକକାଳୀନ ଚଢ଼ଉ କରି ଅବକାରୀ ବିଭାଗ ଏହି ସଫଳତା ହାସଲ କରିଛି। ଏହି ଘଟଣାରେ ପୁରୁଣା ବାଲେଶ୍ୱର ଅଞ୍ଚଳର ବିଦ୍ୟାଧର ବେହେରା, ଗଣେଶ ମାଝୀ ଓ କାର୍ତ୍ତିକ ମଣ୍ଡଳଙ୍କ ନାମରେ ଅବକାରୀ ମାମଲା ରୁଜୁ ହୋଇଛି। ଜବତ ହୋଇଥିବା ଦେଶୀ ମଦ ଓ ଦୁଇଚକିଆ ଯାନଗୁଡ଼ିକର ଆନୁମାନିକ ମୂଲ୍ୟ ୩ ଲକ୍ଷ ୧୬ ହଜାର ଟଙ୍କା ବୋଲି ଅବକାରୀ ବିଭାଗ ପକ୍ଷରୁ ଜଣାପଡ଼ିଛି। ଏନେଇ ତିନିଟି ପୃଥକ ମାମଲାରେ ରୁଜୁ କରାଯାଇଛି। ଜିଲ୍ଲା ଅବକାରୀ ମୋବାଇଲ ୟୁନିଟ୍‌ର ଆଇଆଇସି ଅଭିରାମ ସାହୁଙ୍କ ନେତୃତ୍ୱରେ ଏହି ଚଢ଼ଉରେ ଏସ୍‌ଆଇ ଅଲିଭା ମାଝୀ, ଏସ୍‌ଆଇ ଶିବଶଙ୍କର ସିଂ, ଏଏସ୍‌ଆଇ ଲମ୍ବୋଦର ମହାନ୍ତ, କନେଷ୍ଟବଳ ନୁହାନ ମୁର୍ମୁ ଓ ଗଣେଶ ସିଂ ସାମିଲ ହୋଇଥିଲେ। ସହରର ବିଭିନ୍ନ ଛକରେ ଏକାସାଙ୍ଗରେ ଚଢ଼ଉ କରି ୩୮୦ ଲିଟର ଦେଶୀ ମଦ ଜବତ ହେବା ଘଟଣା ବେଆଇନ ମଦ କାରବାରର ବ୍ୟାପକତାକୁ ପଦାରେ ପକାଇଛି।

ବାଲିଆପାଳରେ ମାଛ ଶସ୍ତା, ପରିବା ମହଙ୍ଗା

କାଳିପଦା, ୫।୧୧ (ସମିସ): ବାଲିଆପାଳ ବଜାର ସମେତ କାଳିପଦା ଓ ଲଙ୍ଗଳେଶ୍ୱର ବଜାରରେ ଏବେ ଉଭୟ ମଧୁର ଓ କ୍ଷାର ଜଳ ମାଛ ଶସ୍ତା ହୋଇଥିବା ବେଳେ ପରିବା ମହଙ୍ଗା ହୋଇ ଥିବା ଦେଖିବାକୁ ମିଳିଛି। ଏବେ ଧର୍ମ ମାସ କାର୍ତ୍ତିକ ଚାଲି ଥିବାରୁ ଅଧିକାଂଶ ଲୋକ ସାକାହାରୀ ହୋଇଛନ୍ତି। ଚଳିତ ସୁବର୍ଣ୍ଣରେଖା ଓ ଜଳକା ନଦୀର ବନ୍ୟାରେ ଏ ଅଞ୍ଚଳର ପରିବା ଚାଷ ସମ୍ପୂର୍ଣ୍ଣ ଉଜୁଡି ଯାଇଥିଲା। ତାର ସ୍ଥାନ ପୂରଣ କରିବା ପାଇଁ ପ୍ରତିଦିନ ପଶ୍ଚିମ ବଙ୍ଗଳାର ଗଡ଼ବେତା, ଝାଡ଼ଖଣ୍ଡ, ଆନ୍ଧ୍ର ପ୍ରଦେଶରୁ ପିକଅପ ଭ୍ୟାନ, ଟ୍ରକରେ କୁଇଣ୍ଟାଲ କୁଇଣ୍ଟାଲ ପରିବା ଏ ଅଞ୍ଚଳକୁ ଆସୁଛି। ଏବେ ଏହି ସବୁ ମାର୍କେଟରେ ଆଳୁ ୨୫, ପିଆଜ ୩୦, କଖାରୁ ୨୫, ବାଇଗଣ ୮୦, କଲରା ୮୦, ସୁଜୁନା ଛୁଇଁ ୧୨୦, ପୋଟଳ ୯୦, ଭେଣ୍ଡି ୯୦,



ଫୁଲ କୋବି ଏକ ଶହ, ବନ୍ଧା କୋବି ୫୦, ରସୁଣ ୧୫୦, ଅଦା ୩୫, ଟମାଟୁ ୯୦ ଟଙ୍କାରେ ବିକ୍ରି ହେଉଛି। ସେହିପରି ଏହି ସବୁ ମାର୍କେଟରେ ୮୦ରୁ ୧୨୦ ମଧ୍ୟରେ ଭଲ ଲୁଣି ମାଛ ମିଳି ଯାଉଛି। କେବଳ ଇଲିସି, ଚିଙ୍ଗୁଡ଼ି, ଭେକିଟି, ଫିରିକି ମାଛର ଦର ଟିକେ ଅଧିକ ରହିଛି। ବାଲିଆପାଳ ବ୍ଲକର ସୁବର୍ଣ୍ଣ ରେଖା ନଦୀ ଓ ବଙ୍ଗୋପ ସାଗରରୁ ପ୍ରତିଦିନ ଧୀବର ମାନେ ପ୍ରଚୁର ପରିମାଣରେ ମାଛ ମାରିଥାନ୍ତି। ମାତ୍ର ବନ୍ୟା ଦାଉ ସାଧୁ ଥିବାରୁ ପରିବା ଦର ଆକାଶ ଛୁଆଁ ହେଉଛି। ପରିବା ଦର କ୍ରମା ଗତ ଭାବେ ବଢ଼ି ଚାଲିଛି। ତା ଉପରେ ସରକାର ଓ ପ୍ରଶାସନର କୌଣସି ଆଙ୍କୁଶ ନ ଥିବାରୁ ଅସାଧୁ ବ୍ୟବସାୟୀ ମାନେ ଖୁବ ମୁନଫା ଉଠାଉଛନ୍ତି। ଆମ ବ୍ଲକରେ ସରକାରୀ କିମ୍ବା ବେସରକାରୀ ସ୍ତରରେ କୌଣସି ଶୀତଳ ଭଣ୍ଡାର ନାହିଁ। ଶୀତଳ ଭଣ୍ଡାର ଥିଲେ ପରିବା ଦର ସ୍ଥିର ରହନ୍ତା ବୋଲି ମିଥୁନ ନନ୍ଦ, ପର୍ଶୁରାମ ବିଶ୍ୱାଳ, ଗୁଣାକର ସେଠୀ, ସୁମନ୍ତ କୁମାର ଗିରି, ନିଗମାନନ୍ଦ ପଢ଼ିଆରୀ, କରୁଣାକର ସାମନ୍ତରାୟ, ଭିକାରୀ ଚରଣ ମହୁରୀ, ସାବିତ୍ରୀ ସୂତାର, ଦମୟନ୍ତୀ ଜେନା ପ୍ରମୁଖ କହିଛନ୍ତି। ସରକାର ରିହାତି ଦରରେ ପରିବା ଯୋଗାଇ ଦେବାକୁ ଖାଉଟିମାନେ ଦାବି କରିଛନ୍ତି। ଅନ୍ୟପକ୍ଷରେ ଶୀତଳ ଭଣ୍ଡାର ସରକାର ପ୍ରତିଷ୍ଠା କରନ୍ତୁ ବୋଲି ଖାଉଟିମାନେ ମଧ୍ୟ ଦାବି କରିଛନ୍ତି।

‘ଭାଷା ଭାସ୍କର’ ସମ୍ମାନ ପାଇଲେ ଦେବୀପ୍ରସନ୍ନ ପଟ୍ଟନାୟକ

ବାଲେଶ୍ୱର, ୫।୧୧(ସମିସ): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ପକ୍ଷରୁ ଭୁବନେଶ୍ୱରସ୍ଥିତ ବୁଦ୍ଧ ମନ୍ଦିର ପରିସରରେ ଅନୁଷ୍ଠାନର ୧୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଡା. ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚଳିତ ବର୍ଷ ପ୍ରଥମ କରି ଅନୁଷ୍ଠାନ ତରଫରୁ ପ୍ରଚଳନ କରାଯାଉଥିବା ‘ଭାଷା ଭାସ୍କର’ ସମ୍ମାନରେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଛି। ତାଙ୍କୁ ମାନପତ୍ର ଓ ଉପାୟନ ସହ ୧୦ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଥିଲା। ଓଡ଼ିଆ ଭାଷା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ତଥା ଜଗନ୍ନାଥ ସଂସ୍କୃତିର ଗବେଷକ ପ୍ରଫେସର ହରିହର କାନୁନ୍‌ଗୋ ମୁଖ୍ୟଅତିଥି ଭବେ ଯୋଗଦେଇ ଉପଯୁକ୍ତ ବ୍ୟକ୍ତିଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିବାରୁ ଆନନ୍ଦ ପ୍ରକାଶ କରିଥିଲେ। ଏହି ଆଲୋଚନାଚକ୍ରରେ ଡ. ନିରଞ୍ଜନ ପାଢ଼ୀ, ଡ. ମଧୁସୂଦନ ମିଶ୍ର ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଭାଷା ବିକାଶ ଆନ୍ଦୋଳନ ଗ୍ରହଣ କରିଥିବା ଯୋଗୁଁ ଖୁସି ବ୍ୟକ୍ତ କରିଥିଲେ। ଅନୁଷ୍ଠାନର ମୁଖପତ୍ର “ଭାଷା ବିକାଶ’ର ଶରତ ସଂଖ୍ୟା ଏହି ଅବସରରେ ଉନ୍ମୋଚିତ ହୋଇଥିଲା। କବି ଦୀପକ ବୋଷଙ୍କ ରଚିତ “ଆମ ଭାଷା ଏକ ନଈ’ ଶୀର୍ଷକୀୟ ଭାଷା ସଂଗୀତକୁ କଲ୍ୟାଣୀ ନନ୍ଦଙ୍କ ନିର୍ଦ୍ଦେଶନାରେ ବାସନ୍ତୀ ଦେ, ପୁଷ୍ପଲତା



ଚକ୍ରବର୍ତ୍ତୀ, ଶାନ୍ତିଲତା ପଣ୍ଡା, ସ୍ନିଗ୍ଧା ସାମନ୍ତରାୟ, କବିତା ଜେନା, ଶାନ୍ତି ବିଶି, କମଳିନୀ ଦାସ ଓ ସୁନାମଣି ଜେନା ପ୍ରମୁଖ ନୃତ୍ୟ ମାଧ୍ୟମରେ ପରିବେଷଣ କରିଥିଲେ। ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ନେତୃତ୍ୱରେ ପଣ୍ଡିତ ସଞ୍ଜୟ କୁମାର ପଣ୍ଡା, ପ୍ରଭାକର ସାହୁ, କଲ୍ୟାଣୀ ନନ୍ଦ, ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳ ଓ ପ୍ରଫୁଲ୍ଲ କୁମାର ଦାସଙ୍କ ଦ୍ୱାରା ‘ଆମ ଭାଷା ଶ୍ରେଷ୍ଠ ଭାଷା’ ନାମକ ଏକ ପ୍ରବଚନ ପ୍ରଦାନ କରାଯାଇଥିଲା। ଡ. ଶିରୀଶ ଚନ୍ଦ୍ର ଜେନା, ନିବାରଣ ଜେନା, ଅରୂପ ଚାଟାର୍ଜୀ, ଅଞ୍ଜଳି ପଣ୍ଡା ଭାଷା ସଂପର୍କରେ ବକ୍ତବ୍ୟ ଦେଇଥିଲେ ଓ ସୁବ୍ରତା ମହାନ୍ତି ଏକ ସଂଗୀତ ପରିବେଶଣ କରିଥିଲେ। ଅନୁଷ୍ଠାନ ସଦସ୍ୟାଙ୍କ ଦ୍ୱାରା ବିଦାୟ ସଂଗୀତ ପରିବେଷିତ ହୋଇଥିଲା। ଯୁଗ୍ମସଂପାଦିକା ଶାନ୍ତିଲତା ପଣ୍ଡା ମଞ୍ଚ ଆହ୍ୱାନ କରିଥିବା ବେଳେ ଦୀପକ ବୋଷ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ଅରୁଣା ରାୟ, ଡ. ରମାକାନ୍ତ ନାୟକ, ଶରତ କୁମାର ମହାପାତ୍ର, “ଶ୍ରୀ’ ସଂପାଦକ କୃଷ୍ଣ ନାୟକ, ସନ୍ତୋଷ ବାରିକ, ଅର୍ଚ୍ଚନା ନନ୍ଦୀ, ଅରୁଣ ଚାଟାର୍ଜୀ, ସୁଷମା ମହାପାତ୍ର, ଡ. ଭାଗବତ ପ୍ରସାଦ ଦାସ, ଡ. କ୍ଷିତୀଶ୍ୱର ଦାଶ, ଡ. ରତ୍ନାକର ସିଂ, ଦୀନବନ୍ଧୁ ଲେଙ୍କା, ଡ. ହେମମାଳା ଦାଶ, ମମତା ମହାପାତ୍ର, ଶୁଭଙ୍କର ମହାପାତ୍ର, ପ୍ରଫେସର ରଶ୍ମିରେଖା ପତି, କରୁଣା କର ସ, ଡ. ଅରୁଣ ମିଶ୍ର, ଅକ୍ଷୟ କୁମାର ତ୍ରିପାଠୀ, ଉର୍ମିଳା ନାୟକ, ଲମ୍ବୋଦର ନାୟକ, ପ୍ରଦୀପ ମିଶ୍ର, ସଂଗୀତା ରଥ, ଅନନ୍ତ କୁମାର ଦାସ, ମହେନ୍ଦ୍ର ପ୍ରସାଦ ପାଣିଗ୍ରାହୀ, ଜୁମରନାଥ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ “ମୋ ଜୀବନ ସାରଧନ ଜନନୀ ଉତ୍କଳ ଭାଷା” ଶୀର୍ଷକରେ ଏକତ୍ର କବିତା ରଚନା କରାଯାଇଥିଲା।

ଦୟନୀୟ କମ୍ୟୁନିଟି ସେଣ୍ଟରରେ ଚାଲିଛି ଅଙ୍ଗନବାଡ଼ି

ରାଜଘାଟ, ୫।୧୧ (ସମିସ): ବସ୍ତା ବ୍ଲକ ପାଉଁଶକୁଲି ପଞ୍ଚାୟତ ଅନ୍ତର୍ଗତ ସୋନପୁର ଗ୍ରାମର ଅଙ୍ଗନବାଡି କେନ୍ଦ୍ରର ଅବସ୍ଥା ଦେଖିଲେ ଯେ କେହି ବି ମୁଣ୍ଡରେ ହାତ ଦେବ। ଗ୍ରାମରେ ନିଜସ୍ୱ ଅଙ୍ଗନବାଡି ଗୃହ ନାହିଁ। ଦୀର୍ଘ ୩୦ ବର୍ଷ ତଳେ ନିର୍ମିତ ପୁରୁଣା ଭଙ୍ଗା ସୀମାନ୍ତ କମ୍ୟୁନିଟି ସେଣ୍ଟରରେ ଏବେ ୧୬ଜଣ କୁନି କୁନି ପିଲାଙ୍କ ପାଠପଢା ଚାଲିଛି। ଛାତରୁ ପ୍ଲାଷ୍ଟର ଖସୁଛି, ବର୍ଷା ହେଲେ ପାଣି ଗଳୁଛି କାନ୍ଥ ଫାଟି ଯାଇଛି, ଝରକା କବାଟ ନାହିଁ, ପିଇବା ପାଣି ଓ ଶୌଚାଳୟ ବ୍ୟବସ୍ଥା ନାହିଁ ପିଲାଙ୍କ ବସିବା ପାଇଁ ଭଲ ଚଟାଣ ନାହିଁ, ଖେଳିବା ଜାଗା ନାହିଁ। ଅଙ୍ଗନବାଡି କର୍ମୀ ମଞ୍ଜୁରାଣୀ ବ୍ରହ୍ମ ବହୁ କଷ୍ଟରେ ପିଲାଙ୍କୁ ପାଠ ପଢାଉଛନ୍ତି। ଅଭିଭାବକମାନେ କହୁଛନ୍ତି, ପିଲାଙ୍କୁ ଛାଡିବାକୁ ଡର ଲାଗୁଛି, କେତେବେଳେ ଛାତ ଭୁଶୁଡି ପଡିବ, ଭଗବାନଙ୍କ ଭରସାରେ ଚାଲିଛି ଅଙ୍ଗନବାଡି କେନ୍ଦ୍ର। ବାରମ୍ବାର ଦାବି ସତ୍ତ୍ୱେ ନୂଆ ଅଙ୍ଗନବାଡି ଗୃହ ନିର୍ମାଣ ହୋଇପାରୁନାହିଁ। ତୁରନ୍ତ ନୂତନ ଗୃହ ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



ବାଲିଖଣ୍ଡ ଡିଗ୍ରୀ କଲେଜରେ ଭିଜିଲାନ୍ସ ଚଢ଼ଉ

ସିମୁଳିଆ, ୫।୧୧ (ସମିସ): ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ଅଧୀନ ପୁରୁଷୋତ୍ତମପୁର ପଞ୍ଚାୟତ ବାଲିଖଣ୍ଡ +୩ ଡିଗ୍ରୀ ମହାବିଦ୍ୟାଳୟରେ ନୂତନ ବିଲଡିଙ୍ଗ ପାଇଁ ଆସିଥିବା ୯୨ ଲକ୍ଷ ଟଙ୍କାର କାମରେ ଅନିୟମିତତା ନେଇ ଭିଜିଲାନ୍ସରେ ଅଭିଯୋଗ ହୋଇଥିଲା। ଅଚାନକ ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଇ କଲେଜର କିଛି କାଗଜ ପତ୍ର ନେଇଥିବାର ପ୍ରିନ୍ସପାଲ ପ୍ରଶାନ୍ତ ପଣ୍ଡା କହିଛନ୍ତି।

ଯାତ୍ରୀବାହୀ ବସ୍‌ରେ ଘରୋଇ ଗ୍ୟାସ ସିଲିଣ୍ଡର ଚାଲାଣ
ଯୋଗାଣ ବିଭାଗର ଚଢ଼ଉରେ ୯ ଟାଙ୍କି ଜବତ

ରାଜଘାଟ, ୫।୧୧ (ସମିସ): ଆଜି ବସ୍ତା ଗାନ୍ଧୀଛକ ନିକଟରେ ଯୋଗାଣ ବିଭାଗ ଚଢ଼ଉ କରି ଏକ ଘରୋଇ ଯାତ୍ରୀବାହୀ ବସ୍‌ରୁ ୯ଟି ଗ୍ୟାସ ଟାଙ୍କି ଜବତ କରିଛି। ବାଲିଆପାଳରୁ ବାଲେଶ୍ୱର ଯାଉଥିବା ଏକ ଘରୋଇ ଯାତ୍ରୀବାହୀ ବସ୍‌ରେ ବେଆଇନ ଭାବେ ଘରୋଇ ଗ୍ୟାସ ଟାଙ୍କି ଚାଲାଣ ହେଉଥିଲା। ବିଶେଷ ସୂତ୍ରରୁ ଖବର ପାଇ ଯୋଗାଣ ବିଭାଗ ଟିମ୍ ଗାନ୍ଧୀଛକ ନିକଟରେ ବସ୍‌କୁ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ସମୟରେ ବସ୍‌ରେ ବେଆଇନ ଭାବେ ଏହି ଗ୍ୟାସ ଟାଙ୍କିଗୁଡ଼ିକୁ ଚାଲାଣ କରାଯାଉଥିବା ଜାଣିବାକୁ ପାଇ ଅଚାନକ ମାଡ଼ି ବସିଥିଲେ ଅଧିକାରୀମାନେ। ବସ୍ ଭିତରୁ ମୋଟ ୯ଟି ଗ୍ୟାସ ଟାଙ୍କି ଜବତ କରାଯିବା ସହ ଏହି ଚାଲାଣ ପଛରେ କେଉଁମାନେ ଜଡ଼ିତ ଅଛନ୍ତି, ସେ ନେଇ ଯୋଗାଣ ବିଭାଗ ଏବଂ ପୁଲିସ ପକ୍ଷରୁ ତନାଘନା ଜାରି ରହିଛି। ଯାତ୍ରୀଙ୍କ ଜୀବନକୁ ବିପଦରେ ପକାଇ ଏଭଳି ଗ୍ୟାସ ଚାଲାଣକୁ ନେଇ ସ୍ଥାନୀୟ ଲୋକେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଜବତ ଗ୍ୟାସ ଟାଙ୍କିର ମାଲିକ କିଏ, କେଉଁଠାକୁ ଯାଉଥିଲା ସେ ନେଇ ତଦନ୍ତ ଜାରି ରହିଛି।



ଶାନ୍ତିଆ ଆଉଟଡୋର ଷ୍ଟାଡିୟମର ଉନ୍ନତି ପାଇଁ କ୍ରୀଡ଼ାମନ୍ତ୍ରୀଙ୍କୁ ଦାବିପତ୍ର



ଜଳେଶ୍ୱର, ୫।୧୧ (ସମିସ): ଜଳେଶ୍ୱର ଶାନ୍ତିଆ ସ୍ଥିତ ଆଉଟଡୋର ଷ୍ଟାଡିୟମର ଅସମ୍ପୂର୍ଣ୍ଣ ନିର୍ମାଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ସହ ଏହାର ସାମଗ୍ରିକ ଉନ୍ନତିକରଣ ନିମନ୍ତେ ବିଜେପିର ନଗର ଟିମ୍ ପକ୍ଷରୁ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସରକାରୀ ବାସଭବନରେ ଭେଟି ଦାବିପତ୍ର ପ୍ରଦାନ କରାଯାଇଛି। ଷ୍ଟାଡିୟମଟି ଜଳେଶ୍ୱର ତଥା ଏହାର ଆଖପାଖ ଅଞ୍ଚଳର କ୍ରୀଡ଼ାପ୍ରେମୀଙ୍କ ପାଇଁ ଏକମାତ୍ର ଗୁରୁତ୍ୱପୂର୍ଣ୍ଣ କ୍ରୀଡ଼ା ପଡ଼ିଆ ରହିଆଛି। ଏଠାରେ ବିଭିନ୍ନ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ସହ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ସ୍ଥାନୀୟ କ୍ଲବଗୁଡ଼ିକ ଦ୍ୱାରା କ୍ରିକେଟ୍ ଓ ଫୁଟବଲ୍ ପ୍ରତିଯୋଗିତା ଆୟୋଜିତ ହୋଇଥାଏ। ବହୁ ସଂଖ୍ୟକ ଯୁବ କ୍ରୀଡ଼ାବିତ୍ ଏହି ପଡ଼ିଆ ଉପରେ ନିଜର ଅଭ୍ୟାସ ଓ ପ୍ରତିଯୋଗିତା ପାଇଁ ନିର୍ଭର କରିଥାନ୍ତି। ବହୁ ବର୍ଷ ଧରି ଏହି ଷ୍ଟାଡିୟମର ନିର୍ମାଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଛି। ଆବଶ୍ୟକୀୟ କ୍ଲବ୍ ହାଉସ୍, ପାଭିଲିୟନ୍, ପାନୀୟ ଜଳ ବ୍ୟବସ୍ଥା, ପର୍ଯ୍ୟାପ୍ତ ଆଲୋକୀକରଣ ଏବଂ ଅନ୍ୟାନ୍ୟ ମୌଳିକ କ୍ରୀଡ଼ା ଭିତ୍ତିଭୂମିର ଅଭାବ ରହିଛି। ଫଳରେ କ୍ରୀଡ଼ାବିତ୍, ଛାତ୍ରଛାତ୍ରୀ ଓ ସ୍ଥାନୀୟ କ୍ରୀଡ଼ା ସଂଗଠନଗୁଡ଼ିକ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ଦୃଷ୍ଟି ଆକର୍ଷଣ କରାଯାଇଛି। ଉକ୍ତ ଦାବିପତ୍ରରେ ପୌରବାସୀଙ୍କ ପକ୍ଷରୁ ଆଧୁନିକ କ୍ଲବ୍ ହାଉସ୍ ନିର୍ମାଣ। ଖେଳାଳି ଓ ଦର୍ଶକଙ୍କ ପାଇଁ ପାଭିଲିୟନ୍ ନିର୍ମାଣ। ପର୍ଯ୍ୟାପ୍ତ ପାନୀୟ ଜଳ ବ୍ୟବସ୍ଥା। ଷ୍ଟାଡିୟମରେ ଉନ୍ନତ ଆଲୋକୀକରଣ ବ୍ୟବସ୍ଥା। ଅନ୍ୟାନ୍ୟ ଆବଶ୍ୟକୀୟ କ୍ରୀଡ଼ା ଭିତ୍ତିଭୂମିର ବିକାଶଗୁଡ଼ିକ ଉପରେ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଫାଲ୍‌ଗୁନି ପାଣିଗ୍ରାହୀ, ନଗର ଯୁବମୋର୍ଚ୍ଚା ସଭାପତି ଶ୍ରୀ ଅଞ୍ଜନ କୁମାର ଦାସ, ଜିଲ୍ଲା ଯୁବମୋର୍ଚ୍ଚା ଉପସଭାପତି ମନମୋହନ ଆଚାର୍ଯ୍ୟ, ଜିଲ୍ଲା ସାଧାରଣ ସଂପାଦକ ତପନ କୁମାର ପାତ୍ର, ଅଘୋରତୋସ ପଣ୍ଡା, ଶୁଭଙ୍କର ଦେ ପ୍ରମୁଖ ଉପସ୍ଥିତ ଥିଲେ।

ତାଳସାରି ବେଳାଭୂମି ପାର୍ଶ୍ୱରେ ବଢୁଛି ଜବରଦଖଲ

ବାଲେଶ୍ୱର(ଉତ୍ତର), ୫।୧୧ (ସମିସ)



- କବଜାରେ ପ୍ରସ୍ତାବିତ ବାୟୁସେନା ଘାଟି
- ସନ୍ଦେହ ଘେରରେ ଏକ ହୋଟେଲ
- ଏନ୍‌ଆଇଏ ତଦନ୍ତ ଦାବି

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ତଳସାରୀ ସମୁଦ୍ରକୂଳରେ ନିର୍ମାଣ ହେବାକୁ ଯାଉଛି ଭାରତୀୟ ପ୍ରତିରକ୍ଷା ବିଭାଗର ବାୟୁସେନା ଷ୍ଟେସନ । ପ୍ରାରମ୍ଭିକ ପର୍ଯ୍ୟାୟରେ ୪ ଏକର ଜାଗାରେ ୧ ୬ କୋଟି ୩୬ ଲକ୍ଷ ୭ ହଜାର ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ ପାଇଁ ପ୍ରଚେରୀ ନିର୍ମାଣ ଯୁଦ୍ଧ କାଳୀନ ଭିତ୍ତିରେ ଚାଲିଛି । ମନ୍ତ୍ରାଳୟ ପକ୍ଷରୁ ପ୍ରଥମେ ୧୦ ଏକର ଜାଗା ଚିହ୍ନଟ କରାଯିବା ପରେ ପୁଣି ୫୦ ଏକର ଜାଗା ନିଆଯାଉ ଥିବାର ରାଜସ୍ୱ ବିଭାଗ ପକ୍ଷରୁ କୁହାଯାଇଛି । ପ୍ରତିରକ୍ଷା ମନ୍ତ୍ରାଳୟର ଏକ ସାଇନବୋଡର୍‌ରେ ଉକ୍ତ ଜମିର ମାଲିକାନା ରକ୍ଷା ମନ୍ତ୍ରାଳୟ ଭାରତୀୟ ବାୟୁସେନା ଅଧୀନରେ ଥିବାର ସୂଚନା ଲେଖା ଥିବାବେଳେ ଉକ୍ତ ସ୍ଥାନରେ କୌଣସି ଯାତାୟାତ, କୋଠା ନିର୍ମାଣ, ଚାଷବାସ, ଆବର୍ଜନା ନ ପକାଇବା ପାଇଁ ନେଷଧାଜ୍ଞା ଜାରି କରାଯାଇଛି । ପ୍ରତିରକ୍ଷା ମନ୍ତ୍ରାଳୟ ତରଫରୁ ପୂର୍ବରୁ ନିର୍ମିତ ଏକ ପୁରୁଣା ଛୋଟ ଘରେ ୪ ଜଣ ସିକ୍ୟୁରିଟି ଜଗି ରହି ଛନ୍ତି। ମାତ୍ର କେତେକ ପ୍ରଭାବଶାଳୀ ବ୍ୟକ୍ତି ଉକ୍ତ ଜାଗାର କିଛି ଅଂଶକୁ ବେଆଇନ ଦଖଲ କରିବା ସହିତ ତାରବାଡ଼ କରି ହୋଟେଲ ନିର୍ମାଣ କରୁଥିବାର ପ୍ରତିରକ୍ଷା ବିଭାଗ ପକ୍ଷରୁ ଅଭିଯୋଗ ହୋଇଛି । ଏପରିକି ବାୟୁସେନା ଷ୍ଟେସନକୁ ଲାଗି ଏକ ସନ୍ଦିଗ୍ଧ ହୋଟେଲ ରହିଛି । ନିକଟରେ ଏହି ହୋଟେଲରେ ଅସାମାଜିକ କାର୍ଯ୍ୟ ଚାଲିଥିବା ଖବର ପାଇ ତାଳସାରୀ ମେରାଇନ ଥାନାଧିକାରୀ ଶ୍ରବଣ କୁମାର ମହାରଣା ସମ୍ପୃକ୍ତ ହୋଟେଲରେ ପଶି ଛାନ ଭିନ କରିଥିଲେ। ମାତ୍ର ସମ୍ପୃକ୍ତ ହୋଟେଲର ମ୍ୟାନେଜର ଚମ୍ପଟ ମାରିଥିଲା । ଅନ୍ୟପକ୍ଷରେ ଯଦି ଉକ୍ତ ହୋଟେଲର ମାଲିକ ସହିତ ମେନେଜରଙ୍କ ଆଧାରକାର୍ଡ, ଭୋଟର ଲିଷ୍ଟ ଯାଞ୍ଚ ସହିତ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) ଦ୍ୱାରା ତଦନ୍ତ କରାଯାଏ ତେବେ ସେମାନେ ବାଂଲାଦେଶୀ ନା ଭାରତୀୟ ତାହା ଲୋକଲୋଚନକୁ ଆସିପାରନ୍ତା ବୋଲି ସାଧାରଣରେ ଦାବି ହୋଇଛି । ସେହିପରି ବାଲେଶ୍ୱର ଚାନ୍ଦିପୁର ଡ଼ିଆରଡ଼ିଓ, ଭଦ୍ରକ ର ହୁଇଲର ଦୀପରେ ଆଧୁନିକ କ୍ଷେପଣାସ୍ତ୍ର ପରୀକ୍ଷଣ, ଚିଲିକାରେ ନୌସେନା ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ ସହ ତାଳସାରୀରେ ଏହି ଏୟାରଫୋର୍ସ ଷ୍ଟେସନ ଶତ୍ରୁ ରାଷ୍ଟ୍ରକୁ ଜବାବ ଦେବାକୁ ଭାରତ ପ୍ରତିରକ୍ଷା ମନ୍ତ୍ରାଳୟକୁ ସଶକ୍ତ ହେଉଥିବାର କୁହାଯାଇଛି । ମେଦିନୀପୁର କଲେଇକୁଣ୍ଡା ବାୟୁସେନା କ୍ୟାମ୍ପ ତରଫରୁ ବିଭାଗୀୟ ଅଫିସର ମାନେ ତାଳସାରୀକୁ ଘନଘନ ତଦାରଖ ଆସୁଥିବା ଦେଖିବାକୁ ମିଳିଛି। ମନ୍ତ୍ରାଳୟ ପକ୍ଷରୁ ସ୍ୱତନ୍ତ୍ର ଭାବେ ମାଟିତଳେ ୭ କୋଟି ଟଙ୍କାର ବିଦ୍ୟୁତ ସଂଯୋଗ ନିର୍ମାଣ ମଧ୍ୟ ନଜରକୁ ଆସିବାରୁ ସମ୍ଭାବ୍ୟ ବାୟୁସେନାର କ୍ଷେପଣାସ୍ତ୍ର ଘାଟୀ ସ୍ଥାପନକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି । ତାଳସାରୀରେ ବାୟୁସେନାର ଷ୍ଟେସନ କେନ୍ଦ୍ର ସ୍ଥାପନ ସଂକ୍ରାନ୍ତ ବିଷୟରେ ପ୍ରତିରକ୍ଷା ମନ୍ତ୍ରାଳୟ ପକ୍ଷରୁ ଏଯାଏ କୌଣସି ସୂଚନା ମିଳି ନଥିବା ନେଇ ଉପଜିଲାପାଳ ଶିବ ମାଲଭିୟେ ପ୍ରକାଶ କରିଛନ୍ତି। ମାତ୍ର ଉଦୟପୁର, ତାଳସାରୀରେ ଅସାମାଜିକ କ୍ରିୟାକଳାପ ବନ୍ଦ ନିମନ୍ତେ ପୋଲିସ ପକ୍ଷରୁ କଡା ପଦକ୍ଷେପ ନିଆଯାଉଥିବାର ଜଳେଶ୍ୱର ଏସଡିପିଓ ସୁରେଶ କୁମାର ତ୍ରିପାଠୀ କହିଛନ୍ତି । ତାଳସାରୀରେ ପ୍ରତିରକ୍ଷା ବଳୟର ସୁରକ୍ଷା ଲୋଡ଼ା ବୋଲି ସାମାଜିକ କର୍ମୀ ଆଶିଷ ଧାବନ କହିଥିବାବେଳେ ସରକାରୀ ଜାଗାକୁ ବେଆଇନଭାବେ ଦଖଲକାରୀଙ୍କୁ ଉଚ୍ଛେଦ କରାଯିବ ବୋଲି ଭୋଗରାଇ ତହସିଲଦାର ସୂର୍ଯ୍ୟ କୁମାର ନାୟକ ସୂଚନା ଦେଇଛନ୍ତି।

ସକାଳ THE SAKALA

ମୟୂରଭଞ୍ଜର ଆବାସିକ ବିଦ୍ୟାଳୟରେ ନାବାଳିକା ଛାତ୍ରୀଙ୍କ ଗର୍ଭଧାରଣ ଓ ସନ୍ତାନ ପ୍ରସବ ଘଟଣା

ବିଜେଡି ପ୍ରତିନିଧି ଦଳର ପରିଦର୍ଶନ, ନ୍ୟାୟିକ ତଦନ୍ତ ଦାବି

ବାରିପଦା/ବେତନଟୀ, ୫।୧୧(ସମିସ)



ମୟୂରଭଞ୍ଜ ଜିଲ୍ଲାର ଏକ ଆବାସିକ (କେଜିଭିବି) ବିଦ୍ୟାଳୟର ଜଣେ ଦଶମ ଶ୍ରେଣୀ ଆଦିବାସୀ ଛାତ୍ରୀ ଗର୍ଭବତୀ ହେବା ଓ ପରବର୍ତ୍ତୀ ସମୟରେ ଏକ ଶିଶୁପୁତ୍ରକୁ ଜନ୍ମ ଦେବା ଭଳି ଅତ୍ୟନ୍ତ ମର୍ମାହତ ଓ ଉଦବେଗଜନକ ଘଟଣାକୁ ବିଜୁ ଜନତା ଦଳ ତୀବ୍ର ନିନ୍ଦା କରିଛି। ଏହି ଘଟଣାର ଗମ୍ଭୀରତାକୁ ନିନ୍ଦା କରିବା ପାଇଁ ଯେତେ କଠୋର ଶବ୍ଦ ପ୍ରୟୋଗ କଲେ ମଧ୍ୟ ତାହା ଯଥେଷ୍ଟ ହେବ ନାହିଁ ବୋଲି ଦଳ କହିଛି । ଏହି ଘଟଣା ଆବାସିକ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା, ନିରାପତ୍ତା ଓ କଲ୍ୟାଣକୁ ନେଇ ଅନେକ ପ୍ରଶ୍ନ ଉଠୁଛି। ରାଜ୍ୟ ସରକାରଙ୍କ ବହୁ ପ୍ରଚାରିତ "ବେଟି ବଚାଓ, ବେଟି ପଢ଼ାଓ' ସ୍ଲୋଗାନର ବାସ୍ତବତାକୁ ନେଇ ବିଜେଡି ପ୍ରଶ୍ନ ଉଠାଇଛି। ଶିକ୍ଷାନୁଷ୍ଠାନରେ ବାରମ୍ବାର ହିଂସା, ନିର୍ଯାତନା ଓ ଚରମ ଅବହେଳାର ଘଟଣା ସାମ୍ନାକୁ ଆସୁଥିବାବେଳେ ଏହି ସ୍ଲୋଗାନର ମୂଲ୍ୟବୋଧ ଅର୍ଥହୀନ ହୋଇପଡ଼ିଛି ବୋଲି ଦଳ ମତବ୍ୟକ୍ତ କରିଛି। ଜଣେ ଦଶମ ଶ୍ରେଣୀ ଛାତ୍ରୀ ପ୍ରାୟ ୭ ମାସ ଧରି ଗର୍ଭବତୀ ଥିବା ସତ୍ତ୍ୱେ ବିଦ୍ୟାଳୟ କର୍ତ୍ତୃପକ୍ଷ କିପରି ଏହା ଜାଣିପାରିଲେ ନାହିଁ, ତାହାକୁ ନେଇ ବିଜେଡି ଗଭୀର ଉଦବେଗ ପ୍ରକାଶ କରିଛି। ଏହା ଆନୁଷ୍ଠାନିକ ତଦାରଖ, ନିରୀକ୍ଷଣ ଓ ଛାତ୍ରଛାତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥାରେ ଗୁରୁତର ତ୍ରୁଟି ଥିବା ପ୍ରମାଣ ଦେଉଛି। ନବଜାତ ଶିଶୁକୁ ଉପଯୁକ୍ତ ଯତ୍ନ, ଚିକିତ୍ସା ସେବା ଓ ଆବଶ୍ୟକ ପୁଷ୍ଟିକର ଖାଦ୍ୟରୁ ବଞ୍ଚିତ କରାଯାଇଥିବା ନେଇ ଆସିଥିବା ଖବରକୁ ନେଇ ମଧ୍ୟ ଦଳ ଗଭୀର ଉଦବେଗ ପ୍ରକାଶ କରିଛି।

ଛାତ୍ରୀ ଜଣକ କେଉଁ ପରିସ୍ଥିତିରେ ଗର୍ଭବତୀ ହେଲେ, ଶିଶୁର ଅଧିକାର ଓ ମର୍ଯ୍ୟାଦାର ଏହି ଗୁରୁତର ଉଲ୍ଲଂଘନ ପାଇଁ କେଉଁମାନେ ଦାୟୀ, ତାହା ନିର୍ଦ୍ଧାରଣ କରିବାକୁ ବିଜେଡି ସମଗ୍ର ଘଟଣାର ତୁରନ୍ତ ନ୍ୟାୟିକ ତଦନ୍ତ ଦାବି କରିଛି। ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ କରିବା, ଦୋଷୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଛାତ୍ରୀ ଓ ତାଙ୍କ ନବଜାତ ଶିଶୁକୁ ପର୍ଯ୍ୟାପ୍ତ ଚିକିତ୍ସା ସେବା, ସୁରକ୍ଷା, ପରାମର୍ଶ ଓ ଥଇଥାନ ବ୍ୟବସ୍ଥା ଯୋଗାଇଦେବାକୁ ବିଜେଡି ଦାବି କରିଛି। ଠିକ୍ ସମୟରେ ଛାତ୍ରୀଙ୍କ ଗର୍ଭଧାରଣ ସମ୍ପର୍କରେ ଜାଣିବା ଓ ତାଙ୍କ ସୁରକ୍ଷା ତଥା ସୁସ୍ଥତା ନିଶ୍ଚିତ କରିବାରେ ବିଫଳ ହୋଇଥିବା ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଉତ୍ତରଦାୟିତ୍ୱ ମଧ୍ୟ ନିର୍ଦ୍ଧାରଣ କରିବାକୁ ଦଳ ଦାବି କରିଛି। ଗୁରୁବାର ବିଜେଡିର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ବାରିପଦା ପିଆରଏମ ମେଡିକାଲ କଲେଜ ଓ ହସ୍ପିଟାଲ, ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଓ ବିଦ୍ୟାଳୟ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ପ୍ରତିନିଧି ଦଳରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ପୂର୍ବତନ ବଡ଼ସାହି ବିଧାୟକ ଗଣେଶ୍ୱର

ଦୋଷୀଙ୍କୁ ତୁରନ୍ତ ଗିରଫ, ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ ଓ ପୀଡ଼ିତାଙ୍କ ସୁରକ୍ଷା ଦାବି

ପାତ୍ର, ଜିଲ୍ଲା ପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ, ଧାନୀ କିସ୍କୁ, ସନ୍ତୋଷ ଜେନା, ଜ୍ୟୋତିକାନ୍ତ ସାମଲ, ସୁଶାନ୍ତ ବଳା, ରାଜୀବଲୋଚନ ସେନାପତି, ହରେନ୍ଦ୍ର ବେହେରା, ରାମନ୍ଦୁ ସୋରେନ, ଅନୁପମା ମହାନ୍ତ, ମନୀଷ ଗିରି ଓ ଚିତେଶ୍ୱର ବେହେରା ପ୍ରମୁଖ ସାମିଲ ଥିଲେ। ଧାନି କିସ୍କୁଙ୍କ ସହ ପରିଦର୍ଶନ କରିଥିଲେ। ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ରାଜ୍ୟ ସରକାର ତୁରନ୍ତ ହସ୍ତକ୍ଷେପ କରିବା ସହ ନିର୍ଣ୍ଣାୟକ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିନିଧି ଦଳ ଦାବି କରିଥିଲା। ଆସନ୍ତାକାଲି ସୁଦ୍ଧା ସରକାରଙ୍କ ପକ୍ଷରୁ ଠୋସ୍ ଓ ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରା ନ ଗଲେ ବିଜେଡି ସରକାରଙ୍କ ବିରୋଧରେ ଗଣତାନ୍ତ୍ରିକ ଆନ୍ଦୋଳନ ଆରମ୍ଭ କରିବ ବୋଲି ଚେତାବନୀ ଦେଇଛି। ଅପରପକ୍ଷରେ ପ୍ରଶାସନ ପକ୍ଷରୁ ଏକ ତଦନ୍ତକାରୀ ଦଳ ମଧ୍ୟ ଘଟଣାର ତଦନ୍ତ ଚଳାଇଛି।

ଶିମିଳିପାଳରେ ବିଛାର ନୂଆ ପ୍ରଜାତି ଆବିଷ୍କାର

ଓଡ଼ିଶାରେ ପ୍ରଥମଥର ମିଳିଲା 'ଲିଓଚେଲିସ୍' ବଂଶ



ବାରିପଦା, ୫।୧୧(ସମିସ): ପ୍ରସିଦ୍ଧ ଜାତୀୟ ଉଦ୍ୟାନ ତଥା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରୁ ବିଛାର ଏକ ନୂଆ ପ୍ରଜାତି ଠାବ ହୋଇଛି। ରାଜ୍ୟରେ ପ୍ରଥମଥର ପାଇଁ ବିଛାର ବିରଳ 'ଲିଓଚେଲିସ୍' ବଂଶର ସନ୍ଧାନ ମିଳିଥିବାବେଳେ ଶିମିଳିପାଳ ନାମାନୁସାରେ ଏହାର ନାମ 'ଲିଓଚେଲିସ୍ ଶିମିଳିପାଳେନ୍ସିସ୍' ରଖାଯାଇଛି। ଏଥିସହିତ ଏହି ବଂଶର ଜଣାଶୁଣା ପ୍ରଜାତି ସଂଖ୍ୟା ୭କୁ ବୃଦ୍ଧି ପାଇଛି। ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ କର୍ତ୍ତୃପକ୍ଷ ଓ ମହାରାଷ୍ଟ୍ରର ଠାକରେ ୱାଇଲ୍ଡଲାଇଫ୍ ଫାଉଣ୍ଡେସନ୍ (ଟିଡବ୍ଲ୍ୟୁଏଫ୍)ର ଗବେଷକଙ୍କ ମିଳିତ ଉଦ୍ୟମରେ ଏହି ଗୁରୁତ୍ୱପୂର୍ଣ୍ଣ ଆବିଷ୍କାର ସମ୍ଭବ ହୋଇଛି। ଗବେଷକ ସୌରଭ କିନିଙ୍ଗେ, ତେଜସ ଠାକରେ, ଅକ୍ଷୟ ଖାଣ୍ଡେକର ଓ ଶିମିଳିପାଳର କ୍ଷେତ୍ର ନିର୍ଦ୍ଦେଶକ ଡ ପ୍ରକାଶ ଚାନ୍ଦ ଗୋଗିନେନିଙ୍କ ତତ୍ତ୍ୱାବଧାନରେ ଏହି ଅଧ୍ୟୟନ ସମ୍ପୂର୍ଣ୍ଣ ହୋଇଛି। ପ୍ରଥମେ ବନ କର୍ମଚାରୀ ଏହାକୁ ଠାବ କରିବା ପରେ ନମୁନା ପରୀକ୍ଷା ପାଇଁ ଟିଡବ୍ଲ୍ୟୁଏଫ୍‌କୁ ପଠାଇଥିଲେ। ଏହି ନୂତନ ପ୍ରଜାତି ବିଛାର ଲମ୍ବ ପ୍ରାୟ ୪୪ରୁ ୫୩ ମିଲିମିଟର (ପ୍ରାୟ ୫ ସେମି)। ଏହାର ଶରୀର କଳା ରଙ୍ଗର ଓ ତାହା ଉପରେ ଏକ ସ୍ୱତନ୍ତ୍ର ନୀଳ ଚମକ ରହିଛି। ସମୁଦ୍ର ପତ୍ତନରୁ ପ୍ରାୟ ୧,୦୦୦ ମିଟର ଉଚ୍ଚରେ ଥିବା ଆର୍ଦ୍ର ପର୍ଣ୍ଣମୋଚୀ ଜଙ୍ଗଲର ପଥୁରିଆ ଅଞ୍ଚଳରୁ ଏହି ପ୍ରଜାତି ମିଳିଛି। ଗୋଡ଼ର ତଳ ଅଂଶରେ ଥିବା ସୂକ୍ଷ୍ମ କେଶ ସଦୃଶ ଗଠନ (ସେଟେ) ଓ ଶରୀରର ବିଭିନ୍ନ ଭାଗରେ ଥିବା ଗଠନଗତ ବିଶେଷତା ଯୋଗୁଁ ଏହା ଅନ୍ୟ ୬ଟି ପ୍ରଜାତିଠାରୁ ଭିନ୍ନ ବୋଲି ପ୍ରମାଣିତ ହୋଇଛି। ଏହି ଆବିଷ୍କାର ଓଡ଼ିଶା ଓ ଭାରତର ପ୍ରାଣୀ ବିବିଧତା ତାଲିକାରେ ଏକ ନୂତନ ଅଧ୍ୟାୟ ଯୋଡ଼ିଛି। ଶିମିଳିପାଳ ବ୍ୟତୀତ ଦେଶର ଅନ୍ୟ କେଉଁ ଅଞ୍ଚଳରେ ଏହି ପ୍ରଜାତି ରହିଛି, ତାହା ଜାଣିବା ପାଇଁ ଅଧିକ ଫିଲ୍ଡ ସର୍ଭେ ଓ ଡିଏନ୍ଏ ପରୀକ୍ଷା ଆବଶ୍ୟକ ବୋଲି ଗବେଷକ ପ୍ରକାଶ କରିଛନ୍ତି।

ଶକ୍ତି ସଂରକ୍ଷଣ ଓ ପରିବେଶ ସଚେତନତା ପାଇଁ ଟିପିଏନ୍ଓଡିଏଲ୍ ପକ୍ଷରୁ 'ଉର୍ଜା ମେଳା'

ବାଲେଶ୍ୱର, ୫।୧୧(ସମିସ): ଟିପିନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏନ୍ଓଡିଏଲ) ପକ୍ଷରୁ ଏହାର ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର୍) କାର୍ଯ୍ୟକ୍ରମ 'କ୍ଲବ୍ ଏନର୍ଜି' ଅଧୀନରେ ବାଲେଶ୍ୱରସ୍ଥିତ ସିପେଟ୍ ପରିସରରେ କ୍ଲଷ୍ଟରସ୍ତରୀୟ 'ଉର୍ଜା ମେଳା ୨୦୨୬' ଆୟୋଜିତ ହୋଇଯାଇଛି। ଏଥିରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝରଓ ମୟୂରଭଞ୍ଜ ଜିଲ୍ଲାରୁ ୪୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ନିଜର ସୃଜନଶୀଳତା ଓ ଅଭିନବ ଚିନ୍ତାଧାରା ପ୍ରଦର୍ଶନ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶକ୍ତି ସଂରକ୍ଷଣ, ବୈଜ୍ଞାନିକ ଚିନ୍ତାଧାରା ଓ ପରିବେଶ ସୁରକ୍ଷା ପ୍ରତି ସଚେତନତା ଏବଂ ଦାୟିତ୍ୱବୋଧ ସୃଷ୍ଟି କରିବା ଲକ୍ଷ୍ୟରେ ଟିପିଏନ୍ଓଡିଏଲ୍ ପକ୍ଷରୁ 'କ୍ଲବ୍ ଏନର୍ଜି' ମାଧ୍ୟମରେ ଏହାର କାର୍ଯ୍ୟକ୍ଷେତ୍ର ଅନ୍ତର୍ଗତ ୫ଟି ଜିଲ୍ଲାର ୧୨୫ଟି ବିଦ୍ୟାଳୟରେ ବିଜୁଳି ସଞ୍ଚୟ, ସମ୍ବଳର ସୁବିନିଯୋଗ ଓ ପରିବେଶ ଅନୁକୂଳ ଜୀବନଶୈଳୀ ସମ୍ପର୍କରେ ସଚେତନତାମୂଳକ କାର୍ଯ୍ୟକ୍ରମ ଜାରି ରହିଛି। ଏହି କ୍ରମରେ ଉର୍ଜା ମେଳାରେ ଆୟୋଜିତ ବିଜ୍ଞାନ ପ୍ରଦର୍ଶନୀ, କୁଇଜ୍, ପୋଷ୍ଟର ପ୍ରସ୍ତୁତି ଓ ବର୍ଜ୍ୟବସ୍ତୁରୁ ଉପଯୋଗୀ ସାମଗ୍ରୀ ତିଆରି ପ୍ରତିଯୋଗିତାରେ ଛାତ୍ରଛାତ୍ରୀ ନିଜର ବୈଜ୍ଞାନିକ ଚିନ୍ତାଧାରା, ସୃଜନଶୀଳତା ଏବଂ ପରିବେଶ ସମସ୍ୟାର ସମାଧାନ ପାଇଁ ଅଭିନବ ଉପାୟ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ବାଲେଶ୍ୱର ଜିଲ୍ଲା ଶିକ୍ଷାଧିକାରୀ ବସନ୍ତ କୁମାର ନାୟକ, ଉପ ଆରକ୍ଷୀ ଅଧୀକ୍ଷକ ପ୍ରେମ ପ୍ରଜ୍ଞା ମହାନ୍ତି, ଟାଟା ପାୱାରର ବିଦ୍ୟୁତ୍ ସଞ୍ଚାରଣ ଓ ବିତରଣ କ୍ଷେତ୍ରର ସିଏସ୍ଆର୍ ପ୍ରମୁଖ ପଙ୍କଜ କୁମାର ସିଂହ, ଟିପିଏନ୍ଓଡିଏଲ୍‌ର ବାଣିଜ୍ୟିକ ସେବା ଓ ବ୍ୟବସାୟିକ ଉତ୍କର୍ଷତା ମୁଖ୍ୟ ସୁଭଦୀପ ରାୟଚୌଧୁରୀ, ପ୍ରକଳ୍ପ ମୁଖ୍ୟ ପ୍ରଦୀପ କୁମାର ମହାନ୍ତି, ସୌରୀକରଣ ମୁଖ୍ୟ ଯନ୍ତ୍ରୀ ରାଜୀବ କୁମାର ନାୟକ, ସିପେଟ୍ ବାଲେଶ୍ୱରର ନିର୍ଦ୍ଦେଶକ ପି. ସି. ପାଢ଼ୀ, ଟିପିଏନ୍ଓଡିଏଲ୍‌ର ମାନବ ସମ୍ବଳ ଓ ପ୍ରଶାସନ ମୁଖ୍ୟ ରମେନ୍ଦ୍ର ବାନିକ ଏବଂ ସିଏସ୍ଆର୍ ମୁଖ୍ୟ ରଞ୍ଜନ ଶର୍ମାଙ୍କ ସମେତ ଅନ୍ୟାନ୍ୟ ଅତିଥି, ଶିକ୍ଷାବିତ୍ ଓ ବିଭିନ୍ନ ଅନୁଷ୍ଠାନ ପ୍ରତିନିଧି ଉପସ୍ଥିତ ଥିଲେ। ଅତିଥିମାନେ ଟିପିଏନ୍ଓଡିଏଲ୍‌ର ଏହି ପଦକ୍ଷେପ ଓ ଛାତ୍ରଛାତ୍ରୀଙ୍କ ଉଦ୍ୟମକୁ ପ୍ରଶଂସା କରିବା ସହ ସେମାନଙ୍କୁ 'ଏନର୍ଜି ଚାମ୍ପିଅନ୍' ଭାବେ ବିଦ୍ୟାଳୟ, ପରିବାର ଓ ସମାଜରେ ବିଜୁଳି ସଞ୍ଚୟ ଏବଂ ପରିବେଶ ସୁରକ୍ଷାର ବାର୍ତ୍ତା ପ୍ରସାର କରିବାକୁ ଉତ୍ସାହିତ କରିଥିଲେ। ଏହି ପଦକ୍ଷେପ ସମ୍ପର୍କରେ ଟିପିଏନ୍ଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଷ୍ୟନ୍ତ କୁମାର ତ୍ୟାଗୀ କହିଛନ୍ତି, 'ଶକ୍ତି ସଂରକ୍ଷଣ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ସକାରାତ୍ମକ ପରିବର୍ତ୍ତନ ଆଣିବାରେ ଛାତ୍ରଛାତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। 'କ୍ଲବ୍ ଏନର୍ଜି' ମାଧ୍ୟମରେ ଆମର ଲକ୍ଷ୍ୟ କେବଳ ସଚେତନତା ସୃଷ୍ଟି କରିବା ନୁହେଁ, ବରଂ ପିଲାଦିନରୁ ବିଜୁଳି ସଞ୍ଚୟ ଓ ପରିବେଶ ଅନୁକୂଳ ଅଭ୍ୟାସକୁ ଦୈନନ୍ଦିନ ଜୀବନର ଅଂଶ କରିବା।



ଉତ୍ତର ଓଡ଼ିଶାର ୫ଟି ଜିଲ୍ଲାରୁ ୪୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ

ଉର୍ଜା ମେଳା ଭଳି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ସୃଜନଶୀଳତା ଓ ନବସୃଜନକୁ ପ୍ରୋତ୍ସାହିତ କରିବା ସହ ଏକ ସବୁଜ ଓ ସ୍ଥାୟୀ ଭବିଷ୍ୟତ ଗଠନରେ ସହଭାଗୀ ହେବାକୁ ସେମାନଙ୍କୁ ପ୍ରେରଣା ଯୋଗାଇବ। ସୂଚନାଯୋଗ୍ୟ ଯେ, ଟିପିଏନ୍ଓଡିଏଲ୍ ପକ୍ଷରୁ ସିପେଟ୍ ସହଯୋଗରେ ୨୫ଟି ବିଦ୍ୟାଳୟରେ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା କର୍ମଶାଳା ଆୟୋଜନ କରାଯାଇଛି। ଏହି କର୍ମଶାଳାଗୁଡ଼ିକ ମାଧ୍ୟମରେ ପ୍ଲାଷ୍ଟିକ୍‌ର ସଚେତନ ବ୍ୟବହାର, ବର୍ଜ୍ୟବସ୍ତୁ ପୃଥକୀକରଣ ଓ ପୁନଃଚକ୍ରୀକରଣ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଛି। ଶେଷରେ ବିଭିନ୍ନ ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା। 'କ୍ଲବ୍ ଏନର୍ଜି' ଓ "ଉର୍ଜା ମେଳା' ଭଳି ପଦକ୍ଷେପ ମାଧ୍ୟମରେ ଟିପିଏନ୍ଓଡିଏଲ୍ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶକ୍ତି ସଂରକ୍ଷଣ ଓ ପରିବେଶ ସୁରକ୍ଷା ପ୍ରତି ଦାୟିତ୍ୱବୋଧ ସୃଷ୍ଟି କରି ଏକ ସବୁଜ ଓ ସ୍ଥାୟୀ ଭବିଷ୍ୟତ ଗଠନ ଦିଗରେ ନିଜର ପ୍ରୟାସ ଜାରି ରଖିଛି।

ଓରମାସ୍ ପକ୍ଷରୁ ସ୍ୱତନ୍ତ୍ର ଦୀପାବଳି ହସ୍ତଶିଳ୍ପ ଷ୍ଟଲ୍ ଉଦ୍‌ଘାଟିତ

ଗ୍ରାମୀଣ ମହିଳା ଏସ୍ଏଚ୍‌ଜି, ଉତ୍ପାଦକ ଗୋଷ୍ଠୀ ଓ ସ୍ଥାନୀୟ କାରିଗରଙ୍କ ଉତ୍ପାଦକୁ ବଜାର ସୁଯୋଗ ପ୍ରଦାନ ଉପରେ ଗୁରୁତ୍ୱ



ବାରିପଦା, ୫।୧୧(ସମିସ): ଗ୍ରାମୀଣ ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ଉତ୍ପାଦକ ଗୋଷ୍ଠୀ ଓ ସ୍ଥାନୀୟ କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ପ୍ରଚାରପ୍ରସାର ଓ ବିକ୍ରୟ ପାଇଁ ବଜାର ସୁଯୋଗ ସୃଷ୍ଟି ଉଦ୍ଦେଶ୍ୟରେ ଓରମାସ୍ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର ଦୀପାବଳି ହସ୍ତଶିଳ୍ପ ଷ୍ଟଲ୍‌କୁ ଗୁରୁବାର ମୟୂରଭଞ୍ଜ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଏ ଅବସରରେ ମୁଖ୍ୟ ଅତିଥି ଶ୍ରୀ ବେହେରା କହିଛନ୍ତି, ଏଭଳି ଷ୍ଟଲ୍ ଗ୍ରାମୀଣ ଉଦ୍ୟୋଗୀ, ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଓ ସ୍ଥାନୀୟ କାରିଗରଙ୍କ ପାଇଁ ନିଜସ୍ୱ ଉତ୍ପାଦକୁ ଲୋକଲୋଚନକୁ ଆଣିବା ସହ ଉପଯୁକ୍ତ ବଜାର ସଂଯୋଗ ସ୍ଥାପନର ଏକ ଉତ୍ତମ ମାଧ୍ୟମ ବୋଲି ପ୍ରକାଶ କରିଥିଲେ। ଏହାଦ୍ୱାରା ସେମାନଙ୍କ ଉତ୍ପାଦର ଚାହିଦା ବୃଦ୍ଧି, ଆୟ ବୃଦ୍ଧି ଓ ଗ୍ରାମୀଣ ଜୀବିକାକୁ ସୁଦୃଢ଼ କରିବାରେ ସହାୟତା ମିଳିପାରିବ ବୋଲି ସେ ମତପ୍ରକାଶ କରିଥିଲେ। ଏଥିସହ ସ୍ଥାନୀୟ ହସ୍ତଶିଳ୍ପ ଓ ପାରମ୍ପରିକ କଳାକୃତିର ସଂରକ୍ଷଣ ସହ ଏହାର ବ୍ୟବହାର ଓ ବଜାର ଚାହିଦା ବୃଦ୍ଧି ପାଇଁ ସାଧାରଣ ଲୋକଙ୍କୁ ଏଭଳି ଉତ୍ପାଦ କ୍ରୟ କରିବାକୁ ଆହ୍ୱାନ ଜଣାଇଥିଲେ।

ଏହି ସ୍ୱତନ୍ତ୍ର ଷ୍ଟଲ୍‌ରେ ଗ୍ରାମୀଣ ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ଉତ୍ପାଦକ ଗୋଷ୍ଠୀ, କୃଷକ ଉତ୍ପାଦକ ସଂଗଠନ ଓ ସ୍ଥାନୀୟ କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ହସ୍ତଶିଳ୍ପ ସାମଗ୍ରୀ, ପରିବେଶ ଅନୁକୂଳ ମାଟିରେ ନିର୍ମିତ ଟେରାକୋଟା ସାମଗ୍ରୀ ଓ ପାରମ୍ପରିକ କଳାକୃତି ପ୍ରଦର୍ଶିତ ହୋଇଛି। ଦୀପାବଳି ଉତ୍ସବକୁ ଦୃଷ୍ଟିରେ ରଖି ଏହି ସାମଗ୍ରୀ ଉପଭୋକ୍ତାଙ୍କୁ ସ୍ଥାନୀୟ ଉତ୍ପାଦ ଓ ପାରମ୍ପରିକ କାରିଗରୀ ସହ ପରିଚିତ କରାଇବା ପାଇଁ ସୁଯୋଗ ପ୍ରଦାନ କରୁଛି।

ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଓରମାସ୍‌ର ଡେପୁଟି ସିଇଓ ଭାଗ୍ୟଲକ୍ଷ୍ମୀ ରାଉତ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିଶିର କୁମାର ମୁନ୍ଦୁୟା, ପ୍ରୋଜେକ୍ଟ ମ୍ୟାନେଜର (ଜୀବିକା) ମଧୁସ୍ମିତା ଭୂୟାଁ, ପ୍ରୋଜେକ୍ଟ ମ୍ୟାନେଜର (ଗ୍ରାମୀଣ ଗୃହ ନିର୍ମାଣ) କନ୍ୟାକୁମାରୀ ମିଶ୍ର, ମୟୂରଭଞ୍ଜ ସବାଇ ଫାର୍ମର୍ସ ପ୍ରଡ୍ୟୁସର କମ୍ପାନୀ ଲିମିଟେଡ୍‌ର ସଦସ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ଓରମାସ୍ ମୟୂରଭଞ୍ଜର ସମସ୍ତ କର୍ମଚାରୀ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।

ଈଶ୍ୱର ବିନ୍ଧାଣୀଙ୍କ ଘରେ ଇଡି ଚଢ଼ଉର ନୂଆ ମୋଡ଼

କପ୍ତିପଦା, ୫।୧୧(ସମିସ): ଈଶ୍ୱର ବିନ୍ଧାଣୀଙ୍କ ଘରେ ୧୭ ଘଣ୍ଟା ଧରି ଚଢ଼ଉ କରୁଥିଲା ଇଡି। ଆସିଲା ବଡ଼ ଟ୍ୱିଷ୍ଟ୍। ଘରୁ ମିଳିଲା ବନ୍ୟଜନ୍ତୁଙ୍କ ଦେହାବଶେଷ। ବେଆଇନ ଆର୍ଥିକ କାରବାର ଓ ୧୨୨ କୋଟି ଟଙ୍କାର ଠକେଇ ଅଭିଯୋଗରେ ଦୀର୍ଘ ୧୭ ଘଣ୍ଟା ଧରି ଚଢ଼ଉ କରିଥିଲା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। ଏହି ଚଢ଼ଉ ଭିତରେ ଆସିଲା ଏକ ନୂଆ ମୋଡ଼। ଘରୁ ବନ୍ୟଜନ୍ତୁଙ୍କ ଶିଙ୍ଗ ଓ ଦାନ୍ତ ମିଳିବା ପରେ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିଛି।

ସୂଚନା ମୁତାବକ, ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଥାନା ଅନ୍ତର୍ଗତ ବିଶୋଳ ଗ୍ରାମର ଈଶ୍ୱର ବିନ୍ଧାଣୀଙ୍କ ଘରେ କଳ୍ପନା ଫାଇନାନ୍ସ ସର୍ଭିସେସ ସଂସ୍ଥାର ୧୨୨ କୋଟି ଟଙ୍କା ଠକେଇ ମାମଲାରେ ଇଡି ପକ୍ଷରୁ ଚଢ଼ଉ କରାଯାଇଥିଲା। ବେଆଇନ ଆର୍ଥିକ କାରବାର ସମ୍ପର୍କିତ ତଥ୍ୟ ଓ ଦସ୍ତାବିଜ ଖୋଜିବା ପାଇଁ ଇଡି ଅଧିକାରୀ ଘର ଭିତରେ ଯାଞ୍ଚ କରିଥିଲେ। ଇଡିର ଚଢ଼ଉ ଚାଲିଥିବାବେଳେ ପ୍ରାୟ ୧୩ ଘଣ୍ଟା ପରେ ବନ ବିଭାଗ ଅଧିକାରୀ ସେଠାରେ ପହଞ୍ଚିଥିଲେ। ଘରେ ଯାଞ୍ଚ କରିବା ପରେ ବନ ବିଭାଗ ହରିଣ ଶିଙ୍ଗ ଓ ହାତୀର ଦାନ୍ତ ଜବତ କରିଥିବା ଜଣାପଡ଼ିଛି। ଏହି ବନ୍ୟଜନ୍ତୁଙ୍କ ଅଙ୍ଗପ୍ରତ୍ୟଙ୍ଗକୁ ଘରେ ବେଆଇନ ଭାବେ ରଖାଯାଇଥିବା ଅଭିଯୋଗ ହୋଇଛି। ପରେ ବନ ବିଭାଗ ଈଶ୍ୱର ବିନ୍ଧାଣୀଙ୍କୁ ଗିରଫ କରିବା ସହ ହରିଣ ଶିଙ୍ଗ ଓ ହାତୀ ଦାନ୍ତ ଜବତ କରିଛି। ଅନ୍ୟପକ୍ଷରେ ଇଡି ଚଢ଼ଉ ସମୟରେ ଘରୁ ଜମିପଟ୍ଟା, କିଛି ଅଳଙ୍କାର ଓ ବ୍ୟାଙ୍କ ପାସବୁକ୍ ଜବତ କରିଥିବା ସୂଚନା ମିଳିଛି। ୧୨୨ କୋଟି ଟଙ୍କାର ଠକେଇ ଅଭିଯୋଗ ସହ ଜଡ଼ିତ ଆର୍ଥିକ କାରବାରର ତଦନ୍ତ ପାଇଁ ଇଡି ଏହି ଦସ୍ତାବିଜ ଓ କାଗଜପତ୍ର ଜବତ କରିଛି। ଗୋଟିଏ ପଟେ ଇଡି ଆର୍ଥିକ ଠକେଇ ମାମଲାର ତଦନ୍ତ କରୁଥିବାବେଳେ ଅନ୍ୟପଟେ ବନ ବିଭାଗ ବନ୍ୟଜନ୍ତୁଙ୍କ ଅଙ୍ଗପ୍ରତ୍ୟଙ୍ଗ ଜବତ ଘଟଣାରେ ଆଇନଗତ ପଦକ୍ଷେପ ନେଇଛି। ଉଭୟ ବିଭାଗର ତଦନ୍ତ ପରେ ଏହି ମାମଲାର ଅଧିକ ତଥ୍ୟ ସାମ୍ନାକୁ ଆସିବା ଆଶା କରାଯାଉଛି।

ଡୁକୁରା ଡାକ୍ତରଖାନା ସୁଇପରଙ୍କୁ ମାଡ଼ ଅଭିଯୋଗ


କୁଆମରା, ୫।୧୧(ସମିସ): ମୟୂରଭଞ୍ଜ ଜିଲ୍ଲା ଡୁକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କାର୍ଯ୍ୟରତ ସୁଇପରଙ୍କୁ ଡାକ୍ତରଖାନାର ଅନ୍ୟଜଣେ ସୁଇପର ଓ କର୍ମଚାରୀ ନିସ୍ତୁକ ମାଡ଼ ମାରିବା ନେଇ ଖୁଣ୍ଟା ଥାନାରେ ଅଭିଯୋଗ ହୋଇଛି। ଉକ୍ତ ଦୁଇ କର୍ମଚାରୀ ଡାକ୍ତରଖାନା ପରିସରରେ ଥିବା ଏକ ଗୃହ ମଧ୍ୟରେ ନିଶାସକ୍ତ ଅବସ୍ଥାରେ ଶୋଇଥିବାବେଳେ ସୁଇପର ଅମିତାଭ ନାଏକ ସେମାନଙ୍କୁ ଡାକିବାକୁ ଯାଇଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଲାବ୍ରୋଟୋରୀ ଟେକ୍ନିସିଆନ୍ ଓ ସୁଇପର ଜଣକ ତାଙ୍କୁ ମାଡ଼ ମାରିବା ଯୋଗୁଁ ସେ ଆହତ ହୋଇଥିଲେ। ପରେ ଉକ୍ତ ଡାକ୍ତରଖାନାରେ ଚିକିତ୍ସା ହୋଇ ସୁସ୍ଥ ହେବା ପରେ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ଅମିତାଭଙ୍କ ଅଭିଯୋଗ କ୍ରମେ କାର୍ଯ୍ୟରତ ଦୁଇ ଅଭିଯୁକ୍ତ ସୁଇପର ପ୍ରଦୀପ ବେହେରା ଓ ଟେକ୍ନିସିଆନ କୃଷ୍ଣଚନ୍ଦ୍ର ମହାନ୍ତିଙ୍କ ବିରୁଦ୍ଧରେ ୨୯୨/୨୬ରେ ଏକ ମାମଲା ରୁଜୁ ହୋଇଥିବାବେଳେ ଡୁକୁରା ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପତି ତଦନ୍ତ ଚଳାଇଛନ୍ତି।

କିଡ୍‌ନୀ ରୋଗରେ ପୀଡ଼ିତ ଯୁବ ବ୍ୟବସାୟୀଙ୍କ ପରଲୋକ

କୁଆମରା, ୫।୧୧(ସମିସ): ଗୋପବନ୍ଧୁ ନଗର ବ୍ଲକ କୁଆମରା ପଞ୍ଚାୟତ କଡଦା ଗ୍ରାମର ଜଣେ ଯୁବ ବ୍ୟବସାୟୀଙ୍କର କିଡ୍‌ନୀ ରୋଗରେ ପରଲୋକ ଘଟିଛି। ସେ ହେଲେ ଆଦିତ୍ୟ ପ୍ରସାଦ ଦାସ (୪୦)। ପ୍ରାୟ ୫ ବର୍ଷ ହେବ ସ୍ଥାନୀୟ ଭୋଲ ପୋଖରୀ ଛକରେ ଦୋକାନ କରିଥିଲେ। କିଛି ଦିନ ତଳେ ସେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଡାକ୍ତରଙ୍କ ପରାମର୍ଶ କ୍ରମେ ଘରେ ଚିକିତ୍ସିତ ହେଉଥିଲେ। ତେବେ ସପ୍ତାହ ତଳେ ସେ ଅଧିକ ଅସୁସ୍ଥ ହୋଇ ପଡ଼ିବାରୁ ତାଙ୍କୁ କଟକ ସ୍ଥିତ ଏକ ଘରୋଇ ଡାକ୍ତରଖାନାକୁ ନିଆଯାଇଥିଲା। ତେବେ ଗତକାଲି ସେ ଘରକୁ ଫେରି ଆସିଥିଲେ। ମାତ୍ର ରାତିରେ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ ଓ ତାଙ୍କର ବିୟୋଗ ଘଟିଥିଲା। ଆଜି ଶେଷ କୃତ୍ୟ ସଂପନ୍ନ ହୋଇଥିବା ବେଳେ ତାଙ୍କ ବିପକ୍ଷରେ ବଜାର କମିଟି ପକ୍ଷରୁ ଶୋକ ପାଳନ କରିବା ସହ ବଜାର ବନ୍ଦ ରହିଥିଲା। ଆଦିତ୍ୟ ଙ୍କର ସ୍ତ୍ରୀ ଓ ଏକ ମାତ୍ର ୮ ବର୍ଷର ପୁତ୍ର ସନ୍ତାନ ଅଛନ୍ତି।

ବିଜାତଳା ପୋଲ ଉପରେ ଅଟକିଛି ମୁଖ୍ୟମନ୍ତ୍ରୀ ବସ୍

ଶୋଇଛି ପ୍ରଶାସନ, ଯାତାୟାତ ବାଧାପ୍ରାପ୍ତ



ରାଇରଙ୍ଗପୁର, ୫।୧୧(ସମିସ): ମୟୂରଭଞ୍ଜ ଜିଲ୍ଲା ବିଜାତଳା ବାଙ୍କବଳ ନଦୀ ପୋଲ ଉପରେ ଏବେ ଯାତାୟାତ କରୁଥିବା ଯାତ୍ରୀ ଓ ସ୍ଥାନୀୟ ଲୋକଙ୍କ ପାଇଁ ଏକ ବଡ଼ ବିପଦ ସୃଷ୍ଟି ହୋଇଛି। ୫ରୁ ୬ ଦିନ ଧରି ପୋଲ ଉପରେ ଗୋଟିଏ ସରକାରୀ "ମୁଖ୍ୟମନ୍ତ୍ରୀ ବସ୍' ଅଚଳ ଅବସ୍ଥାରେ ଛିଡ଼ା ହୋଇରହିଛି। ଫଳରେ ସଂକୀର୍ଣ୍ଣ ପୋଲରେ ଯାନବାହନ ଚଳାଚଳରେ ଘୋର ବାଧା ସୃଷ୍ଟି ହେବା ସହ ଯେକୌଣସି ମୁହୂର୍ତ୍ତରେ ବଡ଼ଧରଣର ଦୁର୍ଘଟଣା ଘଟିବା ଆଶଙ୍କା ଦେଖାଦେଇଛି। ଦିନରାତି ଶହ ଶହ ଗାଡ଼ି ଏହି ରାସ୍ତା ଦେଇ ଯାତାୟାତ କରୁଥିବାବେଳେ ଏତେଦିନ ଧରି ବସ୍‌ଟି ଅଚଳ ହୋଇ ପଡ଼ିରହିଥିଲେ ମଧ୍ୟ ବିଭାଗୀୟ ଅଧିକାରୀ କିମ୍ବା ସ୍ଥାନୀୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ଯଦି କୌଣସି ଜୀବନହାନି କିମ୍ବା ବଡ଼ ଅଘଟଣ ଘଟେ, ତେବେ ଏଥିପାଇଁ କିଏ ଦାୟୀ ରହିବ ବୋଲି ସ୍ଥାନୀୟ ଜନସାଧାରଣ ପ୍ରଶ୍ନ କରିଛନ୍ତି। ରାସ୍ତାରୁ ତୁରନ୍ତ ଉକ୍ତ ବସ୍‌କୁ ହଟାଇ ଯାତାୟାତ ସ୍ୱାଭାବିକ କରିବା ପାଇଁ ପରିବହନ ବିଭାଗ ଓ ଜିଲ୍ଲା ପ୍ରଶାସନ ନିକଟରେ ଜନସାଧାରଣ ଦୃଢ଼ ଦାବି କରିଛନ୍ତି।

ବିଦ୍ୟୁତ୍ ସଂଯୋଗ ନେଇ ଦୁଇ ସାହି ମଧ୍ୟରେ ବଚସା ପରେ ରାସ୍ତାରୋକ

ମୋରଡା, ୫।୧୧(ସମିସ)


ଦୁଇଟି ଟ୍ରାନ୍ସଫର୍ମରରୁ ଚୋରି, ଅନ୍ଧାରରେ ଅଞ୍ଚଳବାସୀ
ପାଟ୍ରୋଲିଂ କରୁନି ପୁଲିସ ଓ ବିଭାଗ, ଚୋର ସକ୍ରିୟ:ଗ୍ରାମବାସୀ

ମୋରଡା ଥାନା ଅଞ୍ଚଳରେ ଗୋଟିଏ ସ୍ଥାନରୁ ବାରମ୍ବାର ଟ୍ରାନ୍ସଫର୍ମରରୁ ଚୋରି ହେବାକୁ ଯୋଗୁଁ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଉକ୍ତ ଥାନା ଅଧୀନ ନୂଆଗାଁ ପଞ୍ଚାୟତର ଛୋଟରାୟପୁର ଗ୍ରାମର ଉପରସାହିରେ ଗତ ଅକ୍ଟୋବର ୨୭ ତାରିଖ ରାତିରେ ଏକ ୨୫ କେଭି ଟ୍ରାନ୍ସଫର୍ମରରୁ ଚୋରି ହୋଇଥିଲା। ଏ ନେଇ ଥାନାରେ ଅଭିଯୋଗ ମଧ୍ୟ ହୋଇଥିଲା। ବିଦ୍ୟୁତ ବିଭାଗ ପକ୍ଷରୁ ନଭେମ୍ବର ମାସ ୧ ତାରିଖରେ ଏକ ନୂତନ ଟ୍ରାନ୍ସଫର୍ମର ବସିଥିଲା। କିନ୍ତୁ ଉକ୍ତ ରାତିରେ ଏହି ନୂତନ ଟ୍ରାନ୍ସଫର୍ମରରୁ ପୁଣି ଚୋରି ହେବା ଫଳରେ ଉପରସାହି ଲୋକେ ଅନ୍ଧାରରେ ରାତି କାଟୁଥିଲେ।

ଗତକାଲି ଅପରାହ୍ନ ୩ଟା ସମୟରେ ନିକଟସ୍ଥ ତଳସାହିରେ ଥିବା ୧୦୦ କେଭି ଟ୍ରାନ୍ସଫର୍ମରୁ ଉପରସାହିକୁ ବିଦ୍ୟୁତ ସଂଯୋଗ ଦେବାକୁ ବିଦ୍ୟୁତ ବିଭାଗ ପହଞ୍ଚିଥିବାବେଳେ ଭୋଲ୍ଟେଜ କମ ଓ ଟ୍ରାନ୍ସଫର୍ମର ପୋଡ଼ିଯିବା ଆଶଙ୍କା କରି ଲୋକେ ସଂଯୋଗ ଦେବାକୁ ବିରୋଧ କରିଥିଲେ। ଯାହାକୁ ନେଇ ଉଭୟ ସାହି ଲୋକେ ରାସ୍ତା ଅବରୋଧ କରିଥିଲେ। ଘଟଣାସ୍ଥଳରେ କନିଷ୍ଠ ଯନ୍ତ୍ରୀ ଜନ୍ମେଞ୍ଜୟ ଦାସ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା ଓ ରାତି ୩ଟା ସମୟରେ ସ୍ଥାନୀୟ ଏକ ପାଣିଟାଙ୍କି ପାଇଁ ବ୍ୟବହୃତ ହେଉଥିବା ୨୫ କେଭି ଟ୍ରାନ୍ସଫର୍ମରରୁ ଉପରସାହିକୁ ଅସ୍ଥାୟୀ ଭାବେ ବିଦ୍ୟୁତ ସଂଯୋଗ ଦିଆଯାଇଥିଲା।

ଆସନ୍ତାକାଲି ସୁଦ୍ଧା ଉପରସାହିରେ ଏକ ନୂତନ ଟ୍ରାନ୍ସଫର୍ମର ପୁଣି ବସାଯିବ ବୋଲି କହିଛନ୍ତି କନିଷ୍ଠ ଯନ୍ତ୍ରୀ ଦାସ। ତେବେ ଅଞ୍ଚଳରେ ଏମିତି ବାରମ୍ବାର ଚୋରି ହେବା ଫଳରେ ଲୋକେ ଅନ୍ଧାରରେ ରହିବାକୁ ନେଇ ଆଗାମୀ ଦିନରେ ଲୋକେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ମୋରଡା ଥାନା ଅଧିକାରୀ ସୁମିତ କୁମାର ସୋରେନଙ୍କୁ ପଚାରିବାରୁ ପୁଲିସ ପାଟ୍ରୋଲିଂ ଚାଲିଛି ଓ ଥାନା ଅଞ୍ଚଳ ବଡ଼ ଏରିଆ ହୋଇଥିବାରୁ ପାଟ୍ରୋଲିଂ ଗାଡ଼ି ଅନ୍ୟ ସ୍ଥାନକୁ ମଧ୍ୟ ଯାଉଛି। ଯାହାର ସୁଯୋଗ ଚୋରି ହେଉଛି। ବିଦ୍ୟୁତ ବିଭାଗ ପକ୍ଷରୁ ମଧ୍ୟ ପାଟ୍ରୋଲିଂ କରିବାର ନିୟମ ରହିଛି। ତେବେ ଯଥାଶୀଘ୍ର ଚୋର ଧରାପଡ଼ିବେ ବୋଲି କହିଛନ୍ତି।

ବିଶେଷ ଟିପ୍ପଣୀ



ମୋ' ବିରୁଦ୍ଧରେ ମହାଅଭିଯୋଗ ପ୍ରସ୍ତାବ ଆଣିଲେ ଡେମୋକ୍ରାଟ୍‌ମାନେ ବରବାଦ ହୋଇଯିବେ ।
-ଡୋନାଲ୍ଡ ଟ୍ରମ୍ପ (ଆମେରିକା ରାଷ୍ଟ୍ରପତି)




ଯାହା ହୋଇଯାଉ ପଛେ ମୁଁ ଡିସେମ୍ବରରେ ହିଁ ବାଂଲାଦେଶ ଫେରିଯିବି ।
-ଶେଖ୍ ହାସିନା ୱାଜେଦ୍
(ବାଂଲାଦେଶ ପୂର୍ବତନ ପ୍ରଧାନମନ୍ତ୍ରୀ

ଜେନ୍ Z

ପ୍ରଧାନମନ୍ତ୍ରୀ ମୋଦୀ ପୁଣିଥରେ ବିଫଳ ହୋଇଥିବାରୁ 'ଦିମାଗୀ ନକ୍ସଲ' ଶବ୍ଦର ବ୍ୟବହାର କରୁଛନ୍ତି । ଭୋଟ ଚୋରି ଅଭିଯୋଗ ଉପରେ ତାଙ୍କ ପାଖରେ କୌଣସି ଉତ୍ତର ନାହିଁ । ଭାରତର ସ୍ୱାର୍ଥକୁ ବିଦେଶୀ ଶକ୍ତିଙ୍କ ପାଖରେ ବନ୍ଧକ ରଖିଥିବା ପ୍ରସଙ୍ଗରେ ରାହୁଲ ଗାନ୍ଧୀଙ୍କ ଖୋଲା ବିତର୍କ ଆହ୍ୱାନର ମଧ୍ୟ ଜବାବ ଦେଉନାହାନ୍ତି ।
-@kharge

ଭାରତରେ ପ୍ରତି ମିନିଟ୍‌ରେ ପ୍ରଦୂଷଣ ନେଉଛି ୪ ଜୀବନ



ଦିନକୁ ୫୫୦୦, ବର୍ଷକୁ ୨୦ ଲକ୍ଷରୁ ଅଧିକ ମୃତ୍ୟୁ

ନୂଆଦିଲ୍ଲୀ,୫ ।୧୧(ଏଜେନ୍ସି): ବାୟୁ ପ୍ରଦୂଷଣ ଭାରତରେ ଏକ ଗମ୍ଭୀର ଜନସ୍ୱାସ୍ଥ୍ୟ ସଙ୍କଟରେ ପରିଣତ ହୋଇଛି । 'ଷ୍ଟେଟ୍ ଅଫ୍ ଗ୍ଲୋବାଲ୍ ଏୟାର୍-୨୦୨୫' ରିପୋର୍ଟ ଅନୁଯାୟୀ, ଦେଶରେ ପ୍ରତି ମିନିଟ୍‌ରେ ପ୍ରାୟ ୪ ଜଣଙ୍କ ମୃତ୍ୟୁ ବାୟୁପ୍ରଦୂଷଣ ଯୋଗୁଁ ହେଉଛି । ଏହି ହିସାବରେ ଦିନକୁ ୫୫୦୦ରୁ ଅଧିକ ଏବଂ ବର୍ଷକୁ ୨୦ ଲକ୍ଷରୁ ଅଧିକ ଲୋକ ପ୍ରାଣ ହରାଉଛନ୍ତି । ଦିଲ୍ଲୀ ସମେତ ଉତ୍ତର ଭାରତର ବିଭିନ୍ନ ଅଞ୍ଚଳରେ ଶୀତରତୁ ଆରମ୍ଭ ସହ ପ୍ରଦୂଷଣ ସ୍ଥିତି ଉଦ୍‌ବେଗଜନକ ହୋଇପଡ଼ିଛି । ନଭେମ୍ବର ୪ରେ ଦିଲ୍ଲୀର ବାୟୁ ଗୁଣବତ୍ତା ସୂଚକାଙ୍କ ୩୭୭ରେ ପହଞ୍ଚିଥିଲା । ଏହା 'ଅତି ଖରାପ' ଶ୍ରେଣୀରେ ରହିଥିବାବେଳେ ୫୯ଟି ନିରୀକ୍ଷଣ କେନ୍ଦ୍ର ମଧ୍ୟରୁ ୨୨ଟିରେ ବାୟୁର ମାନ 'ଗମ୍ଭୀର' ସ୍ତରକୁ ଖସିଥିଲା । ନୋଏଡା, ଗ୍ରେଟର ନୋଏଡା ଓ ଗୁରୁଗ୍ରାମରେ ମଧ୍ୟ ପ୍ରଦୂଷଣ ସ୍ଥିତି ଖରାପ ରହିଛି । ପ୍ରଦୂଷଣରେ ଥିବା ପିଏମ୍୨.୫ ନାମକ ଅତି ସୂକ୍ଷ୍ମ ଧୂଳିକଣା ଫୁସ୍‌ଫୁସ୍‌ର ଗଭୀର ଅଂଶକୁ ପ୍ରବେଶ କରି ରକ୍ତରେ ମିଶିପାରେ । ଏହା ହୃଦ୍‌ରୋଗ, ମସ୍ତିଷ୍କ ଆଘାତ, ଫୁସ୍‌ଫୁସ୍ କର୍କଟ ଓ ଦୀର୍ଘକାଳୀନ ଶ୍ୱାସଜନିତ ରୋଗର ଆଶଙ୍କା ବଢ଼ାଏ । ଶିଶୁ, ବୟସ୍କ ଓ ପୂର୍ବରୁ ଅସୁସ୍ଥ ଥିବା ବ୍ୟକ୍ତି ଏହାଦ୍ୱାରା ଅଧିକ ପ୍ରଭାବିତ ହୁଅନ୍ତି । ଆଇକ୍ୟୁଏୟାର୍‌ର ବିଶ୍ୱ ବାୟୁ ଗୁଣବତ୍ତା ରିପୋର୍ଟ-୨୦୨୫ ଅନୁଯାୟୀ, ବିଶ୍ୱର ସବୁଠାରୁ ପ୍ରଦୂଷିତ ଦେଶ ତାଲିକାରେ ଭାରତ ଷଷ୍ଠ ସ୍ଥାନରେ ରହିଥିଲା । ଦିଲ୍ଲୀରେ ବାର୍ଷିକ ହାରାହାରି ପିଏମ୍ ୨.୫ ସାନ୍ଦ୍ରତା ଘନମିଟର ପ୍ରତି ୯୯.୬ ମାଇକ୍ରୋଗ୍ରାମ୍ ଥିଲା । ଏହା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସୁପାରିସ ସୀମାଠାରୁ ପ୍ରାୟ ୨୦ ଗୁଣ ଅଧିକ । ପ୍ରଦୂଷଣ ଯୋଗୁଁ ରୋଗୀଙ୍କ ସଂଖ୍ୟା, ହସ୍ପିଟାଲ ଖର୍ଚ୍ଚ ଓ କାର୍ଯ୍ୟସ୍ଥଳରେ ଅନୁପସ୍ଥିତି ବଢ଼ୁଛି । ଏହା ଉତ୍ପାଦନ କ୍ଷମତା ଓ ଆୟକୁ ପ୍ରଭାବିତ କରୁଛି । ୨୦୨୦ରେ ଗ୍ରୀନ୍‌ପିସ୍ ଓ ଅନ୍ୟ ସଂସ୍ଥାଙ୍କ ସହଯୋଗରେ ହୋଇଥିବା ଏକ ଅଧ୍ୟୟନ ଅନୁଯାୟୀ, ବାୟୁ ପ୍ରଦୂଷଣ ଯୋଗୁଁ ଦିଲ୍ଲୀର ବାର୍ଷିକ ମୋଟ ଘରୋଇ ଉତ୍ପାଦର ୫.୮ ପ୍ରତିଶତ କ୍ଷତି ହୋଇଥିଲା । ୨୦୨୦ର ପ୍ରଥମ ଛଅ ମାସରେ ଏହି ଆର୍ଥିକ କ୍ଷତି ୩.୫ ବିଲିୟନ୍ ଡଲାର ଆକଳନ କରାଯାଇଥିଲା । ଯାନବାହନ ଧୂଆଁ, ଶିଳ୍ପ କାରଖାନା, ନିର୍ମାଣ କାର୍ଯ୍ୟର ଧୂଳି, ଆବର୍ଜନା ଓ ଫସଲ ଅବଶେଷ ପୋଡ଼ିବା ପ୍ରଦୂଷଣର ପ୍ରମୁଖ କାରଣ । କମ୍ ପବନ ଓ ପାଣିପାଗର ଅନୁକୂଳ ନଥିବା ସ୍ଥିତିରେ ପ୍ରଦୂଷିତ ବାୟୁ ଭୂପୃଷ୍ଠ ନିକଟରେ ଜମା ହୋଇ ରହେ । ପ୍ରଦୂଷଣ ନିୟନ୍ତ୍ରଣ ପାଇଁ କେବଳ ଶୀତଦିନରେ କଟକଣା ଲଗାଇଲେ ହେବନାହିଁ । କେନ୍ଦ୍ର ସରକାର ସହ ଦିଲ୍ଲୀ, ପଞ୍ଜାବ, ହରିୟାଣା, ଉତ୍ତରପ୍ରଦେଶ ଓ ରାଜସ୍ଥାନ ସରକାରଙ୍କ ମଧ୍ୟରେ ସମନ୍ୱୟ ଆବଶ୍ୟକ । ପାଣିପାଗ ବିଭାଗ ଅନୁଯାୟୀ, ନଭେମ୍ବର ୬ ଓ ୭ରେ ଦିଲ୍ଲୀରେ ହାଲୁକା କୁହୁଡ଼ି ରହିବ । ତାପମାତ୍ରା ୧୬ରୁ ୨୮ ଡିଗ୍ରୀ ମଧ୍ୟରେ ରହିବା ସହ ବର୍ଷାର ସମ୍ଭାବନା ନାହିଁ । ଏହି ସମୟରେ ବାୟୁର ମାନ ଆହୁରି ଖରାପ ହୋଇ 'ଗମ୍ଭୀର' ସ୍ତରକୁ ଯାଇପାରେ ।

ଶେଷରେ ନଇଁଲେ ନିର୍ବାଚନ କମିସନ

ଫର୍ମ-୬ରୁ ଅଲଗା ହେଲା ଏସ୍ଆଇଆର୍ ଘୋଷଣାପତ୍ର

- ଦୁଇ ନିର୍ବାଚନ କମିସନର ଉଠାଇଥିଲେ ଆପତ୍ତି
- ଇସିନେଟ୍ ପୋର୍ଟାଲରେ ବି ଲାଗୁ ହେଲା ନୂଆ ବ୍ୟବସ୍ଥା

ନୂଆଦିଲ୍ଲୀ,୫ ।୧୧(ଏଜେନ୍ସି): ଭୋଟର ତାଲିକାରେ ନୂଆ ନାମ ସାମିଲ କରିବା ପାଇଁ ଉଦ୍ଦିଷ୍ଟ ଫର୍ମ-୬ରୁ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍ଆଇଆର୍) ସମ୍ପର୍କିତ ଘୋଷଣାପତ୍ରକୁ ଅଲଗା କରିଛି ଭାରତୀୟ ନିର୍ବାଚନ କମିସନ (ଇସିଆଇ) । ଦୁଇ ନିର୍ବାଚନ କମିସନରଙ୍କ ଆପତ୍ତି ପରେ ଏହି ପଦକ୍ଷେପ ନିଆଯାଇଛି । ନଭେମ୍ବର ୪ ଓ ୫ ତାରିଖରେ ଇସିନେଟ୍ ପୋର୍ଟାଲରେ ଏହି ପରିବର୍ତ୍ତନ ଲାଗୁ ହୋଇଛି । ନୂଆ ବ୍ୟବସ୍ଥା ଅନୁଯାୟୀ, ଭୋଟର ତାଲିକାରେ ନାମ ଯୋଡ଼ିବା ପାଇଁ ଆବେଦନକାରୀମାନେ ଏଣିକି ଫର୍ମ-୬ ସହିତ ଏସ୍ଆଇଆର୍ ଘୋଷଣାପତ୍ର ଦାଖଲ କରିବେ ନାହିଁ । ଏହାକୁ ପୃଥକ୍ ଭାବେ ଦାଖଲ କରିବାକୁ ପଡ଼ିବ । ପୂର୍ବରୁ ଏସ୍ଆଇଆର୍ ପ୍ରକ୍ରିୟା ଶେଷ ହୋଇଥିବା ରାଜ୍ୟଗୁଡ଼ିକରେ ଏହି ଘୋଷଣାପତ୍ରକୁ ଫର୍ମ-୬ରୁ ହଟାଯାଇଥିଲା । ଏବେ ଏହି ବ୍ୟବସ୍ଥା ଚାଲୁଥିବା ରାଜ୍ୟଗୁଡ଼ିକରେ ମଧ୍ୟ ଲାଗୁ ହୋଇଛି । ସୂଚନାନୁଯାୟୀ, ମେ' ୧୬ ତାରିଖରେ ନିର୍ବାଚନ କମିସନର ବିବେକ ଯୋଶୀ ଆନୁଷ୍ଠାନିକ ସଂଶୋଧନ ବିନା ଫର୍ମ-୬ରେ ଏହି ଘୋଷଣାପତ୍ର ଯୋଡ଼ାଯିବାକୁ ବିରୋଧ କରିଥିଲେ । ଅଗଷ୍ଟ ୧୩ରେ ଅନ୍ୟ ନିର୍ବାଚନ କମିସନର ସୁଖବୀର ସିଂହ ସାନ୍ଧୁ ମଧ୍ୟ ଏହାକୁ ଅନଧିକୃତ ଓ ବେଆଇନ ବୋଲି ଦର୍ଶାଇଥିଲେ । ସେପ୍ଟେମ୍ବର ୨୬ରେ ପୂର୍ଣ୍ଣାଙ୍ଗ କମିସନ ଏହି ଘୋଷଣାପତ୍ରକୁ କେତେକ ରାଜ୍ୟରେ ଜାରି ରଖିବା ଏବଂ ଅନ୍ୟ ରାଜ୍ୟରେ ହଟାଇବାକୁ ନିଷ୍ପତ୍ତି ନେଇଥିଲେ । ପରେ ଅକ୍ଟୋବର ୨୧ରେ ଏହାକୁ ଅଲଗା କରିବା ନିଷ୍ପତ୍ତି ହୋଇଥିଲା । ଅକ୍ଟୋବର ୨୬ରେ ସୁପ୍ରିମକୋର୍ଟରେ ଦାଖଲ ସତ୍ୟପାଠରେ କମିସନ ଏହା ସ୍ପଷ୍ଟ କରିଥିଲେ । ଅନ୍ୟପକ୍ଷରେ କମିସନ ନିଜର ଆଭ୍ୟନ୍ତରୀଣ କାର୍ଯ୍ୟପ୍ରଣାଳୀରେ ମଧ୍ୟ କିଛି ପରିବର୍ତ୍ତନ କରିଛନ୍ତି । ଏଣିକି ବୈଠକର ଏଜେଣ୍ଡା ପୂର୍ବରୁ ବଣ୍ଟନ କରାଯିବ ଏବଂ ବୈଠକର ବିବରଣୀ ଔପଚାରିକ ଭାବେ ପ୍ରକାଶ ପାଇବ । ବିଦେଶ ଗସ୍ତ ପୂର୍ବରୁ ଅଧିକାରୀମାନେ କମିସନଙ୍କ ଅନୁମତି ନେବେ । ନୂଆ ସୂଚନା ପ୍ରଯୁକ୍ତି ମଡ୍ୟୁଲ୍ ପ୍ରସ୍ତାବ ମଧ୍ୟ କମିଟି ଯାଞ୍ଚ ପରେ କମିସନଙ୍କ ନିକଟକୁ ଯିବ । ଏସ୍ଆଇଆର୍‌କୁ ନେଇ ବିରୋଧୀ ଦଳଗୁଡ଼ିକର ପ୍ରତିବାଦ ମଧ୍ୟରେ ଏହି ପରିବର୍ତ୍ତନକୁ ନିର୍ବାଚନ କମିସନଙ୍କ କାର୍ଯ୍ୟପ୍ରଣାଳୀରେ ସ୍ୱଚ୍ଛତା ଓ ପ୍ରକ୍ରିୟାଗତ ସ୍ପଷ୍ଟତା ଆଣିବା ଦିଗରେ ଏକ ପଦକ୍ଷେପ ଭାବେ ଦେଖାଯାଉଛି ।

୬ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳରେ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ


- ନଭେମ୍ବର ୩୦ରେ ପ୍ରକାଶ ପାଇବ ଚିଠା ତାଲିକା
- ୨୦୨୭ ଜାନୁଆରୀ ୨୧ରେ ଚୂଡ଼ାନ୍ତ ତାଲିକା

ନୂଆଦିଲ୍ଲୀ,୫ ।୧୧(ଏଜେନ୍ସି):ଓଡ଼ିଶା ସମେତ ୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ (ଏସ୍ଏସ୍ଆର୍) ପାଇଁ ଘୋଷଣା କରିଛନ୍ତି ନିର୍ବାଚନ ଆୟୋଗ । ଏହି ତାଲିକାରେ ଅରୁଣାଚଳ ପ୍ରଦେଶ, ଚଣ୍ଡିଗଡ଼, ଦାଦ୍ରା ଓ ନଗର ହାବେଳୀ ଏବଂ ଦମନ ଓ ଦିଉ, ମିଜୋରାମ, ଓଡ଼ିଶା ଓ ସିକିମ ରହିଛି । ନଭେମ୍ବର ୩୦ରେ ଚିଠା ଭୋଟର ତାଲିକା ପ୍ରକାଶ ପାଇବାକୁ ଥିବାବେଳେ ୨୦୨୭ ଜାନୁଆରି ୨୧ରେ ଚୂଡ଼ାନ୍ତ ତାଲିକା ପ୍ରକାଶ କରାଯିବ । ଏହି ସଂଶୋଧନ ପ୍ରକ୍ରିୟାରେ ସମସ୍ତ ଯୋଗ୍ୟ ନାଗରିକଙ୍କ ନାମ ଭୋଟର ତାଲିକାରେ ସାମିଲ କରିବା ସହ ତ୍ରୁଟି ସୁଧାରିବା ଉପରେ ଗୁରୁତ୍ୱ ଦିଆଯିବ । ବିଶେଷକରି ଯୁବ ଓ ପ୍ରଥମ ଥର ଭୋଟ ଦେବାକୁ ଥିବା ମତଦାତାଙ୍କୁ ତାଲିକାଭୁକ୍ତ କରାଯିବ । ୨୦୨୭ ଏପ୍ରିଲ ୧, ଜୁଲାଇ ୧ ଓ ଅକ୍ଟୋବର ୧ରେ ୧୮ ବର୍ଷ ବୟସରେ ପହଞ୍ଚୁଥିବା ଯୁବକଯୁବତୀ ମଧ୍ୟ ଆଗୁଆ ଆବେଦନ କରିପାରିବେ । ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନରେ ପୂର୍ବରୁ ଥିବା ଭୋଟର ତାଲିକାକୁ ଆଧାର କରି ନୂଆ ନାମ ଯୋଡ଼ିବା ଓ ତ୍ରୁଟି ସୁଧାରିବା କାର୍ଯ୍ୟ କରାଯାଏ । ଅନ୍ୟପକ୍ଷରେ, ସ୍ୱତନ୍ତ୍ର ଗଭୀର ସଂଶୋଧନ (ଏସ୍ଆଇଆର୍) ରେ ଘରକୁ ଘର ବୁଲି ଭୋଟରଙ୍କ ଯାଞ୍ଚ କରାଯାଏ । ଏହାପୂର୍ବରୁ ଅକ୍ଟୋବର ୧୫ରେ ନିର୍ବାଚନ ଆୟୋଗ ୧୭ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏସ୍ଏସ୍ଆର୍ ଘୋଷଣା କରିଥିଲେ । ସେଠାରେ ନଭେମ୍ବର ୧୨ରେ ଚିଠା ତାଲିକା ଏବଂ ୨୦୨୭ ଜାନୁଆରି ୪ରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ । ସଂଶୋଧନ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ ସମ୍ପୃକ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବମାନଙ୍କୁ ଆବଶ୍ୟକ କର୍ମଚାରୀ ଓ ସମ୍ବଳ ଯୋଗାଇଦେବାକୁ ନିର୍ଦ୍ଦେଶ ଦିଆଯାଇଛି ।

ରାଜ୍ୟସଭାକୁ ନିର୍ବାଚିତ ହେଲେ ହରଦୀପ ପୁରୀ

ଭୋପାଳ,୫ ।୧୧(ଏଜେନ୍ସି): କେନ୍ଦ୍ରମନ୍ତ୍ରୀ ହରଦୀପ ସିଂହ ପୁରୀ ମଧ୍ୟପ୍ରଦେଶରୁ ରାଜ୍ୟସଭାକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ଗୁରୁବାର ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ସମୟ ସରିବା ପରେ ତାଙ୍କ ନିର୍ବାଚନ ଔପଚାରିକ ଭାବେ ଘୋଷଣା କରାଯାଇଛି । ପୁରୀଙ୍କ ପ୍ରାର୍ଥିପତ୍ରରେ ୧୦୦ରୁ ଅଧିକ ତ୍ରୁଟି ଥିବା କଂଗ୍ରେସ ଅଭିଯୋଗ କରିଥିଲା । ତାଙ୍କ ପତ୍ନୀଙ୍କ ନାମ, ବିଦେଶରେ ଥିବା ସମ୍ପତ୍ତି ଓ ବ୍ୟାଙ୍କ ଖାତା ସମ୍ପର୍କିତ ତଥ୍ୟକୁ ନେଇ ଦଳ ପ୍ରଶ୍ନ ଉଠାଇଥିଲା । ତେବେ ରିଟର୍ଣ୍ଣିଂ ଅଫିସର ଉମେଶ କୁମାର ଶର୍ମା ସମସ୍ତ ଆପତ୍ତିକୁ ଖାରଜ କରିଥିଲେ । କଂଗ୍ରେସ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ରାଜକୁମାର ଲୋହାନି ଓ କାନ୍ତେ ସାୟାନ୍ନାଙ୍କ ପ୍ରାର୍ଥିପତ୍ର ମଧ୍ୟ ନାକଚ ହୋଇଥିଲା । ଫଳରେ ପୁରୀ ଏକମାତ୍ର ବୈଧ ପ୍ରାର୍ଥୀ ରହିଥିଲେ ଏବଂ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ ।

ରାହୁଲଙ୍କୁ ଆଶ୍ୱସ୍ତି



ଏଫ୍ଆଇଆର୍ ଦାଖଲ ଆବେଦନ ଖାରଜ କଲେ ଆହ୍ଲାବାଦ ହାଇକୋର୍ଟ

ପ୍ରୟାଗରାଜ,୫ ।୧୧(ଏଜେନ୍ସି): ଆମେରିକା ଗସ୍ତ ସମୟରେ ଶିଖ୍ ସମ୍ପ୍ରଦାୟକୁ ନେଇ ଦେଇଥିବା କଥିତ ମନ୍ତବ୍ୟକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ଏଫ୍ଆଇଆର୍ ଦାଖଲ କରିବା ଲାଗି ହୋଇଥିବା ଆବେଦନକୁ ଖାରଜ କରିଦେଇଛନ୍ତି ଆହ୍ଲାବାଦ ହାଇକୋର୍ଟ । ଏହାଦ୍ୱାରା ଲୋକସଭାର ବିରୋଧୀ ଦଳ ନେତା ରାହୁଲଙ୍କୁ ଆଶ୍ୱସ୍ତି ମିଳିଛି । ବାରାଣସୀ ଅଦାଲତଙ୍କ ପୂର୍ବ ନିଷ୍ପତ୍ତିକୁ ହାଇକୋର୍ଟ କାଏମ ରଖିଛନ୍ତି । ୨୦୨୪ରେ ଆମେରିକା ଗସ୍ତ ସମୟରେ ରାହୁଲ ଭାରତରେ ଶିଖ୍‌ମାନେ ସୁରକ୍ଷିତ ଅନୁଭବ କରୁନାହାନ୍ତି ବୋଲି କହିଥିବା କିଛି ଖବରକାଗଜରେ ପ୍ରକାଶ ପାଇଥିଲା । ଏହାକୁ ଆଧାର କରି ନାଗେଶ୍ୱର ମିଶ୍ର ତାଙ୍କ ବିରୋଧରେ ମାମଲା ରୁଜୁ ପାଇଁ ଆବେଦନ କରିଥିଲେ । ୨୦୨୫ ଅକ୍ଟୋବର ୧୭ରେ ବାରାଣସୀ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଏହି ଆବେଦନକୁ ଖାରଜ କରିଥିଲେ । ପରେ ଜୁଲାଇ ୯ରେ ସେସନ୍ସ ଅଦାଲତ ମଧ୍ୟ ଏହି ନିଷ୍ପତ୍ତିକୁ କାଏମ ରଖିଥିଲେ । ଏହାକୁ ଚ୍ୟାଲେଞ୍ଜ କରି ଆବେଦନକାରୀ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୫୨୮ ଅନୁଯାୟୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଜଷ୍ଟିସ୍ ବିକ୍ରମ ଡି ଚୌହାନ ମାମଲାର ଶୁଣାଣି କରି କହିଥିଲେ ଯେ, ରାହୁଲଙ୍କ କଥିତ ମନ୍ତବ୍ୟ ସମ୍ପର୍କରେ କେବଳ କିଛି ଖବରକାଗଜରେ ପ୍ରକାଶିତ ରିପୋର୍ଟକୁ ଆଧାର କରାଯାଇଛି । କିନ୍ତୁ ଏହି ମନ୍ତବ୍ୟ କେବେ, କେଉଁ ସମୟରେ ଓ କେଉଁ ସ୍ଥାନରେ ଦିଆଯାଇଥିଲା, ତାହା ଆବେଦନରେ ନିର୍ଦ୍ଦିଷ୍ଟ ଭାବେ ଉଲ୍ଲେଖ ନାହିଁ । ଏଭଳି ସ୍ଥିତିରେ କାହା ବିରୋଧରେ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦିଆଯାଇପାରିବ ନାହିଁ ବୋଲି ଅଦାଲତ କହିଛନ୍ତି ।

ଅଟକ ସମୟରୁ ଗଣାହେବ ଗିରଫ ଅବଧି

୨୪ ଘଣ୍ଟାରୁ ଅଧିକ ରଖିଲେ ତୁରନ୍ତ ମୁକ୍ତ କରିବାକୁ ସୁପ୍ରିମ କୋର୍ଟ ନିର୍ଦ୍ଦେଶ

ନୂଆଦିଲ୍ଲୀ,୫ ।୧୧(ଏଜେନ୍ସି): କୌଣସି ବ୍ୟକ୍ତିଙ୍କୁ ପୁଲିସ ଅଟକ ରଖିବା ମୁହୂର୍ତ୍ତରୁ ୨୪ ଘଣ୍ଟାର ସାମ୍ବିଧାନିକ ସମୟସୀମା ଆରମ୍ଭ ହେବ । ଆନୁଷ୍ଠାନିକ ଭାବେ ଗିରଫ କରିବା ସମୟଠାରୁ ଏହି ସମୟ ଗଣନା ହେବ ନାହିଁ । ସୁପ୍ରିମ କୋର୍ଟ ଆଜି ଏସଂପର୍କରେ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇ ଏହା ସ୍ପଷ୍ଟ କରିଛନ୍ତି । ମାମଲାର ଶୁଣାଣି ବେଳେ ଜଷ୍ଟିସ ଉଜ୍ଜ୍ୱଳ ଭୂୟାଁ ଓ ଜଷ୍ଟିସ ଅତୁଲ ଏସ୍ ଚାନ୍ଦୁରକରଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ସମ୍ବିଧାନର ଧାରା ୨୨(୨) ଅନୁଯାୟୀ, ଗିରଫ ଓ ଅଟକ ମଧ୍ୟରେ କୃତ୍ରିମ ପାର୍ଥକ୍ୟ କରାଯାଇପାରିବ ନାହିଁ । ଖଣ୍ଡପୀଠ କହିଛନ୍ତି ଯେ ଗିରଫ ବ୍ୟକ୍ତିଙ୍କୁ ୨୪ ଘଣ୍ଟା ମଧ୍ୟରେ ନିକଟତମ ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର କରିବା ଆବଶ୍ୟକ । ତେବେ ଅଟକ ସ୍ଥାନରୁ ଅଦାଲତ ପର୍ଯ୍ୟନ୍ତ ଯାତ୍ରା ପାଇଁ ଆବଶ୍ୟକ ଯୁକ୍ତିଯୁକ୍ତ ସମୟକୁ ଏହି ୨୪ ଘଣ୍ଟାର ଗଣନାରୁ ବାଦ୍ ଦିଆଯାଇପାରିବ । ପଚରାଉଚରା, ତଦନ୍ତ, ତଲାସି କିମ୍ବା ଜବତ ଭଳି କାର୍ଯ୍ୟ ପାଇଁ ଆନୁଷ୍ଠାନିକ ଗିରଫ ପୂର୍ବରୁ ଜଣେ ବ୍ୟକ୍ତିଙ୍କୁ ଅଟକ ରଖାଯାଇଥିଲେ, ସେହି ସମୟକୁ ୨୪ ଘଣ୍ଟାର ଗଣନା (ଗିରଫ)ରୁ ବାଦ୍ ଦିଆଯାଇପାରିବ ନାହିଁ । ଏହା ସମ୍ବିଧାନର ନିର୍ଦ୍ଦେଶର ଉଲ୍ଲଂଘନ ହେବ ବୋଲି ଅଦାଲତ ମତ ଦେଇଛନ୍ତି । ଅଟକ ନାମରେ ହାଜତରେ ହେଉଥିବା ନିର୍ଯାତନାକୁ କୋର୍ଟ ଭୟଙ୍କର ମାନବିକ ନିର୍ଯାତନା ବୋଲି କହିଛନ୍ତି । ଏହାକୁ ଏଡ଼ାଇବା ଲାଗି ସାମ୍ବିଧାନିକ ବ୍ୟବସ୍ଥା ପାଳନ କରାଯିବା ଜରୁରୀ । ଏହି ରାୟରେ ସୁପ୍ରିମକୋର୍ଟ ଆର୍ଯ୍ୟମାନ ପଟ୍ଟନାୟକ ମାମଲାରେ ଓଡ଼ିଶା ହାଇକୋର୍ଟ ସମେତ ଅନ୍ୟ ମାମଲାରେ ମାଡ୍ରାସ ଓ କେରଳ ହାଇକୋର୍ଟଙ୍କ ମତକୁ ଗ୍ରହଣ କରିନାହାନ୍ତି । ୨୪ ଘଣ୍ଟାରୁ ଅଧିକ ସମୟ ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର ନକରି ଅଟକ ରଖାଯାଇଥିଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ତୁରନ୍ତ ମୁକ୍ତ କରିବାକୁ ପଡ଼ିବ । ଅଟକର ପ୍ରକୃତ ତାରିଖ ଓ ସମୟ ଲିପିବଦ୍ଧ କରିବା ସହ ନିୟମ ପାଳନ ହୋଇଛି କି ନାହିଁ, ତାହା ମାଜିଷ୍ଟ୍ରେଟ୍ ନିଜେ ଯାଞ୍ଚ କରିବେ । ଏପରିକି ଅଟକ ଅବଧି ଅଯଥାରେ ଅଧିକ ହେଲେ ରିମାଣ୍ଡ ଅନୁମତିକୁ ମଧ୍ୟ ପ୍ରତ୍ୟାଖ୍ୟାନ କରିପାରିବେ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି ।


ପରାଜୟ ପରେ ଟ୍ରମ୍ପଙ୍କ ଦଳରେ ବିଦ୍ରୋହ



- ଇରାନ ଯୁଦ୍ଧ ପାଇଁ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ଦାୟୀ କେଦଲୀୟ ନେତା
- ତଡ଼ା ଖାଇବେ ରୁବିଓ

ୱାସିଂଟନ,୫ ।୧୧(ଏଜେନ୍ସି): ମଧ୍ୟବର୍ତ୍ତୀ ନିର୍ବାଚନରେ ପରାଜୟ ପରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ରିପବ୍ଲିକାନ୍ ପାର୍ଟିରେ ଅସନ୍ତୋଷ ଓ ବିଦ୍ରୋହର ସ୍ୱର ଉଠିଛି । ଦଳର ପରାଜୟ ପାଇଁ ଟ୍ରମ୍ପଙ୍କ ଇରାନ ଯୁଦ୍ଧ ନୀତି, ଶୁଳ୍କ ନୀତି ଏବଂ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ପ୍ରତି ସମର୍ଥନକୁ ଦାୟୀ କରିଛନ୍ତି ଦଳୀୟ ନେତା । ଟେକ୍ସାସ୍ ରିପବ୍ଲିକାନ୍ ପାର୍ଟିର ପୂର୍ବତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଚାଡ୍ ୱିଲବ୍ୟାଙ୍କ୍ସ ଟ୍ରମ୍ପଙ୍କ ନିଷ୍ପତ୍ତିକୁ ପରାଜୟର ପ୍ରମୁଖ କାରଣ ବୋଲି କହିଛନ୍ତି । ସିଏନ୍ଏନ୍ ରିପୋର୍ଟ ଅନୁଯାୟୀ, ଟ୍ରମ୍ପଙ୍କ ଘନିଷ୍ଠ ସମର୍ଥକମାନେ ପ୍ରତିରକ୍ଷା ମନ୍ତ୍ରୀ ପିଟ୍ ହେଗସେଥ୍‌ଙ୍କୁ ଟାର୍ଗେଟ୍ କରିଛନ୍ତି । ଯୁଦ୍ଧ ଶେଷ କରିବା ପାଇଁ ସ୍ପଷ୍ଟ ଯୋଜନା ନଥାଇ ସେ ରାଷ୍ଟ୍ରପତିଙ୍କୁ ଇରାନ ଯୁଦ୍ଧରେ ସାମିଲ କରାଇଥିବା ଅଭିଯୋଗ ହୋଇଛି । ଉପରାଷ୍ଟ୍ରପତି ଜେଡି ଭାନ୍ସ ମଧ୍ୟ ସ୍ୱୀକାର କରିଛନ୍ତି ଯେ, ଇରାନ ଯୁଦ୍ଧ ଯୋଗୁଁ ଦୀର୍ଘଦିନର ଟ୍ରମ୍ପ ସମର୍ଥକଙ୍କ ଏକ ଅଂଶ ରିପବ୍ଲିକାନ୍ ପାର୍ଟିଠାରୁ ଦୂରେଇ ଯାଇଛନ୍ତି । ୪୩୫ ଆସନ ବିଶିଷ୍ଟ ଆମେରିକାର ପ୍ରତିନିଧି ସଭାର ସମସ୍ତ ଆସନ ପାଇଁ ନିର୍ବାଚନ ହୋଇଥିଲା । ଏପର୍ଯ୍ୟନ୍ତ ଡେମୋକ୍ରାଟିକ୍ ପାର୍ଟି ୨୪୦ଟି ଆସନ ଜିତିଥିବାବେଳେ ରିପବ୍ଲିକାନ୍ ପାର୍ଟି ୧୪୭ଟି ଆସନ ପାଇଛି । ୪୨ଟି ଆସନର ଗଣତି ଜାରି ରହିଛି । ଡେମୋକ୍ରାଟ୍‌ମାନେ ଏଠାରେ ବହୁମତ ହାସଲ କରିସାରିଛନ୍ତି । ୧୦୦ ଆସନ ବିଶିଷ୍ଟ ସିନେଟ୍‌ର ୩୫ଟି ଆସନ ପାଇଁ ମତଦାନ ହୋଇଥିଲା । ଘୋଷିତ ୩୩ଟି ଆସନ ମଧ୍ୟରୁ ଡେମୋକ୍ରାଟ୍‌ମାନେ ୨୦ ଓ ରିପବ୍ଲିକାନ୍‌ମାନେ ୧୩ଟି ଜିତିଛନ୍ତି । ସମୁଦାୟ ଆସନ ମଧ୍ୟରୁ ଡେମୋକ୍ରାଟ୍‌ଙ୍କ ସଂଖ୍ୟା ୫୪ ଏବଂ ରିପବ୍ଲିକାନ୍‌ଙ୍କ ୪୪ ରହିଛି । ସେହିପରି ୩୬ଟି ରାଜ୍ୟରେ ହୋଇଥିବା ରାଜ୍ୟପାଳ ନିର୍ବାଚନର ୩୪ଟି ଫଳାଫଳ ଘୋଷଣା ହୋଇଛି ।

ଆମେରିକା ନିର୍ବାଚନରେ ୬ ଜଣ ଭାରତୀୟ ବଂଶୋଦ୍ଭବ ବିଜୟୀ




ୱାସିଂଟନ,୫ ।୧୧(ଏଜେନ୍ସି): ଆମେରିକାର ମଧ୍ୟବର୍ତ୍ତୀ ନିର୍ବାଚନରେ ଭାରତୀୟ ବଂଶୋଦ୍ଭବ ପ୍ରାର୍ଥୀମାନେ ଉଲ୍ଲେଖନୀୟ ସଫଳତା ପାଇଛନ୍ତି । ଆମେରିକାର ପ୍ରତିନିଧି ସଭାକୁ ୬ ଜଣ ଭାରତୀୟ ବଂଶୋଦ୍ଭବ ପ୍ରାର୍ଥୀ ନିର୍ବାଚିତ ହୋଇଛନ୍ତି । ସମସ୍ତେ ଡେମୋକ୍ରାଟିକ୍ ଦଳର । ଅନ୍ୟପକ୍ଷରେ, ଓହାଇଓ ଗଭର୍ଣ୍ଣର ନିର୍ବାଚନରେ ରିପବ୍ଲିକାନ୍ ପ୍ରାର୍ଥୀ ବିବେକ ରାମସ୍ୱାମୀ ପରାଜିତ ହୋଇଛନ୍ତି । ବିଜୟୀ ପ୍ରାର୍ଥୀଙ୍କ ମଧ୍ୟରେ ରୋ ଖାନ୍ନା, ଅମି ବେରା, ପ୍ରମିଳା ଜୟପାଲ, ସୁହାସ ସୁବ୍ରମଣ୍ୟମ, ପିଆ ଦାଣ୍ଡିଆ ଓ ଅମିଶ ଶାହ ଅଛନ୍ତି । ଅମି ବେରା କ୍ରମାଗତ ଅଷ୍ଟମ ଥର ପାଇଁ କାଲିଫର୍ଣ୍ଣିଆରୁ ବିଜୟୀ ହୋଇଛନ୍ତି । ରୋ ଖାନ୍ନା ଷଷ୍ଠ ଥର ଏବଂ ପ୍ରମିଳା ଜୟପାଲ ମଧ୍ୟ ଷଷ୍ଠ ଥର ପାଇଁ ବିଜୟ ହାସଲ କରିଛନ୍ତି । ସୁହାସ ସୁବ୍ରମଣ୍ୟମ ଦ୍ୱିତୀୟ ଥର ପାଇଁ ନିର୍ବାଚିତ ହୋଇଥିବାବେଳେ ପିଆ ଦାଣ୍ଡିଆ ପ୍ରଥମ ଥର ପ୍ରତିନିଧି ସଭାକୁ ଯାଇଛନ୍ତି । ଅମିଶ ଶାହ ଆରିଜୋନାରୁ ବିଜୟୀ ହୋଇ ପ୍ରଥମ ଭାରତୀୟ ବଂଶୋଦ୍ଭବ ଭାବେ ଏହି ରାଜ୍ୟରୁ ଆମେରିକା କଂଗ୍ରେସକୁ ନିର୍ବାଚିତ ହୋଇଛନ୍ତି । ଅନ୍ୟପକ୍ଷରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ସମର୍ଥନ ସତ୍ତ୍ୱେ ବିବେକ ରାମସ୍ୱାମୀ ଡେମୋକ୍ରାଟିକ୍ ପ୍ରାର୍ଥୀ ଏମି ଆକ୍ଟନଙ୍କଠାରୁ ୨ ଲକ୍ଷରୁ ଅଧିକ ଭୋଟ୍‌ରେ ହାରିଛନ୍ତି । ଏହାବ୍ୟତୀତ ମେରିଲାଣ୍ଡର ଉପଗଭର୍ଣ୍ଣର ଅରୁଣା ମିଲର ପୁନଃନିର୍ବାଚିତ ହୋଇଛନ୍ତି । ଟେକ୍ସାସ, ପେନ୍‌ସିଲଭାନିଆ, ଜର୍ଜିଆ ଓ ଇଲିନୟରେ ମଧ୍ୟ ଭାରତୀୟ ବଂଶୋଦ୍ଭବ ପ୍ରାର୍ଥୀମାନେ ବିଜୟୀ ହୋଇଛନ୍ତି । ଜର୍ଜିଆରେ ଜ୍ୟୋତ ସିଂହ ପ୍ରଥମ ଭାରତୀୟ ବଂଶୋଦ୍ଭବ ଓ ଶିଖ୍ ଆମେରିକୀୟ ଭାବେ ରାଜ୍ୟ ବିଧାନସଭାକୁ ନିର୍ବାଚିତ ହୋଇ ଇତିହାସ ରଚିଛନ୍ତି ।

ନିର୍ମାଣାଧୀନ ୩ ମହଲା କୋଠା ଭୁଶୁଡ଼ି ୨ ମୃତ

ନୂଆଦିଲ୍ଲୀ,୫ ।୧୧(ଏଜେନ୍ସି): ଦିଲ୍ଲୀର ଚାନ୍ଦନୀଚୌକ ଅଞ୍ଚଳର ଚାୱଡ଼ି ବଜାରରେ ଗୁରୁବାର ସକାଳେ ଏକ ନିର୍ମାଣାଧୀନ ତିନି ମହଲା କୋଠା ଭୁଶୁଡ଼ି ପଡ଼ିବାରୁ ୨ ଜଣଙ୍କ ମୃତ୍ୟୁ ହୋଇଛି । ୪ ଜଣ ଆହତ ହୋଇଥିବାବେଳେ ଭଗ୍ନାବଶେଷ ତଳେ ପ୍ରାୟ ୧୫ ଜଣ ଫସି ରହିଥିବା ଆଶଙ୍କା କରାଯାଉଛି । ସକାଳ ୯ଟା ୫୦ରେ ଚାୱଡ଼ି ବଜାର ମେଟ୍ରୋ ଷ୍ଟେସନ ନିକଟ ଗଳି ସତ୍ତାରାରେ ଏହି ଅଘଟଣ ଘଟିଛି । ଖବର ପାଇ ୬ଟି ଅଗ୍ନିଶମ ଗାଡ଼ି ସହ ଏନ୍‌ଡିଆର୍‌ଏଫ୍, ଦିଲ୍ଲୀ ପୁଲିସ ଓ ନଗର ନିଗମର ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି ଓ ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି । ଘଟଣାରେ ଦାୟିତ୍ୱରେ ଅବହେଳା ଅଭିଯୋଗରେ ନଗର ନିଗମ ଦୁଇ ଅଧିକାରୀ ସହକାରୀ ଯନ୍ତ୍ରୀ ମହମ୍ମଦ ନଇମ ଓ କନିଷ୍ଠ ଯନ୍ତ୍ରୀ ଅମନ ଦଲାଲଙ୍କୁ ନିଲମ୍ବନ କରିଛି । କନଗର ନିଗମର ଜଣେ ଅଧିକାରୀଙ୍କ ସୂଚନାନୁସାରେ, ପ୍ରାୟ ୧୫ ଦିନ ହେଲା କୋଠାର ନିର୍ମାଣ କାମ ବନ୍ଦ ଥିଲା । ଦୁର୍ଘଟଣା ସମୟରେ ଛାତ ତଳେ ଲଗାଯାଇଥିବା ସହାୟକ ଢାଞ୍ଚା ଖୋଲାଯାଉଥିଲା । ଏହି ସମୟରେ ପୂରା କୋଠା ଭୁଶୁଡ଼ି ପଡ଼ିଥିଲା । ନିର୍ମାଣରେ ବ୍ୟବହୃତ ସାମଗ୍ରୀ ଯାନ୍ତ୍ରିକ ମାନଦଣ୍ଡ ଅନୁସାରେ ନଥିବା ମଧ୍ୟ ଅଭିଯୋଗ ହୋଇଛି । ଏହା ଚଳିତ ବର୍ଷ ଦିଲ୍ଲୀରେ ଷଷ୍ଠ ବଡ଼ କୋଠା ଭୁଶୁଡ଼ିବା ଘଟଣା । ପୂର୍ବରୁ ଘଟିଥିବା ପାଞ୍ଚଟି ଦୁର୍ଘଟଣାରେ ୨୧ ଜଣଙ୍କ ଜୀବନ ଯାଇଥିଲା ।


ନେତନ୍ୟାହୁଙ୍କ ହାତ ଛାଡ଼ିଲେ ସହଯୋଗୀ; ସରକାର ଗଢ଼ିବେ ଆଇଜେନକୋଟ୍



- ଆଇଜେନକୋଟ୍‌ଙ୍କୁ ୫୬, ନେତାନ୍ୟାହୁଙ୍କୁ ୪୬ ସାଂସଦଙ୍କ ସମର୍ଥନ
- ଆରବ ଦଳଙ୍କ ସମର୍ଥନ

ତେଲ୍ ଆଭିଭ୍,୫ ।୧୧(ଏଜେନ୍ସି): ଇସ୍ରାଏଲ୍‌ରେ ନୂଆ ସରକାର ଗଠନକୁ ନେଇ ରାଜନୈତିକ ଅଙ୍କକଷା ଜୋରଦାର ହୋଇଛି । ବିରୋଧୀ ନେତା ଗାଡି ଆଇଜେନକୋଟ୍‌ଙ୍କୁ ୫୬ ଜଣ ସାଂସଦଙ୍କ ସମର୍ଥନ ମିଳିଥିବାବେଳେ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁଙ୍କୁ ୪୬ ଜଣ ସାଂସଦ ସମର୍ଥନ କରିଛନ୍ତି । ତେବେ ୟୁନାଇଟେଡ୍ ତୋରା ଜୁଡାଇଜିମ୍ ଦଳ କାହାକୁ ସମର୍ଥନ ଜଣାଇନାହିଁ । ଅକ୍ଟୋବର ୨୭ରେ ହୋଇଥିବା ନିର୍ବାଚନରେ କୌଣସି ମେଣ୍ଟ ବହୁମତ ପାଇନଥିଲା । ଏହି ପରିସ୍ଥିତିରେ ବିରୋଧୀ ଦଳର ଚାରି ନେତା ଆଇଜେନକୋଟ୍, ନାଫ୍‌ତାଲି ବେନେଟ୍, ୟାଇର ଲାପିଡ୍ ଓ ୟାଇର ଗୋଲାନ୍ ଏକାଠି ହୋଇ ନେତନ୍ୟାହୁଙ୍କୁ କ୍ଷମତାରୁ ହଟାଇବାକୁ ଉଦ୍ୟମ କରୁଛନ୍ତି । ଆଇଜେନକୋଟ୍‌ଙ୍କ ପାଇଁ ଆରବ ଦଳଙ୍କ ସମର୍ଥନ ଗୁରୁତ୍ୱପୂର୍ଣ୍ଣ । ରାମ୍ ଦଳ ତାଙ୍କୁ ସମର୍ଥନ କରିଥିବାବେଳେ ଜଏଣ୍ଟ ଲିଷ୍ଟ ଏଯାଏଁ ନିଷ୍ପତ୍ତି ନେଇନାହିଁ । ଅନ୍ୟପକ୍ଷରେ କିଛି ବିରୋଧୀ ନେତା ଆରବ ଦଳଙ୍କ ସହ ମେଣ୍ଟକୁ ବିରୋଧ କରୁଛନ୍ତି । ରାଷ୍ଟ୍ରପତି ଆଇଜାକ୍ ହର୍ଜଗ୍ ସରକାର ଗଠନ ପାଇଁ ଦଳଗୁଡ଼ିକୁ କିଛି ସର୍ତ୍ତ ଛାଡ଼ିବାକୁ ପରାମର୍ଶ ଦେଇଛନ୍ତି । ସରକାର ଗଠନ ପାଇଁ ୨୮ ଦିନ ଏବଂ ଆବଶ୍ୟକ ହେଲେ ଅତିରିକ୍ତ ୧୪ ଦିନ ସମୟ ମିଳିବ । ଏହି ସମୟ ମଧ୍ୟରେ ସହମତି ନହେଲେ ଇସ୍ରାଏଲ୍‌ରେ ପୁଣି ନିର୍ବାଚନ ହୋଇପାରେ ।

ୟୁରୋପରେ ବିମାନକୁ ଘନଘନ ବୋମା ଧମକ



- ୭ଟି ବିମାନର ଗତିପଥ ପରିବର୍ତ୍ତନ
- ଅନେକ ବିମାନର ଜରୁରୀ ଅବତରଣ

ନୂଆଦିଲ୍ଲୀ,୫ ।୧୧(ଏଜେନ୍ସି): ୟୁରୋପରେ ବିଭିନ୍ନ ଦେଶକୁ ଯାଉଥିବା ଏକାଧିକ ବାଣିଜ୍ୟିକ ବିମାନକୁ ବୋମା ଧମକ ମିଳିବା ପରେ ବିମାନ ଚଳାଚଳରେ ବିଭ୍ରାଟ ସୃଷ୍ଟି ହୋଇଛି । ଅଷ୍ଟ୍ରିଆ, ଫ୍ରାନ୍ସ, ଇଟାଲୀ, ବେଲଜିୟମ, ଚେକିଆ ଓ ବୁଲଗେରିଆରେ କେତେକ ବିମାନକୁ ସୁରକ୍ଷା ଦୃଷ୍ଟିରୁ ଅନ୍ୟ ବିମାନବନ୍ଦରରେ ଅବତରଣ କରାଯାଇଛି । ଏକ ସପ୍ତାହ ମଧ୍ୟରେ ଏହା ଦ୍ୱିତୀୟ ଥର ଏଭଳି ଧମକ ମିଳିଛି । ଡବ୍ଲ୍ୟୁ ରିପୋର୍ଟ ଅନୁଯାୟୀ, ଡବ୍ଲିନ୍‌ରୁ ରୋମ୍ ଯାଉଥିବା ଏୟାରଲିଙ୍ଗସ୍‌ର ଏକ ବିମାନକୁ ବୋମା ଧମକ ପରେ ଫ୍ରାନ୍ସର ଏଭ୍ରୁ ବାୟୁସେନା ଘାଟିରେ ଅବତରଣ କରାଯାଇଥିଲା । ଫିନଲାଣ୍ଡରୁ ଆସୁଥିବା ଏକ ବିମାନ ରୋମ୍‌ରେ ଅବତରଣ କରିଥିବାବେଳେ ଏହାକୁ ସାମରିକ ବିମାନ ସୁରକ୍ଷା ଦେଇଥିଲା । ବ୍ରସେଲ୍ସ ଓ ଭିଏନାରେ ମଧ୍ୟ ବିମାନ ଅବତରଣ କରିଛି । ଏହା ପୂର୍ବରୁ ମଙ୍ଗଳବାର ୟୁରୋପରେ ୭ଟି ବିମାନ ଓ ଏକ ଜାହାଜକୁ ବୋମା ଧମକ ମିଳିଥିଲା । ଯାଞ୍ଚ ପରେ କୌଣସି ବିସ୍ଫୋରକ ମିଳି ନଥିଲା । ବର୍ତ୍ତମାନର ଧମକଗୁଡ଼ିକର ତଦନ୍ତ ଚାଲିଛି ।

୨୩ ବର୍ଷ-୨୩୪ ମ୍ୟାଚ୍-୧୪୬ ଗୋଲ୍

ଅନ୍ତର୍ଜାତୀୟ ଫୁଟ୍‌ବଲ୍‌ରୁ ରୋନାଲ୍ଡୋଙ୍କ ଅବସର

ଲିସ୍‌ବନ, ୫।୧୧(ଏଜେନ୍ସି)



ବିଶ୍ୱର ମହାନ ଫୁଟବଲର୍ ପର୍ତ୍ତୁଗାଲର କ୍ରିଷ୍ଟିଆନୋ ରୋନାଲ୍ଡୋ ଗୁରୁବାର ଅଚାନକ ଅନ୍ତର୍ଜାତୀୟ ଫୁଟବଲରୁ ଅବସର ଘୋଷଣା କରି କ୍ରୀଡ଼ାଜଗତକୁ ସ୍ତବ୍ଧ କରିଦେଇଛନ୍ତି। ୪୧ ବର୍ଷୀୟ ରୋନାଲ୍ଡୋ ବେଶ୍ ଭାବପ୍ରବଣ ହୋଇ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ଅବସର ସୂଚନା ଦେଇଥିଲେ। ଫଳରେ ବିନା ବିଶ୍ୱକପ୍ ବିଜୟରେ ରୋନାଲ୍ଡୋଙ୍କ ୨୩ ବର୍ଷର ଜ୍ୱାଜଲ୍ୟମୟ କ୍ୟାରିୟରରେ ପୂର୍ଣ୍ଣଚ୍ଛେଦ ପଡ଼ିଛି।

୨୦୦୩ରୁ ଯାତ୍ରା ଆରମ୍ଭ

୨୦୦୩ ଅଗଷ୍ଟରେ ମାତ୍ର ୧୮ ବର୍ଷ ବୟସରେ କାଜାଖସ୍ତାନ ବିପକ୍ଷରେ ଖେଳି ରୋନାଲ୍ଡୋ ପର୍ତ୍ତୁଗାଲ୍ ପାଇଁ ପଦାର୍ପଣ କରିଥିଲେ। ପାଖାପାଖି ଅଢ଼େଇ ଦଶନ୍ଧିର କ୍ୟାରିୟରରେ ରୋନାଲ୍ଡୋ ଦେଶ ପାଇଁ ୨୩୪ଟି ମ୍ୟାଚ୍ ଖେଳି ବିଶ୍ୱରେକର୍ଡ ୧୪୬ଟି ଗୋଲ୍ ଦେଇଛନ୍ତି। ପୁରୁଷ ଅନ୍ତର୍ଜାତୀୟ ଫୁଟ୍‌ବଲ୍‌ରେ ସର୍ବାଧିକ ମ୍ୟାଚ୍ ଖେଳିବା ଓ ଗୋଲ୍ ଦେବାର ରେକର୍ଡ ରୋନାଲ୍ଡୋଙ୍କ ନାମରେ ଲିପିବଦ୍ଧ ରହିଛି। ତାଙ୍କ ନେତୃତ୍ୱରେ ପର୍ତ୍ତୁଗାଲ୍ ୨୦୧୬ରେ ୟୁରୋପୀୟ ଚାମ୍ପିଅନ୍‌ସିପ୍ ଏବଂ ୨୦୧୯ ଓ ୨୦୨୫ରେ ନେସନ୍ସ ଲିଗ୍ ଟ୍ରଫି ଜିତିଛି। ସେହିଭଳି ଏକମାତ୍ର ଖେଳାଳି ଭାବରେ ୬ଟି ବିଶ୍ୱକପରେ ଗୋଲ୍ ଦେବାର ରେକର୍ଡ ତାଙ୍କ ନାମରେ ରହିଛି। ତେବେ ପର୍ତ୍ତୁଗାଲ୍ ଦଳର ମୁଖ୍ୟ ପ୍ରଶିକ୍ଷକ ଜର୍ଜ ଜେସୁସ୍‌ଙ୍କ ସହ ମତଭେଦ ତାଙ୍କ ଅନ୍ତିମ ଦିନଗୁଡ଼ିକୁ ବିବାଦୀୟ କରିଥିଲା। ନରୱେ ବିପକ୍ଷ ମ୍ୟାଚ୍‌ରେ ଖେଳିବାର ସୁଯୋଗ ନ ମିଳିବାକୁ ନେଇ ରୋନାଲ୍ଡୋ ଅସନ୍ତୋଷ ପ୍ରକାଶ କରିଥିଲେ। ପରେ ଦଳୀୟ ଶିବିର ଛାଡ଼ିବା ଘଟଣା ପାଇଁ ସେ କ୍ଷମା ମାଗିଥିଲେ। ଫେଡେରେସନ୍ ତାଙ୍କୁ ୩୦ ଦିନର ନିଲମ୍ବନ ଓ ୨୫୫ ୟୁରୋ ଜରିମାନା କରିଥିଲା। ଅବସର ବାର୍ତ୍ତାରେ ରୋନାଲ୍ଡୋ କହିଛନ୍ତି, ପର୍ତ୍ତୁଗାଲ୍ ପାଇଁ ସେ ସବୁକିଛି ଦେଇଛନ୍ତି। ଏବେ ୭ ନମ୍ବର ଜର୍ସି ନୂଆ ପିଢ଼ିର ଖେଳାଳିଙ୍କ ହାତକୁ ଯିବ।

ଗୋଟିଏ ବର୍ଷରେ ୩ ମହାରଥୀଙ୍କ ବିଦାୟ

ବର୍ଷ ୨୦୨୬ରେ ବିଶ୍ୱର ୩ଜଣ ମହାରଥୀ ଅନ୍ତର୍ଜାତୀୟ ଫୁଟବଲ୍‌କୁ ଅଲ୍‌ବିଦା କରିଛନ୍ତି। ଫିଫା ବିଶ୍ୱକପ୍‌ରେ ଶୋଚନୀୟ ପରାଜୟବରଣ ପରେ ବ୍ରାଜିଲ ଅଧିନାୟକ ନେମାର ପ୍ରଥମେ ଅବସର ନେଇଥିଲେ। ପରବର୍ତ୍ତୀ ସମୟରେ ଆର୍ଜେଣ୍ଟିନା ସୁପରଷ୍ଟାର୍ ମଧ୍ୟ ବାଏ ବାଏ କରିଥିଲେ। ଶେଷରେ ରୋନାଲ୍ଡୋ ଏହି ଦୁଇ ଖେଳାଳିଙ୍କ ପଦାଙ୍କ ଅନୁସରଣ କରି ସନ୍ନ୍ୟାସ ନେଇଛନ୍ତି।



ତନ୍ୱି ପତ୍ରୀ ପ୍ରଥମ ଭାରତୀୟ

ଡାକାର,୫।୧୧(ଏଜେନ୍ସି): ଓଡ଼ିଶାର ବ୍ୟାଡ୍‌ମିଣ୍ଟନ ତାରକା ତନ୍ୱି ପତ୍ରୀ ଏଠାରେ ଚାଲିଥିବା ୟୁଥ୍ ଅଲିମ୍ପିକ୍ସ ମହିଳା ବ୍ୟାଡମିଣ୍ଟନ




ଏକକ ଫାଇନାଲରେ ପ୍ରବେଶ କରିଛନ୍ତି। ସେମିଫାଇନାଲରେ ଏହି ୧୫ ବର୍ଷୀୟା ଖେଳାଳି ଦ୍ୱିତୀୟ ସିଡ୍ ଜାପାନର ୟୁଜୁନୋ ୱାତାନାବେଙ୍କୁ ୨-୧ରେ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ଭାରତୀୟ ଭାବେ ଫାଇନାଲରେ ପ୍ରବେଶ କରିଥିବା ତନ୍ୱି ଫାଇନାଲରେ ଚୀନ୍‌ର ୟି ଜିନ୍ ଝାଙ୍ଗ୍‌ଙ୍କୁ ପରାସ୍ତ କରିପାରିଲେ ଇତିହାସ ସୃଷ୍ଟି କରିବେ। ପୂର୍ବରୁ ଭାରତୀୟ ଖେଳାଳି ଭାବେ ୨୦୧୦ରେ ଏଚ୍‌ଏସ୍ ପ୍ରଣୟ, ୨୦୧୮ରେ ଲକ୍ଷ୍ୟ ସେନ୍ ରୌପ୍ୟ ପଦକ ଜିତିଛନ୍ତି।

ଭାରତକୁ ହ୍ୟାଟ୍ରିକ୍ ଏସିଆନ୍ ଚାମ୍ପିଅନ୍ସ ଟ୍ରଫି

ମୋହାଲି, ୫।୧୧ (ଏଜେନ୍ସି): ହ୍ୟାଟ୍ରିକ ସହ ରେକର୍ଡ ଷଷ୍ଠଥର ଲାଗି ଭାରତ ଏସିଆନ ଚାମ୍ପିଅନ୍ସ ଟ୍ରଫି ପୁରୁଷ ହକିରେ ଚାମ୍ପିଅନ ହୋଇଛି। ଗୁରୁବାର ବଲ୍‌ବୀର ସିଂହ ଇଣ୍ଟରନ୍ୟାସନାଲ ହକି ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲରେ ଭାରତ ୪-୧ ଗୋଲରେ ଜାପାନକୁ ପରାସ୍ତ କରିଥିଲା। ଡିଫେଣ୍ଡିଂ ଚାମ୍ପିଅନ ଭାରତ ପକ୍ଷରୁ ଓଡ଼ିଆ ଖେଳାଳି ଶିଳାନନ୍ଦ ଲାକ୍ରା, ଦିଲପ୍ରୀତ୍ ସିଂହ, ଯୁଗରାଜ ସିଂହ ଓ ସୁଖଜିତ୍ ସିଂହ ଗୋଟିଏ ଲେଖାଏ ଗୋଲ୍‌ସ୍କୋର କରିଥିଲେ। ମ୍ୟାଚରେ ଜାପାନ ପ୍ରଥମାର୍ଦ୍ଧ ସୁଦ୍ଧା ୧-୦ ଗୋଲ୍‌ରେ ଅଗ୍ରଣୀ ରହିଥିଲା। ଘରୋଇ ଭାରତ ଦ୍ୱିତୀୟାର୍ଦ୍ଧରେ ଲଢୁଆ ପ୍ରଦର୍ଶନ କରି ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲା। ଭାରତ ଏଥିପୂର୍ବରୁ ୨୦୧୧, ୨୦୧୬, ୨୦୧୮, ୨୦୨୩ ଓ ୨୦୨୪ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଟାଇଟଲ୍ ଜିତିଥିଲା। ମାଲେସିଆ ୫-୨ ଗୋଲରେ ଦ.କୋରିଆକୁ ହରାଇ କାଂସ୍ୟ ପଦକ ହାସଲ କରିଛି।





ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।



✓ ପ୍ରଭାତ କୁମାର ପ୍ରଧାନ

ସୂତାହାଟ, ଖ୍ରୀଷ୍ଟିଆନ ସାହି, କଟକ

ଆବିର୍ଭାବ-୧୫.୦୨.୧୯୨୨
ତିରୋଧାନ-୨୨.୧୦.୨୦୨୨

ଆପଣଙ୍କ ଶ୍ରଦ୍ଧା ଓ ଆଶୀର୍ବାଦ ଆମ ଜୀବନରେ ପାଥେୟ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଅନନ୍ତକୋଟି ପ୍ରାର୍ଥନା।

ଶୋକସନ୍ତପ୍ତ : ଭାଇ-ପ୍ରଶାନ୍ତ, ଭାସ୍କର, ମେଘା, ସୁଇଟି, ଜିସ୍, କ୍ରିସ୍, ଶୋହାନୀ, ନିମୁ ଓ ଟୁଇନ୍‌ସିଟି ପରିବାର

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY